

ରୋମାଣ୍ଟିକ୍ ଫିଲ୍ମକୁ ଫେରିବେ ଶାହାରୁଖ୍

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-265 ♦TUESDAY ♦24 MARCH 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୬୫ ♦ମଙ୍ଗଳବାର ♦୨୪ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


### ଜୁନ୍‌ରେ ଗଠନ ହେବ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ କମିଟି

# ୭୦୦ ଟପିବ ଲୋକସଭା ଆସନ

## ୩୦ ଛୁଇଁବ ଓଡ଼ିଶାର ସଂସଦୀୟ କ୍ଷେତ୍ର, ୨୧୦ ହେବ ବିଧାନସଭା ଆସନ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩।୩ (ସମିସ): ଆସନ୍ତା ମାସରୁ ଦେଶରେ ଜନଗଣନା କାର୍ଯ୍ୟ ବିଧିବଦ୍ଧ ଆରମ୍ଭ ହେବ । ଏହି ଜନଗଣନା କାର୍ଯ୍ୟ କେବେ ସରିବ ଓ କେତେଦିନ ଚାଲିବ ତାହାର ନିଶ୍ଚିତତା ନାହିଁ । ତେଣୁ ଜନଗଣନା ରିପୋର୍ଟକୁ ଅପେକ୍ଷା ନ କରି ଆସନ୍ତା ୨୦୨୯ରେ ଦେଶରେ ପ୍ରସ୍ତାବିତ 'ଏକ ଦେଶ, ଏକ ନିର୍ବାଚନ' ପାଇଁ କେନ୍ଦ୍ର ସରକାର ଆରମ୍ଭ

- ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ
- ସଂସଦର ଚଳିତ ଅଧିବେଶନରେ ଆସିବ ସମ୍ବିଧାନ ସଂଶୋଧନ ବିଧେୟକ
- କୌଣସି ରାଜ୍ୟର ଆସନ ସଂଖ୍ୟାକୁ ପ୍ରଭାବିତ କରିବନି ଜନସଂଖ୍ୟା ହ୍ରାସବୃଦ୍ଧି

କରିଛନ୍ତି ପ୍ରସ୍ତୁତି । ୨୦୧୧ରେ ବିଭିନ୍ନ ରାଜ୍ୟରେ ରହିଥିବା ବିଧାନସଭା ଓ ଲୋକସଭା ଆସନ ସଂଖ୍ୟା ୫୦% ବୃଦ୍ଧି ପାଇଁ କେନ୍ଦ୍ର ସରକାର ଆପାତତଃ ଏକ ନକ୍ସା ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ଆସନ୍ତା ଜୁନ୍ ମାସରୁ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହେବ । ତେଣୁ ସମ୍ବିଧାନ ସଂଶୋଧନ କରାଯାଇ ସୀମା ନିର୍ଦ୍ଧାରଣ ନିମନ୍ତେ କମିଶନ ଗଠନ କରାଯିବ ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ କରିଛନ୍ତି ଯୋଜନା ।

ବିଶ୍ୱସ୍ତ ସୂତ୍ରରୁ ସୂଚନା ଅନୁସାରେ ସଂସଦର ଚଳିତ ଅଧିବେଶନରେ କେନ୍ଦ୍ର ସରକାର ସୀମା ନିର୍ଦ୍ଧାରଣ କମିଶନ ଆଇନରେ ସଂଶୋଧନ ପ୍ରସ୍ତାବ ଆଣିବେ । ଅନୁରୂପ ଭାବେ ୨୦୨୯ରୁ କାର୍ଯ୍ୟକାରୀ ହେବାକୁଥିବା ମହିଳା ସଂରକ୍ଷଣ ଆଇନରେ ମଧ୍ୟ ସଂଶୋଧନ ପ୍ରସ୍ତାବ ଆସିବ । ପ୍ରତ୍ୟେକ ରାଜ୍ୟରେ ଲୋକସଭା ଓ ବିଧାନସଭା ଆସନରେ ହାରାହାରି ୫୦% ବୃଦ୍ଧି କରାଯିବ ଏବଂ ସ୍ଥଳ ବିଶେଷରେ ୧୦%



ଆସନ ଏପଟସେପଟ ହୋଇପାରେ । ଏହାଦ୍ୱାରା ଜନସଂଖ୍ୟା ହ୍ରାସ ବୃଦ୍ଧି ଯୋଗୁଁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଆସନ ସଂଖ୍ୟା ହ୍ରାସ ନେଇ ଉପୁଜିଥିବା ଆଶଙ୍କା ଦୂର ହେବ ଏବଂ ୫୦% ଆସନ ବୃଦ୍ଧି ନୀତି ସାରା ଦେଶରେ କାର୍ଯ୍ୟକାରୀ ହେବ । ପୁନଶ୍ଚ ଲୋକସଭା ଓ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଜନଗଣନା ସହ ସଂଯୋଗ କରାଯିବ ନାହିଁ । ମାତ୍ର ମହିଳାମାନଙ୍କ ପାଇଁ ଉଭୟ ଲୋକସଭା ଓ ବିଧାନସଭାରେ ୩୩% ସଂରକ୍ଷଣ ରହିବ । ଅନୁରୂପ ଭାବରେ ସଂରକ୍ଷିତ ବର୍ଗ ନିମନ୍ତେ ଆସନ ମଧ୍ୟରେ ମହିଳାଙ୍କ ପାଇଁ ସଂରକ୍ଷଣକୁ ନିଶ୍ଚିତ କରାଯିବ, ଅର୍ଥାତ୍ ଅନୁସୂଚୀତ ଜାତି ଓ ଜନଜାତି ଆସନରୁ ୩୩% ଆସନ ସେହି ବର୍ଗର ମହିଳାଙ୍କ ପାଇଁ ସଂରକ୍ଷଣ କରାଯିବ । ତେବେ କେଉଁ ରାଜ୍ୟରେ କେଉଁ ଆସନ ମହିଳାଙ୍କ ପାଇଁ ସଂରକ୍ଷଣ ହେବ ସେଥିପାଇଁ ଲଟେରୀ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି ।

ସଂସଦୀୟ ଓ ବିଧାନସଭା କ୍ଷେତ୍ର ପୁନର୍ନିର୍ଦ୍ଧାରଣ ସତ୍ତ୍ୱେ ଜନଗଣନା ଜାରି ରହିବ ବୋଲି ମଧ୍ୟ ଯୋଜନା କରାଯାଇଛି । ଏହି ପରିପ୍ରେକ୍ଷୀରେ ସୀମା ନିର୍ଦ୍ଧାରଣ କମିଶନ ଆଇନ ଓ ମହିଳା ସଂରକ୍ଷଣ ଆଇନର ସଂଶୋଧନ ଆବଶ୍ୟକ ଥିବାରୁ ତାହାକୁ ଚଳିତ ଅଧିବେଶନରେ ଗୃହରେ ପାରିତ କରିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି । ଏହି ବିଧେୟକ ସଂସଦରେ ଗୃହୀତ ହେବା ପରେ ଜୁନ୍ ମାସରୁ ସୀମା ନିର୍ଦ୍ଧାରଣ କମିଶନ ଗଠନ ସହ ଲୋକସଭା ଓ ବିଧାନସଭା ଆସନର ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହେବ । କେନ୍ଦ୍ର ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଲେ ଓଡ଼ିଶାରେ ଲୋକସଭା ଆସନ ୧୪୭ରୁ ବୃଦ୍ଧି ପାଇ ୨୧୦ରୁ ୨୨୧ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି । ସେହିପରି ସଂସଦୀୟ କ୍ଷେତ୍ରଗୁଡ଼ିକର ସଂଖ୍ୟା ୨୧ରୁ ୩୧କୁ ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି । ସେହିପରି ମହିଳାମାନଙ୍କ ପାଇଁ ବିଧାନସଭାରେ ଅନ୍ୟୂନ ୭୦ଟି ଓ ଲୋକସଭାରେ ଅନ୍ୟୂନ ୧୦ଟି ଆସନ ସଂରକ୍ଷିତ ହେବାର ସମ୍ଭାବନା ରହିଛି ।

# ଧମକ ଦେଇ ନଇଁଲେ ଟ୍ରମ୍ପ

■ ତେହରାନ/ୱାସିଂଟନ, ୨୩।୩ (ଏଜେନ୍ସି): ୪୮ ଘଣ୍ଟା ଭିତରେ ହର୍ମୁଜ ସମୁଦ୍ର ପଥ ନଖୋଲିଲେ ଇରାନର ଶକ୍ତି ପ୍ରତିଷ୍ଠାନଗୁଡ଼ିକୁ ଧ୍ୱଂସ କରି ଦିଆଯିବ ବୋଲି ଧମକ ଦେଇଥିବା ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଆଜି ହଠାତ ନରମି ଯାଇଛନ୍ତି । ସେ କହିଛନ୍ତି ଯେ ଇରାନ ସହିତ କଥାବାର୍ତ୍ତା ଫଳପ୍ରଦ ହେଉଥିବାରୁ ଆଗାମୀ ୫ ଦିନ ପାଇଁ ଇରାନ ଶକ୍ତି ପ୍ରତିଷ୍ଠାନ ଉପରେ ଆମେରିକା ଆକ୍ରମଣ କରିବ ନାହିଁ । ଏହି



- ଇରାନର ଶକ୍ତି କେନ୍ଦ୍ରରେ ୫ ଦିନ ଯାଏ ହେବନି ଆକ୍ରମଣ
- ଟ୍ରମ୍ପଙ୍କୁ କଟାକ୍ଷ କଲା ଇରାନ: ଡରିଗଲେ ଆମେରିକା ରାଷ୍ଟ୍ରପତି
- ସମୁଦ୍ରରେ ମାଇନ ବିଛାଇ ଦେବାକୁ ଧମକ ଦେଲା ଇରାନ

କଥାବାର୍ତ୍ତା ଯୁଦ୍ଧ ବନ୍ଦ କରିବାରେ ସହାୟକ ହୋଇପାରେ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଇରାନ ଟ୍ରମ୍ପଙ୍କ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ଏବେ ଆମେରିକା ସହିତ କୌଣସି ପ୍ରକାର ଆଲୋଚନା ହେଉନାହିଁ । ପଡ଼ୋଶୀ ଦେଶ ଉପରେ ଆକ୍ରମଣ କରିବା ସହିତ ସମଗ୍ର ପାରସ୍ୟ ଉପସାଗରରେ ମାଇନ୍ସ ବିଛାଇବା ଲାଗି ଇରାନର ଧମକ ପରେ ଟ୍ରମ୍ପ ନଇଁଛନ୍ତି । ଏହାସହିତ ଇରାନ ପୁଣି ଧମକ ଦେଇଛି ଯେ ଏହାର ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ହେଲେ ଉପସାଗରୀୟ ଦେଶରେ ଆମେରିକାର ସାମରିକ ଘାଟି ନିକଟରେ ଥିବା ସମସ୍ତ ବିଦ୍ୟୁତ ଯୋଗାଣ କେନ୍ଦ୍ରକୁ ଧ୍ୱଂସ କରି ଦିଆଯିବ । ଏହାସହିତ ହର୍ମୁଜକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିଦିଆଯିବ ।

ହର୍ମୁଜକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ି ▶ପୃଷ୍ଠା-୭

## ହର୍ମୁଜ ମାର୍ଗ ବନ୍ଦକୁ ଗ୍ରହଣ କରାଯିବନି: ପ୍ରଧାନମନ୍ତ୍ରୀ

■ ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ମଧ୍ୟପ୍ରାଚ୍ୟ ସମେତ ସାରା ବିଶ୍ୱରେ ଶକ୍ତି ସଙ୍କଟ ସ୍ଥିତି ସୃଷ୍ଟି ହୋଇଛି । ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ବନ୍ଦ କରିବାକୁ ରାଜି ହେଉ ନ ଥିବାରୁ ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ଏପରି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଥର ପାଇଁ ଯୁଦ୍ଧ ସ୍ଥିତି



- ବେସାମରିକ ଶକ୍ତି ଠିକଣାରେ ଆକ୍ରମଣକୁ ବିରୋଧ
- ୪୧ ଦେଶରୁ ତୈଳ-ଗ୍ୟାସ ଆମଦାନୀ କରୁଛି ଭାରତ
- ସଙ୍କଟ ସମୟରେ ଏକଜୁଟ ହେବାକୁ ରାଜନୈତିକ ଦଳଙ୍କୁ ଅନୁରୋଧ

ଉପରେ ଆଜି ଲୋକସଭାରେ ତାଙ୍କର ମନ୍ତବ୍ୟ ରଖିଛନ୍ତି ।

ପଶ୍ଚିମ ଏସିଆ ଉତ୍ତେଜନା ବନ୍ଦ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହେଉ । ଏହାକୁ ନେଇ ପଶ୍ଚିମ ଏସିଆର ପ୍ରମୁଖ ନେତାମାନଙ୍କ ସହ କଥା ହୋଇଛି । ସମସ୍ତଙ୍କୁ ଉତ୍ତେଜନା ହ୍ରାସ ପାଇଁ ନିବେଦନ କରିଛି । ସେ କହିଲେ ଯେ ନାଗରିକ ଏବଂ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ଗ୍ରହଣଯୋଗ୍ୟ ନୁହେଁ । ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବାକୁ ମଧ୍ୟ ଗ୍ରହଣ କରାଯାଇପାରିବ ନାହିଁ । ଏହି ମାର୍ଗ ଦେଇ ▶ପୃଷ୍ଠା-୭

### ୫ ଦିନ ହେଲା ସ୍ୱାଭାବିକ ହୋଇ ପାରୁନାହିଁ ଗୃହ କାର୍ଯ୍ୟ

# ବିଧାନସଭାରେ ଜଳୁଛି ଏସ୍‌ସିବି ନିଆଁ

■ ଭୁବନେଶ୍ୱର,୨୩।୩(ସମିସ): ବିଧାନସଭାରେ ଜଳୁଛି ଏସ୍‌ସିବି ନିଆଁ । ପାଞ୍ଚ ଦିନ ହେଲା ଏହି ନିଆଁ ଲିଭିବାର ନାଁ ଧରୁନି । ୧୬ ତାରିଖରେ ଘଟିଥିବା ଏସସିବି ଅଗ୍ନିକାଣ୍ଡ ଘଟଣା ପରଠାରୁ ଲଗାତାର ଭାବେ ବିଧାନସଭାରେ ହଟ୍ଟଗୋଳ ଜାରି ରହିଛି । ବିରୋଧୀ ବିଜେଡି ଓ କଂଗ୍ରେସ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଓ ଏସ୍‌ସିବି ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଅଟଳ ରହିଛନ୍ତି । ଏପଟେ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଉ ନାହାନ୍ତି କି ସରକାର ଏସ୍‌ସିବି ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଯୋଗ୍ୟତା ନ ଥିବା ସତ୍ତ୍ୱେ ନିଯୁକ୍ତ ଭାରପ୍ରାପ୍ତ ଅଧୀକ୍ଷକଙ୍କୁ କାହିଁକି ସରକାର ଘଣ୍ଟ ଘୋଡ଼ାଉଛନ୍ତି, ତାହା ବିଭିନ୍ନ ମହଲରେ

- ଏସ୍‌ସିବି ଅଧୀକ୍ଷକଙ୍କୁ ସରକାର ସୁରକ୍ଷା ଦେଉଥିବା ସନ୍ଦେହ
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ିବସିଛନ୍ତି ବିରୋଧୀ
- ସର୍ବଦଳୀୟ ବୈଠକ ପରେ ବି ବାହାରି ପାରୁନି ନିଷ୍କର୍ଷ

ସନ୍ଦେହ ସୃଷ୍ଟି କରିଛି । ଏପରି ସମୟରେ ଗତକାଲି ଉଚ୍ଚସ୍ତରୀୟ ବଦଳି ସମୟରେ ଅଭିଯୋଗ ନ ଥିବା ଅନ୍ୟ ବରିଷ୍ଠ ଡ଼ାକ୍ତରମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାବେଳେ ଅଭିଯୁକ୍ତ ଭାରପ୍ରାପ୍ତ ଅଧୀକ୍ଷକଙ୍କୁ ସୁରକ୍ଷା ଦିଆଯିବା ଏହି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି । ଯାହା ଫଳରେ ବିଗତ ୪ ଦିନ ହେବ ବିଧାନସଭାରେ ଲାଗି ରହିଥିବା ସ୍ଥିତି ଆଜି ବି ପରିବର୍ତ୍ତନ ହୋଇ ନାହିଁ । ଆଜି ମଧ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଗୃହ କମ୍ପାଇଛନ୍ତି । ଫଳରେ ପ୍ରଶ୍ନକାଳ, ଶୂନ୍ୟକାଳ କିମ୍ବା ମୂଳତବୀ ପ୍ରସ୍ତାବ ଆଲୋଚନ ଧୋଇଯାଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ବିନା ବିରୋଧୀଙ୍କ ଉପସ୍ଥିତିରେ ଦୁଇଟି ବିଭାଗର ଖର୍ଚ୍ଚଦାବି ଆଲୋଚନା ପାରିତ ହୋଇଛି ।

ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରାଜ୍ୟ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

AGRICULTURAL PROGRAMMES
- B.Sc. (H) Agriculture
- M.Sc. Agriculture

APPROVAL & RECOGNITIONS
- Approved by UGC
- Accredited by ICAR
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ବିଷପିଇ ଯୁକ୍ତ ଦୁଇ ଛାତ୍ରଙ୍କ ଆତ୍ମହତ୍ୟା

■ ବାଲେଶ୍ୱର,୨୩।୩ (ସମିସ): ବାଲେଶ୍ୱର ଟାଉନଥାନା ଅର୍ନ୍ତଗତ ମଠସାହି ଅଞ୍ଚଳରେ ଥିବା ସ୍ୱସ୍ତିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଷ ପିଇ ଜଣେ ଯୁକ୍ତ ୨ ଛାତ୍ର ଆତ୍ମହତ୍ୟା କରିଛି । ମୃତକ ହେଲେ ବସ୍ତା ଥାନା ଅର୍ନ୍ତଗତ ଛାନୁଆ ଅଂଚଳର ଶ୍ରୀକୃଷ୍ଣ ମାଇତିଙ୍କ ପୁଅ ଭୀମ ମାଇତି (୧୭) । ଖବର ପାଇ ଟାଉନ ପୁଲିସ ▶ପୃଷ୍ଠା-୭

## କାନ୍ଥ ଭୁଶୁଡ଼ି ଶିଶୁକନ୍ୟା ମୃତ

■ ଭଦ୍ରକ, ୨୩।୩ (ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ କାଶୀପୁର ଗାଁରେ ରବିବାର ସନ୍ଧ୍ୟାରେ ନାରାୟଣ ବେହେରାଙ୍କ କୋଠାଘର ଛାତ ଉପରେ ନିର୍ମିତ ଅଧାକାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଛି । ଏଥିରେ ମୃତ ଶିଶୁକନ୍ୟାର ମାଆ ଓ ବଡ଼ ଭଉଣୀ ଗୁରୁତର ଆହତ ହୋଇଛନ୍ତି । ▶ପୃଷ୍ଠା-୭








ସକାଳ
THE SAKALA
www.sakalaepaper.com

## ଇରାନ-ଆଜରବୈଜାନ ସୀମାରେ ଫସିଛନ୍ତି ୧୮୦ ଭାରତୀୟ ଛାତ୍ର

ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି): ଯୁଦ୍ଧ ପାଇଁ ପ୍ରତ୍ୟେକ ଦିନ ପୂର୍ବପେକ୍ଷା ଅଧିକ କଠିନ ହେବାରେ ଲାଗିଛି। ନା ଶାନ୍ତିରେ ଶୋଇପାରୁଛୁ, ନା ବଞ୍ଚିପାରୁଛୁ। ଖାଦ୍ୟ ପାଇଁ ମଧ୍ୟ ସଂଘର୍ଷ କରିବାକୁ ପଡୁଛି। ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏବେ ନିଜକୁ ସମ୍ପୂର୍ଣ୍ଣ ଅସହାୟ ଅନୁଭବ କରୁଛୁ। ଆଗକୁ କ'ଣ ହେବାକୁ ଯାଉଛି, ତାହା ମଧ୍ୟ ଆମେ ଜାଣିନାହୁଁ। ଇରାନ ଏବଂ ଆଜରବୈଜାନ ସୀମାରେ ଫସିଥିବା ଭାରତୀୟ ଛାତ୍ରଛାତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ଇରାନରେ ମେଡିକାଲ ପଢୁଥିବା କଶ୍ମୀରର ଫଲକ ନିଜ ଘରକୁ ଫେରିପାରୁ ନାହାନ୍ତି। ସେ ତେହେରାନରୁ ସୁରକ୍ଷିତ ଭାବେ ବାହାରି ଆସିଥିବାବେଳେ ସୀମାରେ ଥିବା ଅସ୍ତାରା ଚେକ୍ ପୋଷ୍ଟ ନିକଟରେ ଫସି ରହିଛନ୍ତି। ଏଠାରେ ପ୍ରାୟ ୧୮୦ ଜଣ ଭାରତୀୟ ଛାତ୍ରଛାତ୍ରୀ ଫସି ରହିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଦୂତାବାସ ପକ୍ଷରୁ ଟିକେଟ୍ ଏବଂ ଭିସା କରିବାକୁ କୁହାଯାଇଥିଲା। ଏହା ପରେ କୋମ୍ ସହରରୁ ଉଦ୍ଧାରକାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଅଜରବୈଜାନ ସୀମାକୁ ଆସି ସେମାନେ ଫସିଗଲେ। ନା ସେମାନେ 'କଣ୍ଟ୍ରି କୋଡ୍' ପାଇଲେ ନା ଘରକୁ ଫେରିପାରିଲେ। ବୁକ୍ କରିଥିବା ବିମାନ ଟିକେଟ୍ ଗୁଡ଼ିକ ମଧ୍ୟ ବେକାର ହୋଇଗଲା, କିନ୍ତୁ ଦୂତାବାସ ପକ୍ଷରୁ କୌଣସି ଉତ୍ତର ବି ଦିଆଯାଇ ନ ଥିଲା।

## ଆମେରିକା ବିମାନବନ୍ଦରରେ ବିମାନ-ଟ୍ରକ୍ ମୁହାଁମୁହିଁ ଧକ୍କା; ୨ ପାଇଲଟ ମୃତ

ନ୍ୟୁୟର୍କ, ୨୩।୩(ଏଜେନ୍ସି): ନ୍ୟୁୟର୍କର ଲାଗୁଆର୍ଡିଆ ବିମାନବନ୍ଦରରେ ଏୟାର କାନାଡ଼ା ଏକ୍ସପ୍ରେସ୍‌ର ଏକ ବିମାନ ଅବତରଣ ସମୟରେ ଏକ ଅଗ୍ନିଶମ ଟ୍ରକ୍ ସହ ଧକ୍କା ହେବା ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ବିମାନର ପାଇଲଟ ଓ କୋ- ପାଇଲଟଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ବିମାନରେ ମୋଟ୍ ୭୬ ଜଣ ଯାତ୍ରୀ ଓ ୪ ଜଣ କ୍ରୁ ସଦସ୍ୟ ଥିଲେ। କାନାଡ଼ାର ମଣ୍ଟ୍ରିଲରୁ ଆସୁଥିବା ଏହି ସିଆରଜେ- ୯୦୦ ବିମାଟି ଅବତରଣ ବେଳେ ଟ୍ରକ୍‌କୁ ଧକ୍କା ଦେଇଥିଲା। ଏୟାରେ ଟ୍ରଫିକ କଣ୍ଟ୍ରୋଲର ଉଭୟ ବିମାନ ଓ ଟ୍ରକ୍‌କୁ ଅଟକିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହି ଦୁର୍ଘଟଣାକୁ ରୋକି ପାରି ନ ଥିଲେ। ଧକ୍କା ଏତେ ଥିଲା ଯେ, ବିମାନର ସମ୍ମୁଖ ଭାଗ ବା ନୋଜ ସମ୍ପୂର୍ଣ୍ଣ ଭାବେ ଛିଡ଼ି ଅଲଗା ହୋଇଯାଇଛି। ଫ୍ଲାଇଟ ରାଡାର ଅନୁଯାୟୀ, ଧକ୍କା ସମୟରେ ବିମାନର ବେଗ ଘଣ୍ଟାପ୍ରତି ପ୍ରାୟ ୩୯ କିମି ଥିଲା। ଏହି ଘଟଣା ପରେ ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫ୍‌ଏଏ) ଲାର୍ଗୁଆର୍ଡିଆ ବିମାନବନ୍ଦରରେ ସମସ୍ତ ବିମାନ ଚଳାଚଳକୁ ସାମୟିକ ଭାବେ ବନ୍ଦ କରିଦେଇଛି। ଅନେକ ବିମାନକୁ ଅନ୍ୟ ବିମାନବନ୍ଦରକୁ ପଠାଇ ଦିଆଯାଇଛି। ଆମେରିକାର ବିମାନ ଚଳାଚଳ କର୍ତ୍ତୃପକ୍ଷ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ସରକାରୀ ଅଧିକାରୀଙ୍କ ଆତ୍ମହତ୍ୟା ମାମଲା: ପଞ୍ଜାବ ପୂର୍ବତନ ମନ୍ତ୍ରୀ ଗିରଫ

ଚଣ୍ଡିଗଡ଼, ୨୩।୩(ଏଜେନ୍ସି): ପଞ୍ଜାବ ଷ୍ଟେଟ ଓୟାର ହାଉସିଂ କର୍ପୋରେସନର ଜଣେ ଅଧିକାରୀଙ୍କ ଆତ୍ମହତ୍ୟା ମାମଲାରେ ପଞ୍ଜାବର ପୂର୍ବତନ ମନ୍ତ୍ରୀ ଲାଲଜିତ ସିଂହ ଭୁଲ୍ଲରଙ୍କୁ ପୁଲିସ ଗିରଫ କରିଛି। ଅମୃତସର ଜିଲ୍ଲା ମ୍ୟାନେଜର ଗଗନଦୀପ ସିଂହ ରାନ୍ଧୱା ବିଷପାନ କରି ଆତ୍ମହତ୍ୟା କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମୃତ୍ୟୁ ପୂର୍ବରୁ ଗଗନଦୀପ ଏକ ଭିଡ଼ିଓ ଜାରି କରିଥିଲେ, ଯେଉଁଥିରେ ସେ ମନ୍ତ୍ରୀଙ୍କ ଦ୍ୱାରା ହେଉଥିବା ମାନସିକ ନିର୍ଯାତନା ବିଷୟରେ ଅଭିଯୋଗ କରିଥିଲେ। ଏକ ସିସିଟିଭି କ୍ଲିପ୍‌ରେ ସେ ବିଷପାନ କରୁଥିବାର ମଧ୍ୟ ଦେଖାଦେଇଛି। ଗଗନଦୀପଙ୍କ ପତ୍ନୀ ଅଭିଯୋଗ କରିଛନ୍ତି ଯେ ମନ୍ତ୍ରୀଙ୍କ ବାପାଙ୍କୁ ଏକ ଟେଣ୍ଡର ଦେବା ପାଇଁ ତାଙ୍କ ସ୍ୱାମୀଙ୍କ ଉପରେ ଚାପ ପକାଯାଉଥିଲା। ଏପରିକି ବନ୍ଧୁକ ଦେଖାଇ ଧମକ ଦିଆଯିବା ସହ ଅପମାନିତ କରାଯାଇଥିଲା। ପରିବାର ଲୋକେ ୨୪ ଘଣ୍ଟା ମଧ୍ୟରେ ଗିରଫଦାରୀ ପାଇଁ ସରକାରଙ୍କୁ ଚେତାବନୀ ଦେଇଥିଲେ ଏବଂ ଗିରଫ ନହେବା ପର୍ଯ୍ୟନ୍ତ ଶବ ସତ୍କାର କରିବାକୁ ମନା କରିଦେଇଥିଲେ। ମୁଖ୍ୟମନ୍ତ୍ର ଭଗୱନ୍ତ ମାନ ଏହି ଘଟଣାର ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦେବା ସହ ଭୁଲ୍ଲରଙ୍କ ଇସ୍ତଫା ଗ୍ରହଣ କରିଛନ୍ତି। କଂଗ୍ରେସ ସାଂସଦ ଗୁରଜିତ ସିଂହ ଅଜଲା ଏହି ପ୍ରସଙ୍ଗକୁ ଲୋକସଭାରେ ଉଠାଇଥିଲେ। କେନ୍ଦ୍ର ସରକାରଙ୍କ ଚାପ ଓ ସିବିଆଇ ତଦନ୍ତ ଭୟରେ ହିଁ ମୁଖ୍ୟମନ୍ତ୍ରୀ ଏହି ଗିରଫଦାରୀ କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ପଞ୍ଜାବ ବିଜେପି ସଭାପତି ସୁନୀଲ ଜାଖର କହିଛନ୍ତି।

## ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ ଗଠନ କରିବେ ଚତୁରଙ୍ଗିଣୀ ସେନା

ବାରାଣସୀ, ୨୩।୩(ଏଜେନ୍ସି): ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ସୋମବାର 'ଚତୁରଙ୍ଗିଣୀ ସେନା' ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସେନାରେ ସମୁଦାୟ ୨, ୧୮, ୭୦୦ ସୈନିକ ରହିବେ। ଏହି ସେନାର ରୂପରେଖ ଓ କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ରୂପେ ଭିନ୍ନ ହେବ। ସେନାର ସଦସ୍ୟମାନେ ହଳଦିଆର ରଙ୍ଗର ପୋଷାକ ପିନ୍ଧିବେ ଓ ସେମାନଙ୍କ ହାତରେ ପରଶୁ ଅର୍ଥାତ ଫାର୍ସା ରହିବ। ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ, ଏହି ସେନା 'ଟୋକୋ, ରୋକୋ ଏବଂ ଠୋକୋ' ଅର୍ଥାତ ଟୋକିବା, ରୋକିବା ଏବଂ ଦଣ୍ଡ ଦେବା ନୀତିରେ କାର୍ଯ୍ୟ କରିବ। ଏଠାରେ ଠୋକୋର ଅର୍ଥ କେବଳ ପ୍ରହାର କରିବା ନୁହେଁ, ବରଂ ଆଇନଗତ ମକଦ୍ଦମା, ଅଭିଯୋଗ ଏବଂ ପଞ୍ଚାୟତ ମାଧ୍ୟମରେ ସାମ୍ବିଧାନିକ ଉପାୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଏଥିପାଇଁ 'ଶ୍ରୀ ଶଙ୍କରାଚାର୍ଯ୍ୟ ଚତୁରଙ୍ଗଣୀ ସଭା' ଗଠନ କରାଯାଇଛି, ଯେଉଁଥିରେ ୨୭ଜଣ ସଦସ୍ୟ ରହିବେ। ପ୍ରତି ଦଳରେ ୧୦ ଜଣ ସଦସ୍ୟ ରହିବେ ଓ ସାରା ଦେଶରେ ଏଭଳି ୨୧, ୮୭୦ଟି ଦଳ ଗଠନ କରାଯାଇ ସୈନ୍ୟ ବାହିନୀ ପ୍ରସ୍ତୁତ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଆଦି ଶଙ୍କରାଚାର୍ଯ୍ୟ ଐତିହାସିକ ଭାବେ ହିନ୍ଦୁ ଧର୍ମର ରକ୍ଷା ପାଇଁ ୧୩ଟି ଅଖାଡ଼ା ଗଠନ କରିଥିଲେ। ସନାତନ ତଥା ହିନ୍ଦୁ ଧର୍ମର ଧାର୍ମିକ ସ୍ଥଳଗୁଡ଼ିକର ପବିତ୍ରତା ରକ୍ଷା କରିବା ପାଇଁ ଅଣ-ହିନ୍ଦୁଙ୍କ ପ୍ରବେଶ ଉପରେ ରୋକ ଲାଗାଇବାକୁ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି।



# ଇସ୍ରାଏଲରେ ଇରାନର କ୍ଲଷ୍ଟର ବୋମାମାଡ଼

ତେହରାନ, ୨୩।୩ (ଏଜେନ୍ସି): ଇରାନ ରବିବାର ରାତିରେ ଇସ୍ରାଏଲର ରାଜଧାନୀ ତେଲ୍ ଆଭିଭ୍ ସମେତ ଅନେକ ସହର ଉପରେ କ୍ଲଷ୍ଟର ବୋମା ମାଡ଼ କରିଛି। ଏହି ଆକ୍ରମଣରେ ପ୍ରାୟ ୧୫ ଜଣ ଆହତ ହୋଇଛନ୍ତି। ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଅନେକ ଘର ଏବଂ ରାସ୍ତାଘାଟ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହାର ଜବାବରେ ଇସ୍ରାଏଲ୍ ସୋମବାର ଇରାନର ରାଜଧାନୀ ତେହରାନରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଆମେରିକାରେ ଇସ୍ରାଏଲର ରାଷ୍ଟ୍ରଦୂତ ୟେଚିଏଲ୍ ଲିଟର୍ କହିଛନ୍ତି ଯେ ଯେପର୍ଯ୍ୟନ୍ତ ଇରାନକୁ ସମ୍ପୂର୍ଣ୍ଣ ପରାସ୍ତ କରାଯାଇ ନାହିଁ, ସେପର୍ଯ୍ୟନ୍ତ ଇସ୍ରାଏଲ୍ ତା'ର ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିବ। ଇସ୍ରାଏଲ୍ ଏପରି ଏକ ଦେଶ ସହିତ ରହିପାରିବ ନାହିଁ, ଯିଏ ଦେଶ ଉପରେ କ୍ରମାଗତ ଭାବେ ଆକ୍ରମଣ କରୁଛି। ଅନ୍ୟପଟେ ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ କହିଛନ୍ତି ଯେ କୌଣସି ବି ଆକ୍ରମଣର ଜବାବ ଯୁଦ୍ଧ ମଇଦାନରେ ଦିଆଯିବ। ଯଦି ଇରାନର ପରମାଣୁ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ୍ କରାଯାଏ, ତେବେ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦିଆଯିବ।

ମଧ୍ୟ ପ୍ରାଚ୍ୟରେ ଉତ୍ତେଜନା ମଧ୍ୟରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପରିହାସ କରିଛି। 'ତୁମକୁ ଚାକିରିରୁ ବାହାର କରିଦିଆଗଲା' ବୋଲି କୁହାଯାଇଛି। ଏହା ଟ୍ରମ୍ପଙ୍କ ପୁରୁଣା ଟିଭି ଶୋ 'ଦି ଆପ୍ରେଣ୍ଟିସ୍'ର ଏକ ପ୍ରସିଦ୍ଧ ସଂଳାପର ନକଲ। ସୂଚନା ଅନୁଯାୟୀ, ଟ୍ରମ୍ପ ଇରାନକୁ ହର୍ମୁଜ ଖୋଲିବା ପାଇଁ ୪୮ ଘଣ୍ଟାର ସମୟ ଦେଇଥିଲେ। ଏହାର ଜବାବରେ ଇରାନ ମଧ୍ୟ କଡ଼ା ଚେତାବନୀ ଦେଇଥିଲା। ଇରାନର ସାମରିକ ପ୍ରବକ୍ତା ଇବ୍ରାହିମ ଜୋଲଫକାରି କହିଛନ୍ତି ଯେ ଯଦି ଇରାନର ଶକ୍ତି କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ ହୁଏ, ତେବେ ସେମାନେ ମଧ୍ୟ ଆମେରିକା ସହ ଜଡ଼ିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉପରେ ଆକ୍ରମଣ କରିବେ। ଅନ୍ୟପଟେ ହର୍ମୁଜ ଖୋଲିବା ନେଇ ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଏବଂ ଟ୍ରମ୍ପଙ୍କ ମଧ୍ୟରେ ଫୋନ ବାର୍ତ୍ତାଳାପ ହୋଇଛି। ଉଭୟ ନେତା ରବିବାର ରାତିରେ ଆଲୋଚନା କରିଥିଲେ ବୋଲି ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ବିଶ୍ୱରେ ଶକ୍ତି ଯୋଗାଣରେ ସ୍ଥିରତା ଆଣିବା ପାଇଁ ହର୍ମୁଜ ଖୋଲିବା ଜରୁରୀ ବୋଲି ଉଭୟେ ମତ ଦେଇଥିଲେ। ସେହିପରି ରୁଷ ମଧ୍ୟ ଆଲୋଚନା ମାଧ୍ୟମରେ ଯୁଦ୍ଧ ବନ୍ଦ କରିବାକୁ ଆହ୍ୱାନ ଦେଇଛି। ଏହାରି ମଧ୍ୟରେ ୟୁନାଇଟେଡ ଆରବ ଏମିରେଟ୍ସର ଜଣେ ବରିଷ୍ଠ ଅଧିକାରୀ ଆରବ ଏବଂ ଇସଲାମିକ ଦେଶଗୁଡ଼ିକ ସମାଲୋଚନା କରିଛନ୍ତି। ଏଭଳି କଠିନ ସମୟରେ ଉପସାଗରୀୟ ଦେଶକୁ ସହାୟତା କରାଯାଉ ନାହିଁ ବୋଲି କହିଛନ୍ତି। ୟୁଏଇ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ଅନୱର ଗର୍ଗାଶ କହିଛନ୍ତି ଯେ ଦେଶ ଏବଂ ଲୋକଙ୍କ ଉପରେ ଇରାନ ଆକ୍ରମଣ କରୁଥିବାବେଳେ ଆରବ ଲିଗ୍ ଏବଂ ଇସଲାମିକ ସହଯୋଗ ସଂଗଠନ ଭଳି ସଂସ୍ଥା କୁଆଡେ ଯାଇଛନ୍ତି? ବଡ଼ ଆରବ ଦେଶ ଏବଂ ଆଞ୍ଚଳିକ ଦେଶ କୁଆଡେ ଗଲେ ବୋଲି ପଚାରିଛନ୍ତି।



■ ତେଲ୍ ଆଭିଭ୍ ସମେତ ଅନେକ ସହର କ୍ଷତିଗ୍ରସ୍ତ
■ ଇସ୍ରାଏଲର ମଧ୍ୟ ପ୍ରଚଣ୍ଡ ପ୍ରତିଆକ୍ରମଣ

## ଟ୍ରମ୍ପଙ୍କ 'ବୋର୍ଡ ଅଫ୍ ପିସ୍'କୁ ଅର୍ଥ ଦେବନି ଇଣ୍ଡୋନେସିଆ



ଜାକର୍ତ୍ତା, ୨୩।୩(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଘଟଣାକ୍ରମରେ, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋବୋ ସବୁବିୟାନ୍ତୋ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ବୋର୍ଡ ଅଫ୍ ପିସ୍'ର ସ୍ଥାୟୀ ସଦସ୍ୟତା ପାଇଁ ୧ ବିଲିୟନ ଡଲାର ଅର୍ଥାତ ପ୍ରାୟ ୮, ୩୦୦ କୋଟିରୁ ଅଧିକ ଟଙ୍କା ଦେବାକୁ ସିଧାସଳଖ ମନା କରିଦେଇଛନ୍ତି। ଇଣ୍ଡୋନେସିଆ କେବଳ ଶାନ୍ତି ରକ୍ଷାକାରୀ ସୈନ୍ୟ ପ୍ରେରଣ ପାଇଁ ପ୍ରତିଶ୍ରୁତି ଦେଇଛି, କୌଣସି ଆର୍ଥିକ ଅନୁଦାନ ପାଇଁ ନୁହେଁ ବୋଲି ପ୍ରବୋବୋ କହିଛନ୍ତି। ଏହି ବୋର୍ଡର ସ୍ଥାୟୀ ସଦସ୍ୟତା ହାସଲ କରିବାକୁ ହେଲେ ଦେଶଗୁଡ଼ିକୁ ୧ ବିଲିୟନ ଡଲାର ଦେବାକୁ ପଡୁଛି। ଏହାକୁ ନେଇ ସମାଲୋଚକମାନେ କହିଛନ୍ତି ଯେ ଏହା ମାଧ୍ୟମରେ ମିଳିତ ଜାତିସଂଘର ପରିଷଦ ଭଳି ଏକ ସଂସ୍ଥାକୁ 'ଟଙ୍କା ଦେଇ ସଦସ୍ୟତା' ପାଇବା ଭଳି ପରିସ୍ଥିତି ସୃଷ୍ଟି କରାଯାଉଛି। ଗାଜାରେ ଶାନ୍ତି ରକ୍ଷା ପାଇଁ ଇଣ୍ଡୋନେସିଆ ୮, ୦୦୦ ସୈନ୍ୟ ପଠାଇବାକୁ ସମ୍ମତି ଜଣାଇଛି। ମାତ୍ର ଦେଶରେ ଥିବା ମୁସ୍‌ଲିମ୍ ସଂଗଠନଗୁଡ଼ିକ ଏହି ବୋର୍ଡରେ ସାମିଲ ହେବାକୁ ନେଇ ପ୍ରବୋବୋଙ୍କୁ ସମାଲୋଚନା କରୁଛନ୍ତି। ପ୍ରବୋବୋ କହିଛନ୍ତ ଯେ ସେ କୌଣସି ଆର୍ଥିକ ପ୍ରତିଶ୍ରୁତି ଦେଇନାହାନ୍ତି। ଯଦି ଏହି ବୋର୍ଡ ପାଲେଷ୍ଟାଇନ୍ ହିତ ପାଇଁ କାମ ନକରେ, କିମ୍ବା ଇଣ୍ଡୋନେସିଆ ଜାତୀୟ ସ୍ୱାର୍ଥ ବିରୋଧରେ ଯାଏ, ତେବେ ସେ ଏଥିରୁ ଓହରିଯିବେ। ଉଲ୍ଲେଖଥାଉ କି, ଗାଜାରେ ଦୁଇବର୍ଷର ଭୟଙ୍କର ଯୁଦ୍ଧ ପରେ, ଗତ ଅକ୍ଟୋବରରେ ଆମେରିକା, କାତାର ଓ ଇଜିପ୍ଟ ମଧ୍ୟସ୍ଥତାରେ ହୋଇଥିବା ଅସ୍ତ୍ରବିରତି ପରେ ଏହି ବୋର୍ଡ ଗଠନ କରାଯାଇଛି। ଏହାର ପ୍ରଥମ ବୈଠକ ୱାସିଂଟନରେ ବସିଥିଲା।

## ତାମିଲନାଡୁ: ବିଜେପି ପାଇଁ ୨୭ ଆସନ ଛାଡ଼ିଲା ଆନ୍ନାଡିଏମ୍‌କେ

ଚେନ୍ନଇ, ୨୩।୩(ଏଜେନ୍ସି): ଆସନ୍ତା ଏପ୍ରିଲ ୨୩ରେ ଅନୁଷ୍ଠିତ ହେବାକୁ ଯାଉଥିବା ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ଆସନ ବଣ୍ଟନ ଘୋଷଣା କରାଯାଇଛି। ଚେନ୍ନାଇସ୍ଥିତ ଏଆଇଏଡିଏମ୍‌କେ ମୁଖ୍ୟାଳୟରେ କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଏଆଇଏଡିଏମ୍‌କେ ମୁଖ୍ୟ ଏଡାପାଡ଼ି କେ ପାଲାନିସ୍ୱାମୀଙ୍କ ମଧ୍ୟରେ ଏନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ନିର୍ବାଚନୀ ବୁଝାମଣା ଅନୁଯାୟୀ ଏଆଏଡିଏମ୍‌କେ ନିଜ ପାଖରେ ସିଂହଭାଗ ଆସନ ନିଜ ପାଖରେ ରଖିଥିବା ବେଳେ ଅନ୍ୟ ସହଯୋଗୀ ଦଳଗୁଡ଼ିକୁ ଅଳ୍ପ ସଂଖ୍ୟାକ ଆସନ ଦେଇଛି। ତାମିଲନାଡୁରେ ମୋଟ୍ ୨୩୪ଟି ଆସନର ରହିଛି। ଏଆଇଏଡିଏମ୍‌କେ ନିଜ ପାଖରେ ୧୭୮ଟି ଆସନ ରଖିଛି। ଏହି କ୍ରମରେ ଭାରତୀୟ ଜନତା ପାର୍ଟି (ବିଜେପି) କୁ ୨୭, ପାଟ୍ଟାଲି ମକ୍କାଲା କାଚି (ପିକେଏମ୍) ପାର୍ଟିକୁ ୧୮ ଓ ଆମ୍ମା ମକ୍କାଲ ମୁନ୍ନେତ୍ରା ପାଝାଗମ (ଏଏମ୍ଏମ୍‌କେ)କୁ ୧୧ଟି ଆସାନ ଦିଆଯାଇଛି। ଏହି ମେଣ୍ଟର ବିଜୟକୁ ନେଇ ଏଆଇଏଡିଏମ୍‌କେ ମୁଖ୍ୟ ଏହପାଲି କେ ପାଲାନିସ୍ୱାମୀ ବେଶ୍ ଆଶାବାଦୀ ଅଛନ୍ତି। ଏଆଇଏଡିଏମ୍‌କେ ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ସେ ଅତ୍ୟନ୍ତ ଆତ୍ମବିଶ୍ୱାସର ସହ କହିଛନ୍ତି। ସେ ବିରୋଧି ଡିଏମ୍‌କେ ଉପରେ କଟାକ୍ଷ କରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ଏନ୍‌ଡିଏର ଶକ୍ତିକୁ ଦେଖି ଭୟଭୀତ ଅଛନ୍ତି। ପୀୟୂଷ ଗୋୟଲ କହିଛନ୍ତି ଯେ ଡିଏମ୍‌କେ- କଂଗ୍ରେସ ମେଣ୍ଟକୁ ତାମିଲନାଡୁବାସୀ ପ୍ରତ୍ୟାଖ୍ୟାନ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗ ଦର୍ଶନ ଓ ପାଲାନିସ୍ୱାମୀଙ୍କ ନେତୃତ୍ୱରେ ତାମିଲନାଡୁ ଏକ ବିକାଶମୁଖୀ ସରକାର ଗଠନ ହେବ ବୋଲି ସେ ଦାବି କରିଛନ୍ତି। ସେହିପରି ପୁଡୁଚେରୀରେ ଏପ୍ରିଲ ୯ରେ ୩୦ଟି ସିଟ୍ ପାଇଁ ନିର୍ବାଚନ ହେବ।

## ଆମୋନିଆ ଷ୍ଟୋରେଜ ଟ୍ୟାଙ୍କ୍‌ରେ ବିସ୍ଫୋରଣ; ୪ ଶ୍ରମିକ ମୃତ

ଲକ୍ଷ୍ନୌ, ୨୩।୩ (ଏଜେନ୍ସି): ଉତ୍ତର ପ୍ରଦେଶ ପ୍ରୟାଗରାଜ ଜିଲ୍ଲା ଫାପାମଉରେ ସୋମବାର ଦ୍ୱିପହରେ ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ଏକ ଶୀତଳ ଭଣ୍ଡାରରେ ଆମୋନିଆ ଷ୍ଟୋରେଜ ଟ୍ୟାଙ୍କରେ ବିସ୍ଫୋରଣ ହୋଇଛି। ଏହା ଫଳରେ ଶୀତଳ ଭଣ୍ଡାରର ଏକ କୋଠା ଭୁଶୁଡ଼ି ଯାଇଛି। ଏହି ଦୁର୍ଘଟଣାରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ତିନି ଜଣ ବିହାରର ଏବଂ ଅନ୍ୟ ଜଣେ ପ୍ରୟାଗରାଜର ବାସିନ୍ଦା। ୧୨ ଜଣ ଶ୍ରମିକ ମଧ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଭୟର ବାତାବରଣ ଖେଳି ଯାଇଥିଲା। ଲୋକେ ଚିତ୍କାର କରିବାକୁ ଲାଗିଥିଲେ। ଅବଶେଷ ତଳେ ପ୍ରାୟ ୨୦ ଜଣ ଶ୍ରମିକ ଫସି ରହିଥିଲେ। ସୂଚନା ମିଳିବା ମାତ୍ରେ ପୁଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ୭ ଜେସିବିକୁ ଉଦ୍ଧାରକାର୍ଯ୍ୟରେ ଲଗା ଯାଇଥିଲା। ମାତ୍ର ଆମୋନିଆ ଗ୍ୟାସ୍ ଲିକ ହେବାରୁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇଥିଲା। ଏସଡିଆରଏଫ ଏବଂ ଏନଡିଆରଏଫ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି। ଏହି ଶୀତଳ ଭଣ୍ଡାର ସମାଜବାଦୀ ପାର୍ଟି ନେତା ତଥା ପୂର୍ବତନ ମନ୍ତ୍ରୀ ଅନ୍‌ସାର ଅହମ୍ମଦଙ୍କର। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଆମୋନିଆ ଗ୍ୟାସ ଟ୍ୟାଙ୍କ ବିସ୍ଫୋରଣ ହେବାରୁ କୋଠାର ପିଲାର ଭୁଶୁଡ଼ି ଯାଇଥିଲା। ଅନ୍ୟପଟେ ଆମୋନିଆ ଗ୍ୟାସ ୧ କିମି ପର୍ଯ୍ୟନ୍ତ ବ୍ୟାପିଗଲାଣି। ଅଧିକାଂଶ ଲୋକେ ମହୁଁରେ ଗାମୁଛା ବାନ୍ଧିଛନ୍ତି। ଏହି ଦୁର୍ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପୁଲିସକୁ ମଧ୍ୟ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ସୂଚନା ଅନୁଯାୟୀ, ୨୭ ବର୍ଷ ତଳର ଏହି ଶୀତଳ ଭଣ୍ଡାର ଦୁର୍ବଳ ହୋଇ ଯାଇଥିଲା। ପ୍ରାୟ ୧୦ ହଜାର ଫୁଟର ଏକ କୋଠା ଭୁଶୁଡ଼ି ଯାଇଛି। ଏହି ସମୟରେ ୧୦୦ରୁ ଅଧିକ ଲୋକ କାମ କରୁଥିଲେ। କିଛି ଶ୍ରମିକ ଭୋଜନ ପ୍ରସ୍ତୁତ କରୁଥିବାବେଳେ ଆଉ କିଛି ବିଶ୍ରାମ ନେଉଥିଲେ। ଏହି ମାମଲାରେ ଶୀତଳ ଭଣ୍ଡାରର ମ୍ୟାନେଜର ଏବଂ ଅନସାର ଅହମ୍ମଦଙ୍କ ପରିବାରର ଅନେକ ସଦସ୍ୟଙ୍କୁ ଗିରଫ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହାକୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଉଭୟେ ମୃତକଙ୍କ ପରିବାର ସଦସ୍ୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଦେବାକୁ ଘୋଷଣା କରିଛନ୍ତି।

## ୨ ସ୍ତ୍ରୀ, ୧୮ ସନ୍ତାନଙ୍କ ବାପାକୁ ମାରିଲା ବିବାହିତ ପ୍ରେମିକା

ଲକ୍ଷ୍ନୌ, ୨୩।୩ (ଏଜେନ୍ସି): ଦୁଇ ଜଣ ମହିଳାଙ୍କୁ ବିବାହ କରିଥିଲେ। ଉଭୟଙ୍କ ଔରସରୁ ୧୮ ସନ୍ତାନ ଜାତ ହୋଇଥିଲେ। ଦୁଇ ଦୁଇଟି ପତ୍ନୀ ଥାଇ ମନକୁ ପୁଣି ଶାନ୍ତି ମିଳିଲାନି ଯେ ବିବାହିତ ମହିଳାଙ୍କ ପ୍ରେମରେ ପଡ଼ିଗଲେ। ସମ୍ପର୍କ ଅଧିକ ନିବିଡ଼ ହେବାରୁ ପରକୀୟାପ୍ରୀତି ସୃଷ୍ଟି ହୋଇଥିଲା। ଉଭୟଙ୍କ ମଧ୍ୟରେ ଅବୈଧ ସମ୍ପର୍କ ରହିଥିଲା। ମାତ୍ର ସବୁ ଦିନ ନ ସାକ୍ଷାତ ନ କରିବାରୁ ମହିଳାଙ୍କ ଉପରେ ଚାପ ପକାଇ ଥିଲେ। ବ୍ଲାକମେଲ କରିବାକୁ ଲାଗିଥିଲେ। ଏଥିରେ ଅତିଷ୍ଠ ହୋଇ ବିବାହିତ ପ୍ରେମିକା ନିଜ ଭାଇ ସହ ମିଶି ପ୍ରେମିକକୁ ଲୁହା ଛଡ଼ରେ ପିଟି ପିଟି ହତ୍ୟା କରିଥିଲା। ମୃତଦେହକୁ ବସ୍ତାରେ ବାନ୍ଧି କେନାଲରେ ଫୋପାଡ଼ି ଥିଲା। ଉତ୍ତର ପ୍ରଦେଶ ସୁମେରପୁର ଅଞ୍ଚଳରେ ଏଭଳି ଜଘନ୍ୟ କାଣ୍ଡ ଘଟିଛି। ଗ୍ରାମର ପୂର୍ବତନ ମୁଖିଆ ମୁସ୍ତାକ ଗୁଲସାନ ଓରଫ ମୁନ୍ନାଙ୍କ ମୃତଦେହ ପୁଲିସ ଏକ କେନାଲରୁ ଉଦ୍ଧାର କରିଛି। ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଦୁଇ ସ୍ତ୍ରୀଙ୍କ ସ୍ୱାମୀ ମୁନ୍ନା ସୁମନ ଦେବୀଙ୍କ ସମ୍ପର୍କରେ ଆସିବା ପରେ ଏହି ପ୍ରେମ ଆରମ୍ଭ ହୋଇଥିଲା। ମୁନ୍ନା ତାଙ୍କୁ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିଥିବା ଅଭିଯୋଗ ହୋଇଛି। ଏହି ନିର୍ଯାତନାରୁ ମୁକ୍ତି ପାଇବା ପାଇଁ ସୁମନ ନିଜ ଭାଇଙ୍କ ସହ ମିଶି ମୁନ୍ନାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ।

ଗତ ୧୮ ତାରିଖରେ ମୁନ୍ନାଙ୍କୁ ନିଜ ବାପଘରକୁ ସୁମନ ଡାକି ଥିଲେ। ମୁନ୍ନା ଘରେ ପଶିବା ମାତ୍ରେ ସୁମନଙ୍କ ଭାଇ ଏବଂ ତାଙ୍କ ସହଯୋଗୀମାନେ ତାଙ୍କୁ ଲୁହା ରଡ଼୍‌ରେ ପିଟି ପିଟି ହତ୍ୟା କରିଥିଲେ। ପୁଅ ଘରକୁ ନ ଫେରିବାରୁ ମୁନ୍ନାଙ୍କ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ତଦନ୍ତ ସମୟରେ ପୁଲିସ ଏକ ସ୍ଥାନରୁ ମୁନ୍ନାଙ୍କ ମୋଟରସାଇକେଲ୍ ପାଇଥିଲା। ଫୋନ୍ ରେକର୍ଡ ଯାଞ୍ଚ କରି ସୁମନଙ୍କ ପାଖରେ ପହଞ୍ଚିଥିଲା ଏବଂ ରବିବାର କେନାଲରୁ ମୃତଦେହ ଉଦ୍ଧାର କରିଥିଲା। ପୋଲିସ ମହିଳା ଓ ତାଙ୍କ ଭାଇଙ୍କ ସମେତ ଦୁଇଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ସହଯୋଗୀଙ୍କୁ ଖୋଜାଖୋଜି ଜାରି ରଖିଛି। ସୂଚନାଯୋଗ୍ୟ ଯେ ମୁନ୍ନାଙ୍କ ଉଭୟ ପତ୍ନୀଙ୍କ ୬ ପୁଅ ଓ ୩ ଝିଅ ଲେଖାଏଁ ଅଛନ୍ତି।

### ସୁପ୍ରିମକୋର୍ଟ ବିଚାରପତିଙ୍କ ଉଦ୍‌ବେଗ

# ୟୁଏପିଏର ଅପବ୍ୟବହାର ବିକଶିତ ଭାରତର ମଡେଲ ନୁହେଁ

■ ୟୁଏପିଏରେ ଦୋଷୀ ସାବ୍ୟସ୍ତ ହାର ୫%ରୁ କମ୍ ରହିଛି
■ ବିନା ପ୍ରମାଣରେ ଅନେକ ଗିରଫ ହେଉଛନ୍ତି
■ ନ୍ୟାୟପାଳିକା ସୀମାଠାରୁ ଅଧିକ କଠୋର ହେଉଛି
■ ଲୋକେ ଜେଲ୍‌ରେ ଶଢୁଛନ୍ତି

ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି): ନ୍ୟାୟପାଳିକାର କିଛି ଭାଗ 'ମୋର ଲୟାଲ ଦେନ ତ କିଙ୍ଗ ସିଣ୍ଡ୍ରୋମ'ରେ ପୀଡ଼ିତ। ଅର୍ଥାତ ଏହି ଭାଗ 'ରାଜାଙ୍କ ଅପେକ୍ଷା ଅଧିକ ଅନୁଗତ ହେବାର ମାନସିକତା'କୁ ଆପଣାଇ ନେଇଛନ୍ତି। ଏହି କାରଣରୁ ହିଁ ଲୋକମାନେ ମାସ ମାସ ଧରି ଜେଲ୍‌ରେ ସଢୁଛନ୍ତି। ସୁପ୍ରିମକୋର୍ଟ ବାର୍ ଆସୋସିଏସନ ପକ୍ଷରୁ ରବିବାର ବେଙ୍ଗାଲୁରୁରେ ଆୟୋଜିତ ପ୍ରଥମ ଜାତୀୟ ସମ୍ମିଳନୀ ଅବସରରେ ସୁପ୍ରିମକୋର୍ଟ ବିଚାରପତି ଉଜ୍ଜ୍ୱଳ ଭୁଇଁଆ ଏହି ଟିପ୍ପଣୀ ଦେଇଛନ୍ତି। ସେ 'ବିକଶିତ ଭାରତରେ ନ୍ୟାୟପାଳିକାର ଭୂମିକା' ଉପରେ ଚର୍ଚ୍ଚା କରି ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ), ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମଏଲଏ) ଆଦିର ଅପବ୍ୟବହାର ଉପରେ ଚିନ୍ତା ପ୍ରକଟ କରିଛନ୍ତି। ୟୁଏପିଏର ଅପବ୍ୟବହାର ବିକଶିତ ଭାରତର ମଡେଲ ନୁହେଁ ବୋଲି କହିଛନ୍ତି। ଏହା ସହିତ ନ୍ୟାୟପାଳିକା ସ୍ୱାଭାବିକଠାରୁ ଅଧିକ କଠୋର ହୋଇଯାଉଛି। ଏଥିପାଇଁ ଆବଶ୍ୟକତାଠାରୁ ଅଧିକ ମାମଲା ରୁଜୁ ହେଉଛି। ସରକାର ଏବଂ ନ୍ୟାୟପାଳିକା ସମ୍ବନ୍ଧ, ପିଏମଲଏ ଓ ୟୁଏପିଏ ଭଳି ଆଇନ ଆବଶ୍ୟକତାଠାରୁ ଅଧିକ ବ୍ୟବହାର ହେଉଛି ବୋଲି ସେ କହିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ଏବଂ ସାମାଜିକ ଗଣମାଧ୍ୟମ କର୍ମୀ ଆଦି ଛୋଟମୋଟ ମାମଲାରେ ବି ଆପରାଧିକ ମାମଲା ରୁଜୁ କରାଯାଉଛି। ସାମାଜିକ ଗଣମାଧ୍ୟମ ପୋଷ୍ଟ, ମିମ୍ସ ଆଦିକୁ ନେଇ ଏତଲା ରୁଜୁ କରିବାକୁ ଜଷ୍ଟିସ ଭୂଇଁଆ ନିନ୍ଦା କରିଛନ୍ତି। ଏହି ବିବାଦରେ ଏସଆଇଟି ମଧ୍ୟ ଗଠନ କରିବାକୁ ପଡୁଛି। ଏହି କାରଣରୁ କୋର୍ଟରେ ମାମଲାର ବୋଝ ବଢୁଛି। ଏହାର ସମାଧାନରେ ସମୟ ବରବାଦ ହେଉଛି। ଏ ସବୁ ରୋକାଯାଇପାରିବ।

ପିଏମଏଲଏ, ୟୁଏପିଏ ଆଦି ଆଇନ ଅଧିନରେ ଅଭିଯୁକ୍ତଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ହେପାଜତରେ ରଖିବାକୁ ନେଇ ଜଷ୍ଟିସ ଭୂଇଁଆ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ଆଇନକୁ ଆବଶ୍ୟକତାଠାରୁ ଅଧିକ ବ୍ୟବହାର କରାଯାଉଛି। ତେଣୁ ଏହାର ପ୍ରଭାବ ଦୁର୍ବଳ ହୋଇଯାଉଛି। ୟୁଏପିଏରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୫ ପ୍ରତିଶତ ରହିଛି। ୯୫ ପ୍ରତିଶତ ଅଭିଯୁକ୍ତ ମୁକ୍ତ ପାଉଛି। ଏପରି ସ୍ଥିତିରେ ଅଭିଯୁକ୍ତଙ୍କୁ ବିନା ଆରୋପପତ୍ରରେ କାହିଁକି ଜେଲରେ ରଖାଯିବ। ୟୁଏପିଏର ଅନେକ ମାମଲାରେ ବିନା ପ୍ରମାଣରେ ଗିରଫ କରାଯାଉଛି। ଏହା ଆପରାଧିକ ନ୍ୟାୟ ବ୍ୟବସ୍ଥା ଉପରେ ବୋଝ ବଢାଉଛି। ଏହା ବିକଶିତ ଭାରତର ଆଦର୍ଶ ହୋଇପାରିବ ନାହିଁ। ବିକଶିତ ଭାରତରେ ନ୍ୟାୟପାଳିକା ନ୍ୟାୟପାଳିକା ହୋଇ ରହିବା ଦରକାର। ଏହା ଏକ ଚିରନ୍ତନ ସମାଲୋଚକ କିମ୍ବା ଚିୟର ଲିଡର ହୋଇପାରିବ ନାହିଁ। ବିକଶିତ ଭାରତରେ ବିତର୍କ ଏବଂ ସମାଲୋଚନା ପାଇଁ ସ୍ଥାନ ରହିବା ଉଚିତ।

# କଳାବାଘ ଛାଲ ଜବତ ଘଟଣା: ୯ ଗିରଫ

ବାରିପଦା, ୨୩।୩ (ସମିସ): ବାରିପଦା ବନଖଣ୍ଡ କୁଳିଅଣା ଅଞ୍ଚଳରୁ ରବିବାର କଳାବାଘ ଛାଲ ଜବତ ଘଟଣାରେ ବନ ବିଭାଗ ଅଦ୍ୟାବଧି ୯ ଜଣଙ୍କୁ ଗିରଫ କରିଛି। ବନ ବିଭାଗ ବିଳମ୍ବରେ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ ହେଁ ତଦନ୍ତ ଗୋପନୀୟତା ଦର୍ଶାଇ ପୂର୍ଣ୍ଣ ବିବରଣୀ ପ୍ରଦାନ କରିନାହିଁ।

- ମୁଖ୍ୟ ଶିକାରୀ ଫେରାର
- ତନ୍ତ୍ର ସାଧନା ଓ ଅନ୍ଧବିଶ୍ୱାସ ପାଇଁ ବନ୍ୟଜନ୍ତୁ ଶିକାର

ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ସୂଚନା ଅନୁସାରେ ଜବତ ବାଘ ଛାଲଟି ୩ ବର୍ଷ ବୟସ କଳା ବାଘର ବୋଲି ବୋଲି ଅନୁମାନ କରାଯାଉଛି। ବାଘର ମୃତ୍ୟୁ ବାବଦରେ କିଛି କହି ନଥିବା ବେଳେ ଜବତ ଛାଲକୁ ମଧ୍ୟ ଗଣମାଧ୍ୟମ ଆଗରେ ପ୍ରଦର୍ଶିତ କରିନଥିଲେ। ଏପରିକି, ଗିରଫ ୯ ଅଭିଯୁକ୍ତମାନଙ୍କ ପରିଚୟ ପ୍ରଦାନ କରିନଥିଲେ। ତେବେ ଉକ୍ତ ଘଟଣାରେ ଅଭିଯୁକ୍ତଙ୍କ ସଂଖ୍ୟା ବୃଦ୍ଧି ହେବ ବୋଲି କହିଥିଲେ। ବୟାନ ସଂଗ୍ରହ ପରେ ୯ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ଓ ଆବଶ୍ୟକ ପଡ଼ିଲେ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ତେବେ ଅସମର୍ଥିତ ସୂତ୍ରରୁ କଳାବାଘକୁ ଦେଶୀ ବନ୍ଧୁକ ସହାୟତାରେ ଶିକାର କରାଯାଇଛି। ଛାଲ ଜବତ ପଛରେ ଅନ୍ଧବିଶ୍ୱାସ ଓ ତନ୍ତ୍ରସାଧନା ଘଟଣା ଜଡ଼ିତ ଥିବା ଜଣାପଡ଼ିଛି। ଗିରଫ ୯ ଜଣ କୁଳିଅଣା, ବାରିପଦା, ଡୁକୁରା, ହରିଶ୍ଚନ୍ଦ୍ରପୁର ଓ ଉଦଳା ଅଞ୍ଚଳର ବୋଲି କୁହାଯାଉଛି।



ସୂଚନାନୁସାରେ, ରବିବାର କୁଳିଅଣା ଅଞ୍ଚଳରେ ବାଘଛାଲ ଜବତ ସମୟରେ ଜଣେ ଅଭିଯୁକ୍ତ ବାଘଛାଲ ଉପରେ ବସି ତନ୍ତ୍ରସାଧନା କରୁଥିଲେ। ଆକାଶରୁ ପ୍ରଚୁର ଟଙ୍କା ବୃଷ୍ଟି ହେବ ବୋଲି ସେ ପୂର୍ବରୁ କହିଥିଲେ। ଏହାକୁ ବିଶ୍ୱାସରେ ରଖି ତାଙ୍କର ସହଯୋଗୀମାନେ କଳାବାଘର ଚମଡା ଶିକାରୀଙ୍କଠାରୁ ଆଣିଥିଲେ। ଏହା ପଛରେ ଜଣେ ଅଭିଯୁକ୍ତ ବୈଷୟିକ ଶିକ୍ଷାନୁଷ୍ଠାନର ପ୍ରାକ୍ତନ କର୍ମଚାରୀ ମୁଖ୍ୟ ଭୂମିକା ନେଇଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ତଥା ଉଦଳା ଥାନା ନିକଟ ପାଟଶାଣୀପୁର ଅଞ୍ଚଳରୁ ପାଖାପାଖି ଦୁଇ ସପ୍ତାହ ତଳେ ୩ ବର୍ଷ ବୟସର ହୃଷ୍ଟପୃଷ୍ଟ କଳାବାଘକୁ ଦେଶୀ ବନ୍ଧୁକ ସାହାଯ୍ୟରେ ଶିକାର କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଶିକାରୀକୁ ସହଯୋଗ କରିଥିବା ଅଭିଯୁକ୍ତମାନେ ବନବିଭାଗ କବଜାରେ ଥିଲେ ହେଁ ମୁଖ୍ୟ ଶିକାରୀ ଧରାପଡିନଥିବାରୁ ତଦନ୍ତକୁ ଏପର୍ଯ୍ୟନ୍ତ ଗୋପନ ରଖାଯାଇଛି। ତେବେ ଅନ୍ଧବିଶ୍ୱାସ ଓ ତନ୍ତ୍ରସାଧନା ପାଇଁ ଅନୁରୂପ ଘଟଣାରେ ୨୦୨୫ ଜୁଲାଇ ୧୬ରେ ବଡ଼ସାହି ଓ ଖୁଣ୍ଟା ଥାନା ଅଞ୍ଚଳରୁ ୩ଟି କଲରାପତରିଆ ବାଘ ଚମଡା ଜବତ ସହିତ ୭ ଜଣଙ୍କୁ ଗିରଫ କରାଯାଇଥିଲା। ରାତାରାତି ଧନୀ ହେବା ଆଶାରେ ବାଘ ଚମଡା ଉପରେ ବସି ପୂଜାପାଠ କରିବା ଭଳି ଅନ୍ଧବିଶ୍ୱାସରେ ଯୁବଗୋଷ୍ଠୀ ପ୍ରଲୋଭନର ଶିକାର ହୋଇ ଏପରି ଅପରାଧରେ ଜଡିତ ରହିବା ପରିବେଶବିତ୍ ଓ ପ୍ରାଣୀପ୍ରେମୀ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ଶିମିଳିପାଳ ପାଦଦେଶରୁ ବିପୁଳ ପରିମାଣର ବନ୍ଧୁକ ଜବତ ସତ୍ତ୍ୱେ ପୁଣି ଶିକାରୀମାନଙ୍କ ପାଖରେ ବନ୍ଧୁକ ରହିବା ତଦନ୍ତ ସାପେକ୍ଷ ବୋଲି ପରିବେଶବିତ ବିଭୁଦତ୍ତ ଦାସ କହିଛନ୍ତି।

# ବିଜୁଙ୍କୁ ପ୍ରଧାନମନ୍ତ୍ରୀ କରେଇ ନଦେବା ଚକ୍ରାନ୍ତରେ ସାମିଲ ଥିବା ନେତା ବିଜୁ ଲିଗାସୀର କଥା କହୁଛନ୍ତି

ଭୁବନେଶ୍ୱର,୨୩।୩(ସମିସ): ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲୀପ ରାୟଙ୍କ ବିଜୟ ପରେ ରାଜ୍ୟର ଦୁଇ ପୁରୁଖା ନେତା ବିଜୟ ମହାପାତ୍ର ଓ ପ୍ରଭାତ ତ୍ରିପାଠୀ ଉଲ୍ଲସିତ ହୋଇ ପଡ଼ିଥିବା ବେଳେ ଏନେଇ ପ୍ରତିକ୍ରିୟା ରଖିଛି ବିଜେଡି। ୧୯୯୫ ମସିହାରେ ଲଗାତାର ଭାବେ ବିଜୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଓ ୧୯୯୬ ମସିହାରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ସୁଯୋଗକୁ ଭଣ୍ଡୁର କରିବାରେ ଯେଉଁ ଚକ୍ରାନ୍ତ ହୋଇଥିଲା, ସେଥିରେ ଏଇ ଦୁଇ ନେତାଙ୍କ ସମ୍ପୃକ୍ତି ଥିଲା ବୋଲି ବିଜେଡି କହିଛି।

ଶଙ୍ଖ ଭବନରେ ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟକ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ବ୍ୟୋମକେଶ ରାୟ ଓ ଧ୍ରୁବ ଚରଣ ସାହୁ, କୁଚକ୍ରୀ ବିଜୟ ମହାପାତ୍ର ଓ ପ୍ରଭାତ ତ୍ରିପାଠୀଙ୍କ ପୂର୍ବ କାର୍ଯ୍ୟକଳାପକୁ ସ୍ମରଣ କରାଇ ସେମାନଙ୍କ ଉପରେ ବର୍ଷିଥିଲେ।

ବ୍ୟୋମକେଶ ରାୟ କହିଥିଲେ ଯେ ୧୯୯୫ ମସିହାରେ ବିଜୁ ପଟ୍ଟନାୟକଙ୍କ ସପକ୍ଷରେ ହାୱା ଥିବାବେଳେ ଓ ସେ ଲଗାତର ଭାବେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ ବୋଲି ବିଚାର କରାଯାଉଥିବା ବେଳେ ଏଇ ଦୁଇ ନେତା ଅନେକ ସ୍ଥାନରେ ସମାନ୍ତରାଳ ପ୍ରାର୍ଥୀ ଦେଇ ଏକ ଅପ୍ରତ୍ୟାଶିତ ପରାଜୟ କରାଇଥିଲେ। ସେହିପରି ୧୯୯୬ ମସିହାରେ



ବିଜୁ ବାବୁ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ସୃଷ୍ଟି ହୋଇଥିଲା। ମାତ୍ର ଓଡ଼ିଶାର କିଛି ନେତା ତାଙ୍କୁ ପ୍ରଧାନମନ୍ତ୍ରୀ କରାଇ ନଦେବା ପାଇଁ ଏକ ଚକ୍ରାନ୍ତ ରଚିଥିଲେ, ସେମାନଙ୍କ ମଧ୍ୟରେ ଏଇ ଦୁଇ ନେତା ଥିଲେ। ଧ୍ରୁବ ଚରଣ ସାହୁ କହିଥିଲେ ଯେ ବିଜୁ ବାବୁଙ୍କ ବିରୋଧରେ ଚକ୍ରାନ୍ତ ରଚୁଥିବା ନେତା ମାନେ ଆଜି ବିଜୁ ଲିଗାସୀ କଥା କହୁଛନ୍ତି। ଏଇ ଚକ୍ରାନ୍ତକାରୀ ମାନଙ୍କ ଭିତରେ ବିଜୟ ମହାପାତ୍ର ଓ ପ୍ରଭାତ ତ୍ରିପାଠୀ ସାମିଲ ଥିଲେ। ପ୍ରଭାତଙ୍କ ନବୀନ ନିବାସରେ ବିଶୃଙ୍ଖଳା ଆଚରଣ ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ଥିଲା। ସେମାନେ ଟଙ୍କା ବଦଳରେ ଭୋଟ ଦେଇଛନ୍ତି। କେବଳ ଲୋକ ଆକ୍ରୋଶରୁ ରକ୍ଷା ପାଇବା ଲକ୍ଷ୍ୟରେ ବିଜୁ ଲିଗାସୀ କଥା କହୁଛନ୍ତି। ଏମାନଙ୍କ ମୁହଁରେ ବିଜୁ ଲିଗାସୀ କଥା ସୈତାନର ବେଦ ପାଠ ସଦୃଶ୍ୟ। ସେ ଆହୁରି ମଧ୍ୟ କହିଥିଲେ ଯେ ଦିଲୀପ ଓ ବିଜୟଙ୍କ ବିବୃତିରୁ ସ୍ପଷ୍ଟ ହୋଇଛି ଯେ ତିନି ମାସ ତଳୁ ବିଜୁ ଜନତା ଦଳକୁ ଭାଙ୍ଗିବା ପାଇଁ ଚକ୍ରାନ୍ତ କରାଯାଇଥିଲା। ବିଜୁ ବାବୁଙ୍କ ବିରୋଧରେ ଚକ୍ରାନ୍ତ କରିଥିବା ଲୋକ ନବୀନଙ୍କ ବିରୋଧରେ ଚକ୍ରାନ୍ତ ରଚୁଛନ୍ତି। ୧୯୯୨ ମସିହାରେ ମଦ ମୃତ୍ୟୁ ମାମଲାରେ ମୁଖ୍ୟତଃ ବିଜୟ ମହାପାତ୍ର ଓ ପ୍ରଭାତ ତ୍ରିପାଠୀ ସମ୍ପୃକ୍ତ ଥିଲେ। ମଦ ମୃତ୍ୟୁରୁ ନିଜକୁ ରକ୍ଷା କରିବା ପାଇଁ ବିଜୟଙ୍କ ପ୍ରରୋଚନାରେ ପ୍ରଭାତ କ୍ରସ ଭୋଟିଂ କରିଥିଲେ। ବିଜୁ ବାବୁ ଏଥିରେ କ୍ଷୁବ୍ଧ ହୋଇଥିଲେ ଓ ବିଜୟଙ୍କୁ ମୁଖ୍ୟ ସଚେତକ ପଦରୁ ବିଦା କରିଥିଲେ ଓ ପ୍ରଭାତଙ୍କୁ ନିଲମ୍ବିତ କରିଥିଲେ। ଦଳରେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ପ୍ରଭାତ ଦୁଇ ଦୁଇ ଥର ନିଲମ୍ବିତ ହୋଇଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ ଯେ ରାଜ୍ୟସଭା ନିର୍ବାଚନ ପରେ କିଛି ନେତା ବିଜୁ ଲିଗାସୀ ବିଷୟରେ କହୁଛନ୍ତି। ଯେଉଁମାନେ ଆଜି ବିଜୁ ବାବୁଙ୍କ ଲିଗାସୀ କଥା କହୁଛନ୍ତି, ସେହିମାନେ ବିଜୁଙ୍କୁ ପ୍ରଧାନମନ୍ତ୍ରୀ କରେଇ ନଦେବା ଚକ୍ରାନ୍ତରେ ସାମିଲ ଥିଲେ। କ୍ରସ ଭୋଟିଂ କରିଥିବା ବିଧାୟକ ମାନେ କେବଳ ଟିକେଟ ନେଇ କ୍ଷମତା ଉପଭୋଗ କରିବା ପାଇଁ ବିଜୁ ଜନତା ଦଳରେ ଥିଲେ। ସେମାନଙ୍କୁ ନିଲମ୍ବିତ କରି ନବୀନ ବାବୁ ଉଚିତ ପଦକ୍ଷେପ ନେଇଛନ୍ତି। ଜନ ଆକ୍ରୋଶରୁ ରକ୍ଷା ପାଇବା ପାଇଁ, ବିଜୁ ଲିଗାସୀ କଥା କହୁଛନ୍ତି। ଯଦି ସେମାନଙ୍କର ସତ ସାହସ ଅଛି, ନିଜ ବିଧାୟକ ପଦରୁ ଇସ୍ତଫା ଦେଇ ସାନି ନିର୍ବାଚନ ଲଢ଼ନ୍ତୁ। ସେମାନଙ୍କ ବିଧାୟକ ପଦକୁ ରଦ୍ଦ କରିବା ପାଇଁ ବିଜୁ ଜନତା ଦଳ ଆଇନଗତ ପଦକ୍ଷେପ ନେବ ବୋଲି ଶ୍ରୀମତି ମଲ୍ଲିକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**ବିଜେଡିର କଟାକ୍ଷ**

- ବିଜୁ ଲିଗାସୀ ନୁହେଁ; କେବଳ ଟଙ୍କା ପାଇଁ କ୍ରସ ଭୋଟିଂ
- ଏମାନଙ୍କ ମୁହଁରେ ବିଜୁ ଲିଗାସୀ ସୈତାନର ବେଦପାଠ ସଦୃଶ

# ମାଆଙ୍କୁ ମାଡ଼ ମାରିବାରୁ ବାପାକୁ ପିଟିପିଟି ମାରିଦେଲେ ୩ ପୁଅ

ଠାକୁରମୁଣ୍ଡା/କରଞ୍ଜିଆ/ମହୁଲଡିହା, ୨୩।୩ (ସମିସ): ମାଆକୁ ମାଡ଼ ମାରିବାରୁ ବାପାକୁ ପିଟିପିଟି ହତ୍ୟା କଲେ ୩ ପୁଅ। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ସାଲେଇବେଡ଼ା ପଞ୍ଚାୟତ କାଶିବେଡ଼ା ଗ୍ରାମରେ ସୋମବାର ସକାଳେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗାଁର ସୁଲେ ଗାଗରାଇ(୬୦)। ସୁଲେଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତ ୩ପୁଅ ଥାନାରେ ଆତ୍ମସମର୍ପଣ କରିଛନ୍ତିୟ। ସେମାନେ ହେଲେ, ତୁରାମ ଗାଗରାଇ, ଈଶ୍ୱର ଗାଗରାଇ, ପର୍ଶୁରାମ ଗାଗରାଇ।

ସୂଚନା ଅନୁଯାୟୀ, କାଶିବେଡ଼ା ଗ୍ରାମର ସୁଲେ ଗାଗରାଇ ପୂର୍ବରୁ ଅଧିକାଂଶ ସମୟରେ ନିଜ ଘରେ ସ୍ତ୍ରୀ ଓ ପୁଅମାନଙ୍କ ସହିତ ଗଣ୍ଡଗୋଳ କରେ। ସୋମବାର ସକାଳ ପ୍ରାୟ ୭ଟାରେ କୌଣସି କାରଣକୁ ନେଇ ସେ ସ୍ତ୍ରୀ ମେଞ୍ଜିକୁ ମାଡ଼ ମାରି ଆହତ କରି ଦେଇଥିଲେ। ମା'କୁ ବାପା ମାଡ଼ ମାରି ଆହତ କରିବା ଦେଖି ତାଙ୍କର ୩ ପୁଅ ତୁରାମ, ଈଶ୍ୱର ଓ ପର୍ଶୁରାମ ମିଶି ବାପା ସୁଲେଙ୍କୁ ଠେଙ୍ଗାରେ ପିଟିପିଟି ଘର ନିକଟରେ ହତ୍ୟା କରିଥିଲେ। ଠେଙ୍ଗାମାଡ଼ରେ ମୃତକଙ୍କ ଡାହାଣ ପାଖ ମୁହଁ, ମୁଣ୍ଡ, ଗୋଡ଼ ଏବଂ ହାତରେ ଶକ୍ତ ଆଘାତ ଲାଗିଛି। ଘଟଣାସ୍ଥଳକୁ ଠାକୁରମୁଣ୍ଡା ଥାନା ଏସ୍ଏଇ ଅନିତା ସ୍ୱାଇଁ, ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକ, ଏଏସ୍ଆଇ ଅମରେଶ ବାରିକଙ୍କ ସହ ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାସ୍ଥଳରୁ ଶବକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ଡାକ୍ତରଖାନାକୁ ପଠାଇଛନ୍ତି। ପୁଲିସ ୩ ପୁଅକୁ ଥାନାରେ ଅଟକ ରଖି ଏ ସଂକ୍ରାନ୍ତରେ କେଶ ନମ୍ବର ୩୫/୨୬ ଅନୁଯାୟୀ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

# ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ, ଅଟକିଲା ବନ୍ଦେ ଭାରତ

ଯୋଡ଼ା୨୩।୩(ସମିସ): କେନ୍ଦୁଝର ଜିଲ୍ଲା ମୁର୍ଗା ମହାଦେବ ଷ୍ଟେସନ ନିକଟରେ ସୋମବାର ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହେବାରୁ ବନ୍ଦେ ଭାରତ ଏକ୍ସପ୍ରେସ ସମେତ ୩ ପାସେଞ୍ଜର ଟ୍ରେନ୍ ଅଟକି ରଖିଥିଲେ। ସୂଚନାଯୋଗ୍ୟ ଯେ, ମୁର୍ଗା ମହାଦେବ ଷ୍ଟେସନ ନିକଟରେ ପ୍ରାୟ ୧୨ଟା ସମୟରେ ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନର ଦୁଇଟି ୱାଗନ ଲାଇନଚ୍ୟୁତ ହୋଇଥିଲା। ଯାହା ଫଳରେ ଦିନ ପ୍ରାୟ ୧୨ଟା ୨୦ରୁ ବାଂଶପାଣି ଷ୍ଟେସନରେ ବ୍ରହ୍ମପୁର-ଟାଟା ନଗର ବନ୍ଦେ ଭାରତ ଏକ୍ସପ୍ରେସ ଅଟକି ରହିଥିବା ବେଳେ, ଦେଓଝର ଷ୍ଟେସନରେ ବଡ଼ବିଲ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍ ଅଟକିଥିଲା। ଅନ୍ୟପଟେ ପର୍ଯ୍ୟନପୁରରେ ଅଟକିଥିଲା ପୁରୀ-ବଡ଼ବିଲ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍। ଦୀର୍ଘ ୪ ଘଣ୍ଟାରୁ ଅଧିକ ସମୟଧରି ଟ୍ରେନ୍ ଗୁଡ଼ିକ ଅଟକିବା କାରଣରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।ତେବେ ପ୍ରାୟ ୫ ଘଣ୍ଟା ଧରି ରେଳବାଇ ବିଭାଗ ତରଫରୁ ୨ ଟି ୱାଗିନକୁ ଟ୍ରାକ୍ ଲାଇନ୍ରୁ ହୋଟେଇବାରେ ସଫଳ ହୋଇ ଲାଇନ କ୍ଲିୟର କରାଯାଇଥିଲା। ତେବେ ସନ୍ଧ୍ୟା ୫ ଘଟିକା ପରେ ରେଳ ଲାଇନ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

# ମେ' ୨୯ରେ ଓଟିଇଟି

କଟକ, ୨୩।୩ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି -୨୦୨୬) ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ମେ' ୨୯ତାରିଖରେ ହେବାକୁ ଥିବା ବେଳେ ଏହି ପରୀକ୍ଷାରେ ଅବତୀର୍ଣ୍ଣ ହେବା ପାଇଁ ଉଭୟ କାର୍ଯ୍ୟରତ ଶିକ୍ଷକ ଏବଂ ନୂତନ ଯୋଗ୍ୟ ପ୍ରାର୍ଥୀମାନେ ଆସନ୍ତା ମାର୍ଚ୍ଚ ୨୬ରୁ ଏପ୍ରିଲ ୯ ମଧ୍ୟରାତ୍ର ପର୍ଯ୍ୟନ୍ତ କେବଳ ଅନଲାଇନ୍ରେ ଆବେଦନ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଆଶାୟୀ ପ୍ରାର୍ଥୀମାନେ କେବଳ ଅନଲାଇନ୍ ମାଧ୍ୟମରେ ବୋର୍ଡର ୱେବ୍ସାଇଟ୍ www.bseodisha.nic.inରେ ଆବେଦନ କରିପାରିବେ। ସେହିଭଳି, ପରୀକ୍ଷା ଫି' ୯ ଏପ୍ରିଲ ରାତି ୧୧ଟା ୪୫ମଧ୍ୟରେ କରିବାକୁ ହେବ। ଆସନ୍ତା ମେ' ୧୫ରୁ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପେପର୍-୧ ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ଓ ପେପର୍-୨ ପରୀକ୍ଷା ଅପରାହ୍ଣ ୨ଟାରୁ ଦିନ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପଞ୍ଜୀକରଣ ପାଇଁ ଆବଶ୍ୟକ ନିର୍ଦ୍ଦେଶାବଳୀ, ପାଠ୍ୟକ୍ରମ ଏବଂ ଯୋଗ୍ୟତା ମାପଦଣ୍ଡ ସମ୍ପର୍କିତ ସବିଶେଷ ତଥ୍ୟ ୱେବସାଇଟ୍ରେ ଉପଲବ୍ଧ ଅଛି।

**ମାର୍ଚ୍ଚ ୨୬ରୁ ଅନଲାଇନ ଆବେଦନ**

# ଡଙ୍ଗାରୁ ମାଛ କାଢ଼ିବା ବେଳେ ୨ ଶ୍ରମିକ ମୃତ

ବାଲେଶ୍ୱର,୨୩।୩(ସମିସ): ବଳରାମଗଡି ମେରାଇନ ଥାନା ନାଉପାଳଗଡ଼ିଠାରେ ବିଷାକ୍ତ ଗ୍ୟାସ ଯୋଗୁଁ ୨ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଛି। ମୃତକଦ୍ୱୟ ହେଲେ, ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅର୍ନ୍ତଗତ ଅଡୁଁଆ ଗ୍ରାମର ପ୍ରଭାକର ମଲ୍ଲିକ(୩୫) ଏବଂ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅର୍ନ୍ତଗତ ବଡଗୁମାର ମଙ୍ଗଲା ସୋରେନ(୩୨)। ନାଉପାଳଗଡିଠାରେ ବଡ଼ଶଙ୍ଖ ନାମକ ଏକ ବୋଟ ସମୁଦ୍ରରୁ ମାଛ ମାରି ନାଉପାଳଗଡ଼ିକୁ ଫେରିଥିଲା। ଆଜି ବୋଟ ମଧ୍ୟରୁ ମାଛ ବାହାରକୁ ବାହାର କରାଯାଉଥିବା ବେଳେ ଦୁଇଜଣ ଶ୍ରମିକ ବିଷାକ୍ତ ଗ୍ୟାସ ଯୋଗୁଁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଅନ୍ୟପଟେ ମାଛକୁ ବୋଟ୍ ମଧ୍ୟରେ ଦୀର୍ଘ ଦିନ ଧରି ସତେଜ ରଖିବା ପାଇଁ ଫର୍ମାଲଡିହାଇଡ ରସାୟନ ବ୍ୟବହୃତ ହୋଇଥାଏ। ଆଜି ଉକ୍ତ ଚାମ୍ବର ମଧ୍ୟରୁ ମାଛ କାଢୁଥିବା ବେଳେ ଅସାବଧାନତା ହେତୁ ସେଠାରେ ସେମାନେ ଫସିଯାଇଥିଲେ। ଫଳରେ ଏହି ରସାୟନରୁ ନିର୍ଗତ ଗ୍ୟାସରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଛନ୍ତି ବୋଲି ଅନ୍ୟ ସହଯୋଗୀ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ବୋଟ୍ ମଧ୍ୟରୁ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ, ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ବଳରାମଗଡ଼ି ଥାନା ଏସ୍ଆଇ ମନୋରମା ପାତ୍ର ମେଡିକାଲରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ଜବତ କରି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ବୋଲି କହିଛନ୍ତି।

**ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଗୁରୁତର ତ୍ରୁଟି**

# ମହିଳାଙ୍କ ଅଲଟ୍ରାସାଉଣ୍ଡ ରିପୋର୍ଟରେ ପୁରୁଷଙ୍କ ଚିକିତ୍ସା

ବାଲେଶ୍ୱର,୨୩।୩(ସମିସ): ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ମହିଳା ରୋଗୀଙ୍କ ମେଡିକାଲ ରିପୋର୍ଟରେ ଜଣେ ପୁରୁଷ ରୋଗୀ ତିନିଦିନ ଧରି ଚିକିତ୍ସିତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଚିକିତ୍ସିତ ରୋଗୀଜଣଙ୍କ ହେଲେ, ବାଲିଆପାଳ ଅଞ୍ଚଳର ସୁଶାନ୍ତ କମିଳା(୩୮)। ହେଲେ ମୂଳ ରୋଗୀଙ୍କର କୌଣସି ଖୋଜଖବର ନଥିବା ବେଳେ ତାଙ୍କ ଅଲଟ୍ରାସାଉଣ୍ଡ ରିପୋର୍ଟ ଆଧାରରେ ଡାକ୍ତର ତାଙ୍କୁ ଚିକିତ୍ସା କରିଛନ୍ତି ବୋଲି ରୋଗୀ ସୁଶାନ୍ତ ଏବଂ ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ମାନିବା ସହ ରିପୋର୍ଟ ଆଣିବା ସମୟରେ ଅଦଳବଦଳ ହୋଇଯାଇଥିବା ନେଇ ସ୍ୱୀକାର କରିଛନ୍ତି।

ସୂଚନାନୁସାରେ, ଗତ ୨୦ ତାରିଖରେ ବାଲିଆପାଳ ଅଞ୍ଚଳର ସୁଶାନ୍ତ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ଚିକିତ୍ସିତ ହେବା ପାଇଁ ଆସିଥିଲେ। ଡାକ୍ତର ତାଙ୍କୁ ଚିକିତ୍ସା କରିବା ପରେ ଅଲଟ୍ରାସାଉଣ୍ଡ କରିବା ପାଇଁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ସୁଶାନ୍ତ ମେଡିକାଲ



ପରିସରରେ ଅଲଟ୍ରାସାଉଣ୍ଡ କରିଥିଲେ। ତେବେ ତାଙ୍କ ସମ୍ପର୍କୀୟ ରିପୋର୍ଟ ଆଣିବାକୁ ଯାଇଥିଲେ। ହେଲେ, ସେଠାରେ ଥିବା ଅଲଟ୍ରାସାଉଣ୍ଡ କର୍ମଚାରୀମାନେ ସୁଶାନ୍ତ କମିଳାଙ୍କ ରିପୋର୍ଟ ପରିବର୍ତ୍ତେ ଅନ୍ୟ ଜଣେ ରୋଗୀ ରାଜଶ୍ରୀ ଷଡଙ୍ଗୀଙ୍କ ରିପୋର୍ଟ ପ୍ରଦାନ କରିଥିଲେ। ଏମାନେ ଏହାକୁ ନ ଦେଖି ସିଧାସଳଖ ଡାକ୍ତରଙ୍କୁ ଦେଇଥିଲେ। ଡାକ୍ତର ମଧ୍ୟ ତାଙ୍କ ରିପୋର୍ଟକୁ ଯାଞ୍ଚ ନ କରି ସେଥିରେ ଲେଖାଯାଇଥିବା ରିପୋର୍ଟ ଅନୁସାରେ ତିନିଦିନ ଧରି ଚିକିତ୍ସା ଜାରି ରଖିଥିଲେ। ହେଲେ ସୁଶାନ୍ତଙ୍କ ପେଟ ଯନ୍ତ୍ରଣା ସାମାନ୍ୟ କମିବାରୁ ତାଙ୍କୁ ଘରକୁ ଡିସଚାର୍ଜ କରାଯିବାର ଥିଲା। ଏହି ସମୟରେ ଜଣେ ନର୍ସ ତାଙ୍କ ରିପୋର୍ଟ ଦେଖି ଆଶ୍ଚର୍ଯ୍ୟ ହେବା ସହ ରୋଗୀଙ୍କ ସମ୍ପର୍କୀୟଙ୍କୁ ଡାକି ପରିଚୟ ଯାଞ୍ଚ କରିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଏ ନେଇ ରୋଗୀ ସୁଶାନ୍ତଙ୍କ ପରିବାର ଡାକ୍ତରଙ୍କ ଭୁଲ ଚିକିତ୍ସା ପାଇଁ ମୃତ ହୋଇଯିବାର ଅଧିକ ସମ୍ଭାବନା ରହିଥିବା ନେଇ ଅଭିଯୋଗ କରିଛନ୍ତି। ଡାକ୍ତରଙ୍କ ପାଖରେ ଅଭିଯୋଗ କରିବା ପରେ ପୁନର୍ବାର ତାଙ୍କୁ ଅଲଟ୍ରାସାଉଣ୍ଡ କରିବା ପାଇଁ କହିଥିଲେ। ହେଲେ ସେ ଅଲଟ୍ରାସାଉଣ୍ଡ କରିବାକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ସୁଶାନ୍ତ ଅଭିଯୋଗ କରିଛନ୍ତି। ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ମନୋରମା ଭୂୟାଁ ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି।

10001/139/2526

ବିଶ୍ୱ ଯକ୍ଷ୍ମା ଦିବସ

୨୪ ମାର୍ଚ୍ଚ ୨୦୨୬

ସଭିଙ୍କର ରଖେ ଧ୍ୟାନ, ଟିବି ମୁକ୍ତ ଭାରତ ଅଭିଯାନ

ଯକ୍ଷ୍ମା ରୋଗର ବିଭିନ୍ନ ଲକ୍ଷଣ

- କଫ ସହିତ କାଶ
- କଫରେ ରକ୍ତ ପଡ଼ିବା
- ଛାତିରେ ଦରଜ ହେବା
- ଜ୍ୱର ହେବା
- ରାତିରେ ଝାଳ ବୋହିବା
- ଶରୀରର ଓଜନ ହ୍ରାସ ହେବା
- ଭୋକ ନଲାଗିବା
- ଥକା ଲାଗିବା
- ନିଶ୍ୱାସ ନେବାରେ କଷ୍ଟ ହେବା
- ଗଳାରେ ଗ୍ରନ୍ଥି ବା ଅନ୍ୟ ଅଙ୍ଗରେ ଫୁଲିବା



ଆପଣଙ୍କୁ ଲକ୍ଷଣବିହୀନ ଯକ୍ଷ୍ମା ହୋଇପାରେ ଯଦି;

- ୫ ବର୍ଷ ମଧ୍ୟରେ ଆପଣଙ୍କୁ ଯକ୍ଷ୍ମା ସଂକ୍ରମଣ ହୋଇଥିବ
- ଧୂମପାନ ଓ ମଦ୍ୟପାନ କରୁଥିବେ (ଏବେ କିମ୍ବା ପୂର୍ବରୁ)
- ବିଗତ ୩ ବର୍ଷରେ ଯକ୍ଷ୍ମା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବେ
- ୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ହୋଇଥିବ
- ମଧୁମେହରେ ପୀଡ଼ିତ ବ୍ୟକ୍ତି ହୋଇଥିବେ
- ଅପପୁଷ୍ଟିର ଶିକାର ବ୍ୟକ୍ତି ହୋଇଥିବେ

ତୁରନ୍ତ ଯକ୍ଷ୍ମା ପରୀକ୍ଷା କରାଇ ନିଅନ୍ତୁ, ରୋଗ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରାଇ ନିଅନ୍ତୁ।

'ନିକ୍ଷୟ' ସମ୍ପର୍କ ନିଃଶୁଳ୍କ ହେଲ୍ପଲାଇନ ୧୮୦୦-୧୧-୬୬୬୬

"ଆମେ ଯକ୍ଷ୍ମାକୁ ଶେଷ କରିପାରିବା; ଭାରତର ନେତୃତ୍ୱରେ, ଜନ ସହଯୋଗ ବଳରେ"

OIPR-10001/10003/2/25-26/0027

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

ସକାଳ THE SAKALA



# ସରକାରୀ ଚିଠି ଖୋଲିଲା ଦୁର୍ନୀତିର ଗୁମର

ବାଲେଶ୍ୱର,୨୩।୩ (ଅସୀମ ମହାପାତ୍ର)





ବାଲେଶ୍ୱର ଜିଲ୍ଲାରେ ବାଲି ମାଫିଆଙ୍କ ସାମ୍ରାଜ୍ୟ ସରକାରୀ ନିୟମକୁ ଅମାନ୍ୟ କରି ଚାଲିଛି। ଜଳେଶ୍ୱର ତହସିଲ ଅଧୀନରେ ଥିବା ମାଙ୍କିଡ଼ିଆ (କ) ବାଲି ସୈରାତ ଏବେ ଏକ ବଡ଼ ଦୁର୍ନୀତିର ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ଜିଲ୍ଲା ପ୍ରଶାସନର ନିରବତା ସରକାରଙ୍କ 'ସ୍ୱଚ୍ଛ ଶାସନ'ର ମୁଖା ଖୋଲି ଦେଇଛି। ଯେଉଁଭଳି ଭାବେ ଦିନ ଦ୍ୱିପ୍ରହରରେ ରାଜ୍ୟର ସମ୍ପତ୍ତିକୁ ଲୁଟ୍ କରାଯାଉଛି, ତାହା ପ୍ରମାଣିତ କରୁଛି ଯେ ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଏବେ ମାଫିଆଙ୍କ ହାତବାରିସି ପାଲଟିଛନ୍ତି। ସରକାରୀ ନିୟମକୁ 'ଫୁ' କରି ଉଡ଼ାଇ ଦେଇ ଚାଲିଥିବା ଏହି ବେଆଇନ କାରବାର ବିରୋଧରେ ଏବେ ସାଧାରଣରେ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଛି। ଦୈନିକ ଶହ ଶହ ଟ୍ରିପ ବାଲି ଏହି ଅଞ୍ଚଳରୁ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଥାନା ଅଞ୍ଚଳ ଦେଇ ଚାଲାଣ ହେଉଛି। ଗ୍ରାମାଞ୍ଚଳ ରାସ୍ତା ଗୁଡ଼ିକରେ ଭାରୀଯାନରେ ଓଦା ବାଲି ଚାଲାଣ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟ ଅବସ୍ଥା ଶୋଚନୀୟ ହେଲାଣି। ସରକାରୀ ଚିଠିରେ ଚାଞ୍ଚଲ୍ୟକର ତଥ୍ୟ କ୍ଲଷ୍ଟର ପରିବେଶ ମଞ୍ଜୁରୀରେ ବାଲି ସୈରାତ କେମିତି ଚାଲିଛି ତାର ଗୁମର ଖୋଲିଛି। ବାଲେଶ୍ୱର ଜିଲ୍ଲାରେ ବାଲି ମାଫିଆ ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ସ୍ପଷ୍ଟ ଅନୁମେୟ ହେଉଛି। ଜିଲ୍ଲା ଖଣି ଅଧିକାରୀଙ୍କ ପକ୍ଷରୁ ୨୫.୦୩.୨୦୨୫ରେ ଜାରି ହୋଇଥିବା ପତ୍ର ସଂଖ୍ୟା ୧୦୩୧/ଏମଏମ,ରେ ସ୍ପଷ୍ଟ ହେଉଛି

> ▶ ବିନା 'କ୍ଲଷ୍ଟର ପରିବେଶ ମଞ୍ଜୁରୀ'ରେ କେମିତି ଚାଲିଛି ମାଙ୍କିଡ଼ିଆ ବାଲି ସୈରାତ ?
> ▶ ପରିବେଶ ଆଇନକୁ ଭ୍ରୂକ୍ଷେପ କରି ଚାଲିଛି ମହାଲୁଟ୍
> ▶ ଚେଇଁ ଶୋଇଛି ବାଲେଶ୍ୱର ଜିଲ୍ଲା ପ୍ରଶାସନ

ଯେ, ବାଲେଶ୍ୱରର ବାଲି ଉତ୍ସଗୁଡ଼ିକ ପାଇଁ ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ (ଡିଏସଆର)କୁ ନିକଟରେ ଅନୁମୋଦନ ମିଳିଛି। ଚିଠିରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ, ସମସ୍ତ ସାମ୍ବିଧାନିକ ଦଲିଲ ଓ ଆଇନଗତ ଅନୁମତି ପରେ ହିଁ ଖଣି କାର୍ଯ୍ୟ ଆରମ୍ଭ ହେବ। କିନ୍ତୁ ପ୍ରଶ୍ନ ଉଠୁଛି, ଯେଉଁ ମାଙ୍କିଡ଼ିଆ(କ) ସୈରାତର ଲିଜ୍ ଅବଧି ୨୦୧୯-୨୦ରେ ଶେଷ ହୋଇସାରିଛି, ସେଠାରେ ଗତ ୫ବର୍ଷ ଧରି କେଉଁ ଆଧାରରେ ବାଲି ଉତ୍ତୋଳନ ଚାଲିଛି? ଏହା କଣ ସରକାରଙ୍କ ଅଜାଣତରେ ହେଉଛି ନା ଉଚ୍ଚପଦସ୍ଥ ଅଧିକାରୀମାନେ ନିଜ ପକେଟ୍ ଗରମ କରିବା ପାଇଁ ଆଖି ବୁଜି ଦେଇଛନ୍ତି। ପରିବେଶ ଆଇନକୁ ଅମାନ୍ୟ କରୁଛି ଜିଲ୍ଲା ପ୍ରଶାସନ। ନୂତନ ଡିଏସଆର ଅନୁଯାୟୀ, ମାଙ୍କିଡ଼ିଆ (କ) ସୈରାତକୁ (ଖ) ଏବଂ (ଗ) ୨୫.୦୩.୨୦୨୫ରୁ ସହ ମିଶାଇ ଏକ 'କ୍ଲଷ୍ଟର' କରାଯାଇଛି। ପରିବେଶ ବିଭାଗର ନିୟମ ଅନୁଯାୟୀ, ବିନା 'କ୍ଲଷ୍ଟର ପରିବେଶ ମଞ୍ଜୁରୀ'ରେ ଗୋଟିଏ ବି ମୁଠା ବାଲି ଉତ୍ତୋଳନ ହେବା କଥା ନୁହେଁ। କିନ୍ତୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏହି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଘଂନ କରିଛି। କୌଣସି ବୈଧ ପରିବେଶ ମଞ୍ଜୁରୀ ନଥାଇ ବାଲି ମାଫିଆମାନେ ନଦୀର ଛାତି ଚିରି ବାଲି ଲୁଟ୍ କରୁଛନ୍ତି। ଯାହାକି ଖଣି ଓ ଖଣିଜ ସମ୍ପଦର ନିୟମ-୧୯୫୭ର ଖୋଲା ଉଲ୍ଲଂଘନ କରୁଛି। ଶାସକ ଦଳର ହାତବାରିସୀ ସାଜି ଜିଲ୍ଲା ପ୍ରଶାସନ ଏଭଳି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଯାହାକି ଏମଏମଡିଆର ଆକ୍ଟ,୧୯୫୭ ର ଧାରା ୪ ଓ ୨୧ ର ଖୋଲା ଉଲ୍ଲଂଘନ ହୋଇଛି। ସଂଘୀୟ ଖଣି ଓ ଖଣିଜ (ଉନ୍ନୟନ ଓ ନିୟନ୍ତ୍ରଣ) ଅଧିନିୟମ, ୧୯୫୭ର ଧାରା ୪ ଅନୁଯାୟୀ, ବିନା ବୈଧ ଲିଜ୍‌ରେ ଖଣି ଖନନ କରିବା ଏକ ଦଣ୍ଡନୀୟ ଅପରାଧ। ମାଙ୍କିଡ଼ିଆ (କ) ର ଲିଜ୍ ଅବଧି ୨୦୧୯-୨୦ରେ ଶେଷ ହୋଇସାରିଛି। ଲିଜ୍ ଶେଷ ହେବାର ୫ ବର୍ଷ ପରେ ମଧ୍ୟ କେଉଁ ନୈତିକତା ଆଧାରରେ ଜିଲ୍ଲା ପ୍ରଶାସନ ସେଠାରେ ବାଲି ଉତ୍ତୋଳନ ପାଇଁ ଅନୁମତି ଦେଉଛି? ଏହା ସିଧାସଳଖ ଭାବେ ଧାରା ୨୧ ଅନୁଯାୟୀ ଚୋରି ଓ ଜାଲିଆତି ଶ୍ରେଣୀଭୁକ୍ତ, ଯେଉଁଥିରେ କଠୋର ଜୋରିମାନା ଓ କାରାଦଣ୍ଡର ବ୍ୟବସ୍ଥା ରହିଛି। ସେହିପରି ଓଡ଼ିଶା ଲଘୁ ଖଣିଜ ରିହାତି (ଓଏମଏମସି) ନିୟମାବଳୀ, ୨୦୦୪ ଅନୁଯାୟୀ, ଯେକୌଣସି ଲିଜ୍ ଅବଧି ଶେଷ ହେବା ପରେ ତୁରନ୍ତ ଏକ ନୂତନ ଏବଂ ସ୍ୱଚ୍ଛ ନିଲାମ (ପ୍ରେସ ଅକ୍ସନ୍) ପ୍ରକ୍ରିୟା ହେବା ବାଧ୍ୟତାମୂଳକ। ମାଙ୍କିଡ଼ିଆରେ ପାଞ୍ଚ ବର୍ଷ ଧରି ନୂତନ ନିଲାମ ନକରି ପୁରୁଣା ଲିଜ୍‌ଧାରୀଙ୍କୁ ସୁଯୋଗ ଦେବା ଅର୍ଥ ହେଉଛି ରାଜକୋଷକୁ ହଜାର ହଜାର କୋଟି ଟଙ୍କାର କ୍ଷତି ପହଞ୍ଚାଇବା। ବର୍ତ୍ତମାନର ବାଲି ଦର ପୂର୍ବ ଅପେକ୍ଷା ୪ରୁ ୫ ଗୁଣା ବୃଦ୍ଧି ପାଇଛି, କିନ୍ତୁ ପ୍ରଶାସନିକ ଅଧିକାରୀମାନେ ମାଫିଆଙ୍କ ସହ ମିଶି ପୁରୁଣା ଶସ୍ତା ଦରରେ ସରକାରୀ ସମ୍ପତ୍ତିକୁ ଲୁଟ୍ କରାଉଛନ୍ତି। ଇଆଇଏ ବିଜ୍ଞପ୍ତି, ୨୦୦୬ ଏବଂ କ୍ଲଷ୍ଟର ପରିବେଶ ମଞ୍ଜୁରୀ (ଇସି) ର ଖୋଲା ଉଲଘଂନ। ନୂତନ ନିୟମ ଅନୁଯାୟୀ, ମାଙ୍କିଡ଼ିଆ (କ), (ଖ) ଓ (ଗ) କୁ ଏକ କ୍ଲଷ୍ଟର ଭାବେ ଘୋଷଣା କରାଯାଇଛି। ପରିବେଶ ମନ୍ତ୍ରଣାଳୟର, ୨୦୦୬ ବିଜ୍ଞପ୍ତି ଅନୁଯାୟୀ, କ୍ଲଷ୍ଟର ପରିବେଶ ମଞ୍ଜୁରୀ ବିନା ଖଣି କାର୍ଯ୍ୟ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ। ଜିଲ୍ଲା ଖଣି ଅଧିକାରୀଙ୍କ ନିଜ ଚିଠି (ତା. ୨୫.୩.୨୫) ରେ କୁହାଯାଇଛି ଯେ "ସମସ୍ତ ସାମ୍ବିଧାନିକ ଦଲିଲ' ପରେ କାମ ଆରମ୍ଭ କର। କିନ୍ତୁ ବାସ୍ତବରେ କୌଣସି ଇସି ନଥାଇ ମଧ୍ୟ ବାଲି ଉତ୍ତୋଳନ ଚାଲିଛି। ଏହା କଣ ସୁବର୍ଣ୍ଣରେଖା ନଦୀର ପରିବେଶକୁ ଧ୍ୱଂସ କରିବା ପାଇଁ ସରକାରୀ ଯୋଜନା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ବାଲେଶ୍ୱରରେ ବାଲି ଲୁଟ୍ କେବଳ ଏକ ଦୁର୍ନୀତି ନୁହେଁ, ବରଂ ଏହା ଏକ "ପ୍ରଶାସନିକ ଗୋଷ୍ଠୀଗତ ଅପରାଧ"। ସରକାର ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରନ୍ତୁ ଏବଂ ନିୟମ ଉଲ୍ଲଂଘନକାରୀ ତହସିଲଦାର ଓ ଖଣି ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହେବା ଦରକାର ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।

## କଳାକାର ସଂଘର ବାର୍ଷିକ ଉତ୍ସବ

ଭୋଗରାଇ,୨୩।୩ (ସମିସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବନା?ସାଣ (ମଟେଇବାଡ଼- ତେଘରୀ ) ପୂଜାମଣ୍ଡପ ଠାରେ ଜିଲା କଳାକାର ସଂଘ ଭୋଗରାଇ ଶାଖା ପକ୍ଷରୁ ୪ ଦିନିଆ ୯ ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସଂଘର ଉପସଭାପତି ଗୁରୁଃଶ୍ରୀ ରାଧାକୃଷ୍ଣ ଗିରି ପୌରହିତ୍ୟ କରିଥିଲେ। ସ୍ୱାଗତ ସଙ୍ଗୀତ ଗାନପରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ଘୋଷ ଓ ସାଧାରଣ ସମ୍ପାଦକ ବିଜୟ କୁମାର ଜେନା। ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡିଶା ଲୋକକଳା ପୁନଃରୁଦ୍ଧାର ପରିଷଦ ଓ ରାଜ୍ୟ ସମନ୍ୱୟ ସଭାପତି ଅମୀୟ ପଟେଲ, ସମ୍ପାଦକ ମୀନକେତନ ପ୍ରଧାନ, ବଲାଙ୍ଗୀର ଯୁବପରିଷଦର ସଭାପତି ନାରାୟଣ ବାରିକ,ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଫୁଲ୍ଲ ସାହୁ, ଜିଲାପରିଷଦ ସଦସ୍ୟ ସନ୍ତୋଷ ଜେନା, ସରପଞ୍ଚ ସରସ୍ୱତୀ କରଣ, ସମିତି ସଦସ୍ୟ ସନ୍ଧ୍ୟାରାଣୀ ଜେନା ପ୍ରମୁଖ କଳାକାର ହେଉଛନ୍ତି ଆଧୁନିକ ସଭ୍ୟତା ଓ ଉଚ୍ଚ ସଂସ୍କୃତିର ଆଧାର ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଭୋଗରାଇର ୧୮ ଜଣ ବିଶିଷ୍ଟ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ.ଶ୍ରୀକୁମାର ଘୋଷ ମଞ୍ଚ ପରିଚାଳନା କରିଥିବା ବେଳେ ସଙ୍ଘର ସଦସ୍ୟ ମାନେ ସହାୟତା କରିଥିଲେ।

## ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ସ୍ୱାଗତ ସମାରୋହ



ବାଲେଶ୍ୱର,୨୩।୩(ସମିସ): ସହଦେବଖୁଣ୍ଟାସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ପରିସରରେ ଆଜି ନବ ଶିକ୍ଷାବର୍ଷ ୨୦୨୬-୨୭ ଅବସରରେ ଏକ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା। ଏହି ସମାରୋହ ଡ୍ରିମ୍ ଇଣ୍ଡିଆ ସ୍କୁଲର ନିର୍ଦ୍ଦେଶିକା ଓ ଅଧକ୍ଷା ଜ୍ୟୋସ୍ନା ରାଣୀ ପ୍ରଧାନଙ୍କ ନିର୍ଦ୍ଦେଶନା ଓ ସୁପରିଚାଳନାରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଶିକ୍ଷକ ମଣ୍ଡଳୀଙ୍କ ମଧ୍ୟରେ ଚନ୍ଦ୍ରକାନ୍ତ ରାଉତ, ରତନ କୁମାର ଘୋଷ, କରିଶ୍ମା ମୁର୍ମୁ, ସସ୍ମିତା ପାହାଡସିଂହ, ରତିକା ସୋମ, ଲଳିତା ପାଣ୍ଡେ, ମନୀଷା ସୋ, ଶ୍ରୀମତୀ ଦଳାଇ, ଆଦ୍ୟାଶା ପ୍ରଧାନ, କଳ୍ପନା ବେହେରା ଏବଂ ମଞ୍ଜୁ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଶାନ୍ତି ସଭାବନା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର,୨୩।୩(ସମିସ): ବାଲେଶ୍ୱର ଜିଲ୍ଲା ଉତ୍କଳ ସର୍ବୋଦୟ ମଣ୍ଡଳ ଆନୁକୂଲ୍ୟରେ ସଭାପତି ବିଧାନଚନ୍ଦ୍ର ରାୟଙ୍କ ନେତୃତ୍ୱରେ ବାସନ୍ତୀ ପୂଜାର ବାଡ଼ିଖେଳ,ଡିଜେ ବଜାଇବା, ମଦ୍ୟସେବନ ସହ ଅସାମାଜିକ ଲୋକଙ୍କର ଗଣ୍ଡଗୋଳ ଏବଂ ସାମ୍ପ୍ରଦାୟିକ ଦଙ୍ଗାକୁ ନିୟନ୍ତ୍ରଣ ଏବଂ ପ୍ରତ୍ୟେକ ବ୍ୟକ୍ତି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଆଜି ବାଲେଶ୍ୱର ଜିଲ୍ଲା ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ପ୍ରତିମା ପଣ୍ଡା, ପ୍ରଜ୍ଞାପାରମିତା ବିଶ୍ୱାଳ, ବିଧାନ ଜେନା, କହ୍ନେଇ ବେହେରା, ତୁଷାରକାନ୍ତ ମହାପାତ୍ର, ବେଣୁଧର ବାରିକ, ପଦ୍ମଲୋଚନ ଦତ୍ତ, ଅଚ୍ୟୁତ ନନ୍ଦ, ଜୟକୃଷ୍ଣ ନାୟକ ପ୍ରମୁଖ ବହୁ ଉତ୍କଳ ସର୍ବୋଦୟ ମଣ୍ଡଳର ସଭ୍ୟମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଅସଦାଚରଣ ମାମଲାରେ ଯୁବକଙ୍କୁ ୨ବର୍ଷ ଜେଲ୍

ଜଳେଶ୍ୱର, ୨୩।୩ (ସମିସ): ଜଳେଶ୍ୱର ଏ.ଡି.ଜେ ଅଜୟ କୁମାର ପ୍ରଧାନଙ୍କ ନ୍ୟାୟାଳୟରେ ଏକ ନାରୀ ଅସଦାଚରଣ ମକଦ୍ଦମାରେ ଏସ୍.ଟି. ୧୬/୨୦୨୦ କେଶର ବିଚାର ହୋଇ ମୁଦାଲା ଜଳେଶ୍ୱର ଥାନା ଅନ୍ତର୍ଗତ ତରିବତପୁର ଗ୍ରାମର କାହ୍ନୁ ଓରଫ ମୃତ୍ୟୁଞ୍ଜୟ ରଣା (୩୩)ବର୍ଷ, ମଦନ ମୋହନ ରଣା (୬୬) ଓ ମଂଜୁଲତା ରଣା(୬୨) ମଧ୍ୟରୁ ମଦନ ମୋହନ ରଣା ଓ ମଂଜୁଲତା ରଣାଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଥିବା ବେଳେ ମୁଦାଲା ମୃତ୍ୟୁଞ୍ଜୟ ରଣାଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୫୪ ମୂଳେ ୨ବର୍ଷ ସଶ୍ରମ କାରାଦଣ୍ଡ ସହିତ ଜୋରିମାନା ବାବଦକୁ ୨୦୦୦ଟଙ୍କା, ଅଦାଦେୟ ଅଧିକ ଏକମାସ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି ଏବଂ ଧାରା ୩୪୧ ମୂଳେ ଅଧିକ ୫୦୦ଟଙ୍କା ଅଦାଦେୟ ଅଧିକ ପାଂଚଦିନ ଜେଲ ଦଣ୍ଡ ଶୁଣାଇଛନ୍ତି। ବିବରଣୀରୁ ପ୍ରକାଶ ଯେ ଗତ ତା ୨୩-୦୨-୨୦୧୭ରିଖରେ ତରିବତପୁର ଗ୍ରାମର ଜନୈକ ମହିଳାଙ୍କୁ ମୁଦାଲା କାହ୍ନୁ ଧର୍ଷଣ ଉଦ୍ୟମ କରିଥିବା ନେଇ ଜଳେଶ୍ୱର ଥାନାରେ ଲିଖିତ ଏତଲା ଦେଇଥିଲେ। ଉକ୍ତ ଏତେଲାକୁ ଭିତ୍ତିକରି ଜଳେଶ୍ୱର ଥାନା କେଶ ନଂ ୬୪/୨୪-୦୨-୨୦୧୭ରୁଜୁ ହୋଇ ତଦନ୍ତ ପରେ ଉପରୋକ୍ତ ତିନିଜଣଙ୍କ ବିରୁଦ୍ଧରେ ଚାର୍ଜସିଟ ଦାଖଲ ହୋଇଥିଲା। କୋର୍ଟଙ୍କ ଦ୍ୱାରା ବିଚାରରେ ମୋଟ ୮ଜଣ ସାକ୍ଷୀଙ୍କ ସାକ୍ଷ ଗ୍ରହଣ ପୂର୍ବକ ୧୫ଟି ଦସ୍ତାବିଜକୁ ଭିତ୍ତିକରି କୋର୍ଟ ଗତ ୨୦ତାରିଖରେ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। ସରକାରଙ୍କ ତରଫରୁ ପୂର୍ବତନ ଏଡିସନାଲ ପି.ପି ଓ ଏଡିସନାଲ ପି.ପି ଦିପ୍ତୀ ରାଣୀ ହାଁସଦା ମକର୍ଦ୍ଦମା ପରିଚାଳନା କରିଥିଲେ।

## ବିଶ୍ୱ ଜଳ ଦିବସ ପାଳିତ

ବାଲେଶ୍ୱର,୨୩।୩ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସହର ଉପକଣ୍ଠସ୍ଥ ଗେଙ୍ଗୁଟି ପଂଚାୟତ ପଳାସପୁର ୟୁ.ଜି.ୟୁ.ପି ସ୍କୁଲ୍ ପରିସରରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱରର ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ପତଞ୍ଜଳି ସାହୁ, ପ୍ୟାନେଲ୍ ଲୟର ଜ୍ଞାନ ରଂଜନ ପାଣି, ସ୍ଥାନୀୟ ସରପଞ୍ଚ, ପାରାଲିଗାଲ୍ ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗଦେଇ ବିଶ୍ୱ ଜଳ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଜିଲ୍ଲା ଆଇନସେବା ପ୍ରାଧିକରଣର ବିଭିନ୍ନ ମୌଳିକ କାର୍ଯ୍ୟକ୍ରମ ଯଥା ଲୋକ ଅଦାଲତ, ପିଡୀତା କ୍ଷତିପୂରଣ ଯୋଜନା, ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର, ନିଃଶୁଳ୍କ ଆଇନସେବା ପ୍ରଦାନ, ସ୍ଥାୟୀ ଲୋକ ଅଦାଲତ (ଲୋକ ଉପଯୋଗୀ ସେବା) ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର ଭାରପ୍ରାପ୍ତ ସଚିବ ଶୁଭଶ୍ରୀ ପ୍ରଧାନ ପରିଚାଳନା କରିଥିଲେ।

## ସହିଦ ଭଗତ ସିଂଙ୍କ ବଳିଦାନ ଦିବସ

ବାଲେଶ୍ୱର,୨୩।୩(ସମିସ): ସହିଦ ଭଗତସିଂଙ୍କ ବଳିଦାନ ଦିବସ ଅବସରରେ ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଦେଶବ୍ୟାପୀ ସାମ୍ରାଜ୍ୟବାଦ ବିରୋଧି ଦିବସ ପାଳନ ପାଇଁ ଆହ୍ୱାନରେ ବାଲେଶ୍ୱର ସହରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଏ ସଭାରେ ଅଧ୍ୟକ୍ଷତା କରିଥିଲେ। ସିପିଆଇର ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ କହିଥିଲେ ଯେ,ସହିଦ ଭଗତ ସିଂ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସାମ୍ରାଜ୍ୟବାଦୀ ଶୋଷଣ, କଷଣ ଓ ଅତ୍ୟାଚାର ବିରୋଧରେ ଏବଂ ଦେଶମାତୃକାର ମୁକ୍ତିପାଇଁ ସାଲିସହୀନ ସଂଘର୍ଷରେ ୧୯୩୧ମସିହାରେ ଆଜିର ଦିନରେ ସହୀଦ ହୋଇଥିଲେ। ତାଙ୍କ ସହ ତାଙ୍କର ସାଥୀ ଶୁକଦେବ ଓ ରାଜଗୁରୁଙ୍କୁ ମଧ୍ୟ ବ୍ରିଟିଶ ସରକାର ଫାଶୀ ଦେଇଥିଲା। ସଭାକାର୍ଯ୍ୟ ଆରମ୍ଭରେ ସୁଜାତା ପାତ୍ର ସଂଗୀତ ଗାନ କରିଥିଲେ। ଏହି ସଭାରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଭରତ ଚନ୍ଦ୍ର ସେଠୀ,ଶରତ ଚନ୍ଦ୍ର ଦଳାଇ,ଆଶୁତୋଷ ପରିଡ଼ା,ପୂନଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

## ନୀଳଗିରି ସହର ପାଦଦେଶରେ ଦୁଇ ଦନ୍ତା

ନୀଳଗିରି, ୨୩।୩ (ସମିସ): ବାଲେଶ୍ୱର ଜିଲା ନୀଳଗିରି ସହର ପାଦଦେଶକୁ ପ୍ରବେଶ କରିଛନ୍ତି ଦୁଇ ଦନ୍ତା। ଝାଡଖଣ୍ଡ ଦଳମା ଜଙ୍ଗଲରୁ ଗତ ୨୦୧୦ ମସିହାରୁ ଚିରାଚରିତ ଭାବେ ନୀଳଗିରିକୁ ଏହି ହାତୀ ଆସିଥାଆନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଏହି ହାତୀ ଆସି ଓଡିଶା ସୀମା ପାରି ହୋଇ କିଛି ଦିନ ମୟୂରଭଞ୍ଜରେ ରହିଥିବା ବେଳେ ସୋମବାର ଭୋର ସମୟରେ ଦୁଇ ଟି ହାତୀ ନୀଳଗିରି ରେଞ୍ଜ ଅଧିନ ଦୁର୍ଗାଦେବୀ, ପୁନ୍ଦାଳ, କାଠପାଳ, ପାଟଣା ହୋଇ ନୀଳଗିରି ଧୋବିଶିଳା ଗାଁ ପାର ହୋଇ ସୂର୍ଣ୍ଣଚୁଡ ପାହାଡ ପାଦଦେଶ ନୀଳଗିରି ସହର ପାଖାପାଖିରେ ରହିଛନ୍ତି। ଏହି ହାତୀ ଆସିଥିବାର ଖବର ପାଇ ନୀଳଗିରି ସହରବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ନୀଳଗିରି ବନବିଭାଗ ହାତୀର ଗତିବିଧି ନିରିକ୍ଷଣ ପାଇଁ ସୂର୍ଣ୍ଣଚୁଡ ପାହାଡ ଚତୁଃପାଶ୍ୱର୍ରେ ଜଗି ରହିବା ସହ ନୀଳଗିରି ଏନ.ଏ.ସି. ର ଘାଟଘର ସାହି, ରାଜବାଟି, ମଙ୍ଗଳା ସାହି, ହାଟଛକ ଆଦି ଜାଗାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସଜାଗ ରହିବାକୁ ସଚେତନ ରହିବା ପାଇଁ ବନବିଭାଗ ସୂଚନା ଦେଇଛି।



### ଟ୍ରେଲର ଧକ୍କାରେ ଚାଲିଗଲା ଜୀବନ

## ଚକ୍ଷୁଦାନ କରି ଅମର ହେଲେ ରାଜେନ୍ଦ୍ର

ସୋର,୨୩।୩ (ସମିସ): ସୋର ଥାନା୧୬ ନମ୍ବର ଜାତୀୟରାଜପଥ ଉତ୍ତରେଶ୍ୱର ନିକଟରେ ଏକ ଟ୍ରେଲର ଧକ୍କାରେ ଜଣେ ବାଇକ ଚାଳକଙ୍କର ମୃତ୍ୟୁ ହୋଇଯାଇ ଥିବା ବେଳେ ନିଜର ଆଖି ଦାନ କରି ଅମର ହୋଇଯାଇଥିବା ଜଣାପଡିଛି। ଅଞ୍ଜି ଗ୍ରାମର ରାଜେନ୍ଦ୍ର ରାଉତ (୪୨) ଗତକାଲି ରାତିରେ ନିଜର ବାଇକରେ ସୋରରୁ ଅଞ୍ଜି ଫେରୁଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରେ ଏକ ଟ୍ରେଲର ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଟିକୁ ଜବତ କରିଥିବା ବେଳେ ଟ୍ରଲର ପିଛା କରି ତଳନଗର ନିକଟରେ ଟ୍ରଲର ଟିକୁ ଜବତ କରିବା ସହିତ ଏହାର ଚାଳକ ଏବଂ ଖଲାସୀଙ୍କୁ ଥାନାରେ ଅଟକ ରଖିଛି। ଏ ବାବଦରେ ରାଜେନ୍ଦ୍ରଙ୍କ ପରିବାର ଲୋକେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ବାଲେଶ୍ୱର ମେଡିକାଲରେ ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ରାଜେନ୍ଦ୍ର ଅଙ୍ଗଦାନ ପାଇଁ ସ୍ୱଇଛାରେ ପଞ୍ଜିକୃତ କରିଥିବାରୁ ମୃତ୍ୟୁ ପରେ ତାଙ୍କର ଦୁଇଟି ଆଖିକୁ ଦାନ କରାଯାଇଛି।

## ପୋଷ୍ଟ ଅଫିସରେ ଅନ୍‌ଲାଇନ୍ ପେମେଣ୍ଟ ବେଳେ ହିତାଧିକାରୀ ହଟହଟା

ସୋର, ୨୩।୩ (ସମିସ): ଆଜି ସୋର ମୁଖ୍ୟ ଡାକଘରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଇଥିବା ସୁଭଦ୍ରା ୪ର୍ଥ କିସ୍ତି, ପ୍ରଧାନମନ୍ତ୍ରୀ କିଶାନ ଯୋଜନା ଏବଂ ଚାଷୀମାନଙ୍କ ଧାନବିକ୍ରି ଟଙ୍କା ଉଠାଇବା ପାଇଁ ଶତାଧିକ ହିତାଧିକାରୀ ପହଞ୍ଚି ଥିଲେ ସୁଦ୍ଧା ଟଙ୍କା ଉଠାଣରେ ଘୋର ଅସୁବିଧା ହେବା ସହିତ ଦୀର୍ଘ ସମୟ ଧରି ଅପେକ୍ଷା କରି ଲୋକମାନେ ନିରାଶ ହେଇ ଫେରିଯିବାକୁ ବାଧ ହୋଇଥିଲେ। ଏ ସମ୍ପର୍କରେ ପୋଷ୍ଟ ଅଫିସ ମାଇକ୍ରୋ ଏଟିଏମ୍ ଚଳାଉଥିବା କର୍ମଚାରୀଙ୍କୁ ପଚାରିବାରେ ସେ କହିଛନ୍ତି ଯେ ସାରା ଭାରତରେ ଏହି ଆପ୍‌କୁ ଅପ୍‌ଡେଟ କରାଗଲା, ମାତ୍ର ପୋଷ୍ଟ ଅଫିସ୍ ମୋବାଇଲ ପୁରୁଣା ହୋଇଥିବାରୁ ଯେତେ ଚେଷ୍ଟା କଲେ ବି ଏହି ଆପ ସପୋର୍ଟ ନହେବାରୁ ଅପ୍‌ଡେଟ୍ ହୋଇପାରିଲା ନାହିଁ ଫଳରେ ଚାଷୀ ଏବଂ ହିତାଧିକାରୀମାନେ ଟଙ୍କା ପାଇପାରି ନାହାଁନ୍ତି। ଏହି ଅର୍ଥ ଆସନ୍ତା କାଲି ମିଳିବାରେ ମଧ୍ୟ ସନ୍ଦେହ ରହିଛି। କିନ୍ତୁ ପୋଷ୍ଟ ମାଷ୍ଟର ପ୍ରଦୀପ କୁମାର ବେହେରାଙ୍କୁ ପଚାରିବାରୁ ସେ ସରଭର୍ ଡାଉନ ଥିବା ସଫେଇ ଦେଇଛନ୍ତି।

### ଗବରଘଟା ଘୂର୍ଣ୍ଣିଝଡ଼କୁ ୨୮ ବର୍ଷ ବିତିଲା

## ମନରୁ ଲିଭିନି ଭୟଙ୍କର ଦୃଶ୍ୟ, ଆଜି ବି ଝୁରୁଛନ୍ତି ପ୍ରିୟ ପରିଜନ

ଜଳେଶ୍ୱର, ୨୩।୩ (ସମିସ)



ଗବରଘଟା ଟର୍ଣ୍ଣାଡୋକୁ ୨୮ବର୍ଷ ବିତିଲା, ଆଜିବି ମୃତକଙ୍କ ପରିବାର ମନେ ପକାଉଛନ୍ତି ସେଦିନର ଭୟଙ୍କର ଦୃଶ୍ୟ। ୨୧ଜଣ ଛାତ୍ରଛାତ୍ରୀ ସହିତ ପ୍ରଧାନ ଶିକ୍ଷକଙ୍କ ଜୀବନ ଯାଇଥିବା ବେଳେ ୨୬ଜଣ ମୃତ୍ୟୁବରଣ କରିଥିଲେ ଓ ଶତାଧିକ ଲୋକ ଖଣ୍ଡିଆ ଖାବରା ହୋଇଥିବା ବେଳେ ମୃତ ପଶୁପକ୍ଷୀର ହିସାବ ନ ଥିଲା। ଶହଶହ ଲୋକ ଘରଦ୍ୱାର ହରାଇ କ୍ଷତିଗ୍ରସ୍ତ ହୋଇଥିଲେ। ଆଜକୁ ୨୮ବର୍ଷ ପୂର୍ବେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ ଗବରଘଟା ଗ୍ରାମରେ ଘଟିଥିବା ଟର୍ଣ୍ଣାଡୋ (ଘୂର୍ଣ୍ଣିଝଡ) ଯାହା ସେତେବେଳେ ସାରା ବିଶ୍ୱରେ ଆଲୋଡନ ସୃଷ୍ଟି କରିଥିଲା। ସେଦିନ ଥିଲା ୧୯୯୮ ମସିହା ମାର୍ଚ୍ଚ ୨୪ତାରିଖ ମଙ୍ଗଳବାର ଅପରାହ୍ନ ୨ଟା ୪୩ ମିନିଟ। ଗବରଘଟା ଗ୍ରାମ ଥିଲା ଚଳଚଂଚଳ, କର୍ମଜଂଜାଳ ମଣିଷମାନେ ନିଜ ନିଜ କର୍ମରେ ବ୍ୟସ୍ତଥିଲେ। ଠିକ ସେତିକି ବେଳେ ଗ୍ରାମର ପଶ୍ଚିମଦିଗରେ ଥିବା ସୁବର୍ଣ୍ଣରେଖା ନଦୀ ଉପରେ ନୀଳ ଆକାଶରେ କଳା ମେଘ ଢାଙ୍କି ହୋଇଗଲା। ଆକାଶ ଲାଲବର୍ଣ୍ଣ ହୋଇଯିବା ସହିତ ଏକ କେହି କିଛି ବୁଝିବା ପୂର୍ବରୁ ହୁ ହୁ ହୋଇ ମାଡି ଆସିଲା ପବନ ମାତ୍ର କିଛି ମିନିଟ୍ ମଧ୍ୟରେ ପବନର ବେଗ ୫୦୦ କିମି ଅତିକ୍ରମ କରି ଏକ ଭୟଙ୍କର ଟର୍ଣ୍ଣାଡୋର ରୂପ ନେଇଥିଲା। ୧୨୦ ସେକେଣ୍ଡ ମଧ୍ୟରେ ଏହି ଘୂର୍ଣ୍ଣିଝଡ ଏତେ ପ୍ରଳୟ ରଚିଥିଲା ଯାହା ସମସ୍ତଙ୍କର କଳ୍ପନାରେ ବାହାରେ। ଗବରଘଟା ସାଧୁ ବିନୋଦିନୀ ୟୁ.ପି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସ୍ଥାନୀୟ ମାଧବପୁର ଗ୍ରାମର ଶ୍ରୀକାନ୍ତ ରାଉଳଙ୍କ ସହିତ ୨୧ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟ ମଧ୍ୟରେ ଥିବା ବେଳେ ଟର୍ଣ୍ଣାଡୋର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ଗ୍ରାମର ଲୋକଙ୍କୁ ମିଶାଇ ୨୬ଜଣ ମୃତ୍ୟୁ ବରଣ କରିଥିବା ବେଳେ ଗ୍ରାମର ଶତାଧିକ ଲୋକ ଗୁରୁତର ହୋଇଥିଲେ। ସାଧୁ ବିନୋଦିନୀ ୟୁ.ପି ସ୍କୁଲ ଓ ଯଦୁନାଥ ଉଚ୍ଚ ବିଦ୍ୟାଳୟ ମାଟିରେ ମିଶିଯାଇଥିଲା। ବିଦ୍ୟାଳୟର କଂକ୍ରିଟ ଛାତ ବହୁ ଦୂରରେ ପଡିଥିବା ବେଳେ କାନ୍ଥ ତଳେ ଚାପି ହୋଇଯାଇଥିଲେ ଛାତ୍ରଛାତ୍ରୀ। ସୁବର୍ଣ୍ଣରେଖା ନଦୀରେ ବାଲି ବୋଝେଇ ହୋଇଥିବା ଏକ ଟ୍ରକ ୧୫ଫୁଟ ଉପରକୁ ଉଠାଇ ନେଇ ଦୂରକୁ ପକାଇଥିବା ବେଳେ ପୋଖରୀର ପଙ୍କ ଓ ମାଛ ୩୦ଫୁଟ ଉଚ୍ଚ ଗଛ ଉପରେ ଲାଖି ରହିଥିବାର ଦେଖିବାକୁ ମିଳିଥିଲା। ବିଦ୍ୟାଳୟରେ ଥିବା ନଳକୂପ ପାଇପ ସହିତ ଉପରକୁ ଉଠାଇ ନେଇ କେଉଁଠି ପକାଇଥିଲା ତାର ପତ୍ତା ମିଳି ନଥିଲା। ସେହି ଅଶୁଭମୟ ମଙ୍ଗଳବାରର ଦୃଶ୍ୟ ଗଣମାଧ୍ୟମରେ ଛାଇଯାଇଥିଲା ଯାହା ସାରା ବିଶ୍ୱ ଦୁଃଖ ପ୍ରକାଶ କରିବା ସହିତ ସୁଦୂର ଆମେରିକା, ଅଷ୍ଟ୍ରେଲିଆର ଜନସାଧାରଣ ଦେଖିବାକୁ ଆସିବା ସହିତ ଗ୍ରାମର ପୁନରୁଦ୍ଧାର ପାଇଁ ସାହାଯ୍ୟର ହାତ ବଢାଇଥିଲେ। ୨୮ବର୍ଷ ପରେ ୨୦୨୬ରେ ପଡିଛି ପୁଣି ସେହି ମାର୍ଚ୍ଚ ମାସ, ମଙ୍ଗଳବାର ଓ ୨୪ ତାରିଖ। ଆଜିବି ଭୁଲି ନାହାନ୍ତି ସେହି ଦୃଶ୍ୟ। ସେହି ଅଭୁଲା ଦିନର ସ୍ମୃତି ଚାରଣ ପାଇଁ ଗ୍ରାମବାସୀ ଓ ପ୍ରାଣ ହରାଇଥିବା ଆତ୍ମାର ପ୍ରୀୟପରିଜନ ପରିବାରବର୍ଗ ସାଧୁ ବିନୋଦିନୀ ବିଦ୍ୟାଳୟରେ ଥିବା ସ୍ମୃତିପୀଠରେ ପାଳନ ହେବାକୁ ଯାଉଛି ସ୍ମୃତିଚାରଣ ଦିବସ।

## ଜଳେଶ୍ୱର କୋର୍ଟରେ ସବ୍‌ଜଜ୍ ଭାବେ ଲୋପାମୁଦ୍ରା ପଣ୍ଡାଙ୍କ ଯୋଗଦାନ

ଜଳେଶ୍ୱର ୨୩।୩ (ସମିସ) : ଆଜି ଜଳେଶ୍ୱର କୋର୍ଟରେ ଲୋପାମୁଦ୍ରା ପଣ୍ଡା ସବ୍‌ଜଜ୍‌ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବାର୍ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଜଳେଶ୍ୱର ବାର୍ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଓକିଲସଂଘ ନିର୍ବାଚନ କମିଶନର ଇସାକ ବେଗ୍, ବାର୍‌ସଭାପତି କୁଂଜ ବିହାରୀ ଦାସ, ସଂପାଦକ ବିଜନ କୁମାର ଦେ ପ୍ରମୁଖ ମଂଚଳାସୀନ ହୋଇ ବାର୍ ଓ କୋର୍ଟ ମଧ୍ୟରେ ଉତ୍ତମ ସଂପର୍କ ରହିଲେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିପାରିବ ବୋଲି କହିଥିଲେ। ଏଥିରେ ବହୁ ଆଇନ୍‌ଜିବୀ ଉପସ୍ଥିତ ଥିଲେ।

## ସମୁଦ୍ରରୁ ଶିଶୁପୁତ୍ରର ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର,୨୩।୩ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ତାଳସାରୀ ସମୁଦ୍ରରେ ଜଣେ ଅପରିଚିତ ଶିଶୁ ପୁତ୍ରର ମୃତ ଦେହ ଭାସୁଥିଲା। ସ୍ଥାନୀୟ ମତ୍ସ୍ୟଜୀବୀ ଦେଖି ତାଳସାରୀ ସାମୁଦ୍ରିକ ଥାନାକୁ ଖବର ଦେଇଥିଲେ। ଖବର ପାଇ ସାମୁଦ୍ରିକ ଥାନା ତରଫରୁ ମୃତ ଦେହ ଉଦ୍ଧାର କରାଯାଇଛି। ମୃତ ଶିଶୁ ପୁତ୍ରର ପରିଚୟ ମିଳିନଥିବାରୁ ଶବ ବ୍ୟବଚ୍ଛେଦ ପରେ ବାଲେଶ୍ୱରରେ ରଖାଯାଇଛି। ତାଳସାରୀ ସାମୁଦ୍ରିକ ଥାନା ତରଫରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ପ୍ରକାଶ କରିଛନ୍ତି।

## ଜିଲ୍ଲା ମହୋତ୍ସବରେ ପୁଲିସ ନିଷ୍କ୍ରିୟ

# ଧାନ ବସ୍ତା ଧରି ମଞ୍ଚକୁ ଉଠିଗଲେ ଆନ୍ଦୋଳନକାରୀ ଚାଷୀ





**ଯାଜପୁର, ୨୩।୩(ସମିସ)**

ଯାଜପୁର ଜିଲ୍ଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଆଜି ବିରାଟ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପୁଲିସ ପ୍ରଶାସନର ଦାୟିତ୍ୱହୀନତା ଯୋଗୁଁ ଆନ୍ଦୋଳନକାରୀ ଚାଷୀମାନେ ମହୋତ୍ସବ ମଞ୍ଚକୁ ଧାନ ବସ୍ତା ଧରି ଉଠିଯିବା ସହ ବିକ୍ଷୋଭ କରିଥିଲେ। ଫଳରେ ପୁଲିସ୍ ସେମାନଙ୍କୁ ତଣ୍ଟିଆମାରି ବିଦା କରିବାକୁ ବାଧ ହୋଇଥିଲା।

ସୋମବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗ ଦେବାକୁ ଆସିଥିଲେ। ମନ୍ତ୍ରୀ ଉତ୍ସବ ସ୍ଥଳକୁ ଆସିବାର କିଛି ସମୟ ପୂର୍ବରୁ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ନିମାଇଁ ରାୟଙ୍କ ନେତୃତ୍ୱରେ ଚାଷୀମାନେ ୨୫ରୁ ଉର୍ଦ୍ଧ୍ୱ ବସ୍ତା ମୁଣ୍ଡେଇ ଓ ଭାର ବାହୁଙ୍ଗିରେ ଧାନ ବୋହି ମଞ୍ଚ ଉପରକୁ ଉଠିଯାଇଥିଲେ। ସେମାନେ 'ଚାଷୀ ମାରଣ ନୀତି ଚଳିବ ନାହିଁ', 'ମିଲର ପ୍ରଶାସନ ମଧୁଚନ୍ଦ୍ରିକା ବନ୍ଦ ହେଉ', 'କଟନୀଛଟନୀ ଓ ଅଭାବୀ ଧାନ ବିକ୍ରି ବନ୍ଦ କର' ଇତ୍ୟାଦି ସ୍ଲୋଗାନ ଦେଇ ସିଧାସଳଖ ଭିଆଇପି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରବେଶ ଦ୍ୱାର ଦେଇ ପଶି ଆସିଥିଲେ। କେବଳ ସେତିକି ନୁହେଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ମଞ୍ଚକୁ ମଧ୍ୟ ଉଠିଯାଇ ଧାନ ଫିଙ୍ଗିଥିଲେ। ଆଜି ସନ୍ଧ୍ୟାରେ ମନ୍ତ୍ରୀ, ବିଧାୟକଙ୍କ ବଲିଉଡର ବିଶିଷ୍ଟ କଣ୍ଠଶିଳ୍ପୀ ନିତି ମୋହନ ଏବଂ ଓଲିଉଡ କଳାକାରମାନେ ଉତ୍ସବରେ ଯୋଗ ଦେବାକୁ ଆସି ପହଞ୍ଚିଛନ୍ତି। ସେହି ଅନୁସାରେ ଏହି ଭିଆଇପି ଏବଂ ଅତିଥି ଓ ଦର୍ଶକ ମାନଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା କଥା। ଆଇନ ଶୃଙ୍ଖଳା ତଦାରଖ କରିବାକୁ ସ୍ଥାନୀୟ ଥାନା ଅଧିକାରୀଙ୍କ ସମେତ ଅନେକ ବରିଷ୍ଠ ପୁଲିସ ପଦାଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ମହୋତ୍ସବ ପଡ଼ିଆ ଅନୁଷ୍ଠିତ ହେଉଥିବା କୁସୁମା ମୁଖ୍ୟ ରାସ୍ତାକୁ ଦୁଇ ପାର୍ଶ୍ୱରୁ ସିଲ୍ କରାଯାଇ ବହୁ ସଂଖ୍ୟକ ପୁଲିସ ମୁତୟନ କରାଯାଇଛି। ସେହିପରି ମେଳାପଡ଼ିଆକୁ ଗୋଟିଏ ମାତ୍ର ପ୍ରବେଶ ଦ୍ୱାର ମଧ୍ୟ କରାଯାଇଛି। ସେଠାରେ ବି ୭/୮ ଜଣ ପୁଲିସ କର୍ମଚାରୀ ଜଗି ରହିଛନ୍ତି। ଏହାପରେ ଗଣମାଧ୍ୟମ ଏବଂ ପ୍ରମୁଖ ନିମନ୍ତ୍ରିତ ବ୍ୟକ୍ତିବିଶେଷ ଓ ଭିଆଇପିମାନଙ୍କ ପ୍ରବେଶ ପଥରେ ବହୁ ସଂଖ୍ୟାରେ ପୁଲିସ କର୍ମଚାରୀ ଜଗି ରହିଛନ୍ତି। କେବଳ କନଷ୍ଟେବଲ କି ସାଧାରଣ କର୍ମଚାରୀ ନୁହଁନ୍ତି, କିଛି ସବଇନ୍ସପେକ୍ଟର, ଏଏସଆଇମାନେ ମଧ୍ୟ ଏହି ସବୁ ଗେଟ୍‌ରେ ଉପସ୍ଥିତ ରହିଛନ୍ତି। ପାସ୍ ଦେଖାଇଲେ ଯାଇ ଗଣମାଧ୍ୟମ ପ୍ରତିନିଧି ହୁଅନ୍ତୁ କି ଅନ୍ୟ କାହାକୁ ଭିତରକୁ ଛଡ଼ା ଯାଉଛି। ଏପରି ତିନିଥାକିଆ ସୁରକ୍ଷା ବ୍ୟବସ୍ଥାକୁ ଭେଦି ଆନ୍ଦୋଳନକାରୀ ଚାଷୀମାନେ ପ୍ଲାକାର୍ଡ, ଧାନ ବସ୍ତା, ଗୌଣୀ, ଟୋକେଇ, ବାହୁଙ୍ଗି ଧରି ମଞ୍ଚକୁ କିପରି ଉଠିଗଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ପ୍ରଶାସନର ଦାୟିତ୍ୱହୀନତାକୁ ଯୋଗୁଁ ଏଭଳି ଏକ ଅଘଟଣ ଘଟିଲା ବୋଲି ଅଭିଯୋଗ ହେଉଛି।

ଅନ୍ୟ ପକ୍ଷରେ ୪ ଦିନ ପୂର୍ବରୁ ଏହି ସଂଗଠନର କର୍ମକର୍ତ୍ତାମାନେ ସାମ୍ବାଦିକ ସମ୍ମିଳନୀ କରି ଏହିପରି ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଥିଲେ। କିନ୍ତୁ ପ୍ରଶାସନ କ'ଣ ପାଇଁ ଚାଷୀ ସଂଗଠନର ଆନ୍ଦୋଳନ ଚେତାବନୀକୁ ହେୟ ମଣିଥିଲା ସେ ନେଇ ପ୍ରଶ୍ନ ଉଠିଛି। ଚତୁର୍ଥ ସନ୍ଧ୍ୟାରେ ଘଟିଥିବା ଏହି ଅଘଟଣାକୁ ଆଦୌ ଛୋଟ କଥା ମଣି ଏଡ଼ାଇ ଦିଆଯିବା ଉଚିତ ନୁହେଁ। ତେବେ ଏହି ଘଟଣା ନେଇ ସୂଚନା ମିଳିବା ମାତ୍ରେ ଅତିରିକ୍ତ ଏସ୍‌ପି ଶୀତିକଣ୍ଠ କାନୁନଗୋଙ୍କ ସମେତ ପୁଲିସ ଅଧିକାରୀ, କର୍ମଚାରୀ ମାନେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ମଞ୍ଚରୁ ଆନ୍ଦୋଳନକାରୀ ଚାଷୀ ମାନଙ୍କୁ ଓହ୍ଲାଇବା ପାଇଁ ୫/୭ ମିନିଟ୍ ଲାଗିଥିଲା। କେତେକ ମଧ୍ୟ ଏହା କେଉଁ କଳାକାର ଗ୍ରୁପର ନାଟକ ପ୍ରଦର୍ଶନ ମନେ କରି ଏହାକୁ ଉପଭୋଗ କରୁଥିଲେ। ପୁଲିସ ମଧ୍ୟ ଏସବୁ ଜାଣିପାରି ନଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ପୁଲିସ ଫୋନ୍ ଯୋଗେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆନ୍ଦୋଳନକାରୀ ମଧ୍ୟରୁ କେତେକ ଅଭିଯୋଗ କରିଛନ୍ତି ଯେ କିଛି ପୁଲିସ କର୍ମଚାରୀ ସେମାନଙ୍କୁ ତଣ୍ଟିଆ ମାରି ଧକ୍କା ମାରିଥିଲେ। ପୁଲିସ ସମସ୍ତଙ୍କୁ ଗିରଫ କରି ଥାନାକୁ ନେଇଯାଇଛି। ଅନ୍ୟ ପକ୍ଷରେ ଆଜିର ଏହି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସରକାରଙ୍କ ପ୍ରତିନିଧି ଭାବେ ମହୋତ୍ସବକୁ ଆସିଥିବା ମନ୍ତ୍ରୀ ଶ୍ରୀଯୁକ୍ତ ହରିଚନ୍ଦନଙ୍କ ଉଦ୍ଦେଶ୍ୟରେ ବୋଲି ଜନୈକ ଚାଷୀ ନେତା କହିଛନ୍ତି। ଏହି ଚର୍ଚ୍ଚିତ ଘଟଣାଟି ଯାଜପୁର ଜିଲ୍ଲାରେ ଧାନ କିଣା ଓ ବିଭିନ୍ନ ଭାବେ ଚାଷୀଙ୍କୁ ଶୋଷଣ କରାଯାଉଥିବା ଘଟଣାର ସରକାରଙ୍କୁ ସତର୍କ ଘଣ୍ଟି ବୋଲି କୁହାଯାଉଛି।

## ସହିଦ ଭଗତ ସିଂଙ୍କ ବଳିଦାନ ଦିବସ



**ବ୍ୟାସନଗର, ୨୩।୩(ସମିସ):** ମହାନ ବିପ୍ଳବୀ ସହିଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ୯୫ତମ ଫାଶୀ ଦିବସ ପରିପ୍ରେକ୍ଷୀରେ ବ୍ୟାସନଗରର ଭଗତ ସିଂ ସ୍ମୃତି ସଂସଦ ତରଫରୁ ଏକ ଆଲୋଚନାସଭା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନା ସଭାକୁ ଶିକ୍ଷକ ନେତା ଡ. ଦୁଷ୍ମନ୍ତ କୁମାର ନାୟକ ଉଦଘାଟନ କରିଥିଲେ। ପରେ ସଂସଦ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଥିଲା। ଉକ୍ତ ଆଲୋଚନା ସଭାରେ ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନର ସଭାପତି ବିବେକାନନ୍ଦ ମହାନ୍ତି, ପୂର୍ବତନ ନଗରପାଳିକା ସବିତା ରାଉତ, ଉଦୟବଟର ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତ, ସାମ୍ବାଦିକ ପବିତ୍ର ରଞ୍ଜନ ମହାନ୍ତି, ସ୍ମୃତି ସଂସଦର ଯୁଗ୍ମ ସମ୍ପାଦକ ପରମାନନ୍ଦ ସେଠୀ, କାଉନସିଲର କୁମୁଦିନୀ ରାଉତ, ତ୍ରିଲୋଚନ ରାଉତ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଭ୍ୟା ରଶ୍ମିରେଖା ନାୟକ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିବା ବେଳେ ସଂସଦ ତରଫରୁ ୧୦ଜଣ ଶ୍ରମିକ ଲକ୍ଷ୍ମୀ ହେମ୍ବ୍ରମ, ଗୌରୀ ନାୟକ, ଅଭିମନ୍ୟୁ ବିଶ୍ୱାଳ, ପ୍ରମିଳା ନାୟକ, ନୀତିମା ଟିୟୁ, ଆଶା ସାମାଡ଼, ରସାଇ ବଦ୍ରା, ବାସନ୍ତୀ ନାୟକ, ଜଗା ମୁଣ୍ଡା, ଗଙ୍ଗା ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଣବ ଜୀ, ଫନି କିସ୍କୁ, ମାଳତୀ ହାଁସଦା, ଜସ୍ମିତା ବିନ୍ଧାଣି, ଗୋବିନ୍ଦ ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ସହିଦଙ୍କ ସ୍ମୃତିରେ ଗଣଦୌଡ଼



**ଧର୍ମଶାଳା, ୨୩।୩(ସମିସ):** ଧର୍ମଶାଳା ଫିଜିକାଲ୍ ଏକାଡେମୀ ପକ୍ଷରୁ ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସହାୟତାରେ ଆଜି ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୮ ଘଟିକାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମାଜସେବୀ ମିନତୀ ସାହୁ ଅତିଥି ଭାବେ ଯୋଗଦେଇ ପତାକା ହଲାଇବା ପରେ ଗଣଦୌଡ଼ ଆରମ୍ଭ ହୋଇଥିଲା। ଫିଜିଲକାଲ ଏକାଡେମୀର ନିର୍ଦ୍ଦେଶକ ଚନ୍ଦ୍ରମଣି ନାୟକଙ୍କ ତତ୍ତ୍ୱାବଧାନରେ କାଏମା ଲାଲବାହାଦୂର ହାଇସ୍କୁଲରେ ପଡ଼ିଆରେ ପ୍ରତିଯୋଗିମାନେ ଏକତ୍ରିତ ହେବା ପରେ ଗଣଦୌଡରେ ଆସି ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲେ। ଏହି ଗଣଦୌଡ଼ରେ ଜାରକା, ବଡ଼ଚଣା, ସୁକିନ୍ଦା ଆଦି ବ୍ଲକର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦେଶ ପାଇଁ ସହିଦ ଭଗତ ସିଂ, ରାଜଗୁରୁ ଓ ଶୁକଦେବଙ୍କ ବଳିଦାନକୁ ମନେ ପକାଇବା ଉଦ୍ଦେଶ୍ୟରେ ଏକାଡେମୀ ପକ୍ଷରୁ ଏଭଳି ଗଣଦୌଡର ଆୟୋଜନ କରାଯାଇଛି ବୋଲି ଏକାଡେମୀର ନିର୍ଦ୍ଦେଶକ ସୂଚନା ଦେଇ କହିଥିଲେ। ଗଣଦୌଡ ସମାପ୍ତି ପରେ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ସମାଜସେବୀ ଶ୍ରୀମତୀ ସାହୁ ଓ ସାମ୍ବାଦିକ ବିମଳ ପତି ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବାଳକ ବିଭାଗରେ ତିନିଜଣ ଓ ବାଳିକା ବିଭାଗରେ ୩ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏଥିସହ ଏହି ଦୌଡରେ ଅଂଶଗ୍ରହଣ କରିଥିବା ସମସ୍ତ ବାଳକ ଓ ବାଳିକମାନଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପ୍ରାକ୍ତନ ବନ୍ଦର ପ୍ରଶାସକ ରବି ନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି

**ଯାଜପୁର, ୨୩।୩(ସମିସ):** ଆଣ୍ଡାମାନ ନିକୋବର ଦ୍ୱୀପକୁ ସପରିବାର ପରିଭ୍ରମଣରେ ଯାଇଥିବା ବେଳେ ସେଠାରେ ଆକସ୍ମିକ ଭାବେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ପାରାଦୀପ ପୋର୍ଟର ପ୍ରାକ୍ତନ ଅର୍ଥପରାମର୍ଶଦାତା ରବିନାରାୟଣ ରାଉତରାୟଙ୍କୁ ତାଙ୍କ ନିଜ ଗ୍ରାମ ଯାଜପୁର ହୀରାପୁରଠାରେ ଶବଦାହ କରାଯାଇଛି। ଶନିବାର ରାତିରେ ମୃତଦେହ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ରସୁଲଗଡ଼ସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରୁ ନିଜ ଗ୍ରାମ ହୀରାପୁରକୁ ଆସିବା ପରେ ଏକ ଶୋଭାଯାତ୍ରାରେ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସ୍ୱର୍ଗତ ରାଉତରାୟ ୧୯୭୮ ମସିହାରୁ ୨୦୧୧ମସିହା ପର୍ଯ୍ୟନ୍ତ ପରାଦୀପ ବନ୍ଦରର ଅର୍ଥପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ତାଙ୍କର ସାନଭାଇ କଟକ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ହୃଦ୍‌ରୋଗ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡା. ସତ୍ୟନାରାୟଣ ରାଉତରାୟ, ସ୍ତ୍ରୀ ଓ ପ୍ରସୂତୀ ବିଭାଗର ମୁଖ୍ୟ ପ୍ରଫେସର ଡା. ସସ୍ମିତା ସ୍ୱାଇଁ ଓ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୃତ୍ୟୁବେଳକୁ ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ହିମାଂଶୁ ଶେଖର ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟିକା ସୁଜାତା ସାହୁ, ପ୍ରାକ୍ତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ଯାଜପୁର ଜିଲ୍ଲାପରିଷଦର ପୂର୍ବତନ ଅଧ୍ୟକ୍ଷ ଗୌତମ ରାୟ, ସମାଜସେବୀ ଡା. ଗୋପାଳ ଚନ୍ଦ୍ର ମିଶ୍ର, ସାହିତ୍ୟିକ ଘନ ପରିଡ଼ା, ସାମ୍ବାଦିକ ଅରୁଣ କୁମାର ରାଉତରାୟ, ସମାଜସେବୀ ସନ୍ତୋଷ କୁମାର ନନ୍ଦ, ଦେବେନ୍ଦ୍ର କୁମାର ପଣ୍ଡା, ନିରାକାର ସାହୁ, ରାମଚନ୍ଦ୍ର ଜେନା, ଶିକ୍ଷାବିତ ଧରଣୀଧର ମହାପାତ୍ର, ସୁରେନ୍ଦ୍ର ରାୟ, ଅଭିମନ୍ୟୁ ରାଉତରାୟ, ଦେବେନ୍ଦ୍ର କୁମାର ରାଉତରାୟ ଓ ରମେଶ ପଣ୍ଡା ପ୍ରମୁଖ ଗଭିର ଶୋକ ପ୍ରକାଶ କରିଛନ୍ତି।

## ଟିଚର୍ସ କ୍ଲବ୍‌ର ବାର୍ଷିକ ଉତ୍ସବ



**ସିଂହପୁର, ୨୩।୩(ସମିସ):** ବିଞ୍ଝାରପୁର ବ୍ଲକ ଟିଚର୍ସ କ୍ଲବର ଷୋଡ଼ଶ ବାର୍ଷିକ ଉତ୍ସବ ସୟଦପୁରସ୍ଥ ବ୍ରଜସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭୟ ଚରଣ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ ପୁଷ୍ପକାନ୍ତ ମଲ୍ଲିକ, ମୁଖ୍ୟବକ୍ତା ଡ. ନୃସିଂହ ଚରଣ ବେହେରା, ବିଶିଷ୍ଟ ବକ୍ତା ସୁରେନ୍ଦ୍ର କୁମାର ରାୟ ଓ ସମ୍ମାନିତ ଅତିଥି ଭାବେ ସାଗରିକା ନାଥ ଯୋଗ ଦେଇଥିଲେ। ଉପସଭାପତି ଅକ୍ଷୟ କୁମାର ସେଠୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଟିଚର୍ସ କ୍ଲବର ପ୍ରାକ୍ତନ ସଭାପତି ବିଜୟ କୁମାର ନାୟକ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ରଖିଥିବା ବେଳେ ସମ୍ପାଦକ ଭାରତ ଭୂଷଣ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। 'ବିଦ୍ୟାଳୟରେ ନୈତିକ ଶିକ୍ଷା' ପ୍ରସଙ୍ଗ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରକୁ ଶିକ୍ଷାବିତ ପ୍ରମୋଦ କୁମାର ସାମଲ, ସୁରେନ୍ଦ୍ର କୁମାର ପତି ଓ ଦୀନବନ୍ଧୁ ଧଳ ପରିଚାଳନା କରିଥିଲେ। ବିଞ୍ଝାରପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଶିକ୍ଷାବିତ ରବିନାରାୟଣ ସାମଲ, ସୁବୋଧ କୁମାର ସାହୁ ବୀଣାପାଣି ଧଳ, ଛାୟାପତି ଜେନା ଓ ବାସୁଦେବ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ବ୍ଲକର ମାଟ୍ରିକ ଟପ୍ପରମାନଙ୍କୁ ପୁରୁଷୋତ୍ତମ ସାହୁ ମେଧା ସମ୍ମାନ, ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାଧବାନନ୍ଦ ଗୁରୁ ମେଧା ସମ୍ମାନ, ବ୍ଲକସ୍ତରୀୟ ପ୍ରତିଭା ପ୍ରତିଯୋଗିତାରେ ସଫଳତାପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ପଦ୍ମନାଭ ଦାସ ମେଧା ସମ୍ମାନ, ଭବାନୀ ପ୍ରସାଦ ସ୍ମୃତି ସମ୍ମାନ, ମନୋରଞ୍ଜନ ସାହୁ ମେଧା ସମ୍ମାନ ଓ ରଶ୍ମିରଞ୍ଜନ ସ୍ମୃତି ସମ୍ମାନ ଆଦି ପ୍ରଦାନ କରାଯାଇଥିଲା। ପୃଷ୍ଠପୋଷକ ସଚ୍ଚିଦାନନ୍ଦ ଗୁରୁ, ପ୍ରମଥେସ ଦାସ, ଭାଗ୍ୟଶ୍ରୀ ସାହୁ ଓ ଅର୍ଚ୍ଚନା ଆଚାର୍ଯ୍ୟ ଉପସ୍ଥିତ ରହି ଏହିସବୁ ପୁରସ୍କାର ପ୍ରଦାନ କରିଥିଲେ। ଉପଦେଷ୍ଟା ଉମେଶ ଚନ୍ଦ୍ର ସାମଲ, ଅର୍ଜୁନୀ ଦାଶ, ରବୀନ୍ଦ୍ର କୁମାର ଦାସ, ଚନ୍ଦ୍ରଭାନୁ ଜେନା, ଗୌରାଙ୍ଗ ଚରଣ ସ୍ୱାଇଁ ଓ ସୁବାସ ଚନ୍ଦ୍ର ନାୟକ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶିକ୍ଷାବିତ ନିରଞ୍ଜନ ଦାସ, ରାମଚନ୍ଦ୍ର ନାୟକ, ମେଘନାଦ ମହାଳିକ, ଚନ୍ଦ୍ରମଣି ନାୟକ, ଅମ୍ବୁଜ ଦାସ ଓ ମିନତୀ ସାହୁ ମାଟ୍ରିକ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ ଅନ୍ତର୍ଯ୍ୟାମୀ ମହାପାତ୍ର, ସାଉଁଟି ଚରଣ ମଲ୍ଲିକ ଓ ପଦ୍ମାକର ଗୁରୁ ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ ବିଷ୍ଣୁ ଚରଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନଜୀବୀଙ୍କ ମାତୃ ବିୟୋଗ



**ପ୍ରୀତିପୁର, ୨୩।୩(ସମିସ):** ବିଞ୍ଝାରପୁରର ଆଇନଜୀବୀ ହରେଶ ରଞ୍ଜନ ଦାସଙ୍କ ମାତୃଦେବୀ ରାଜଲକ୍ଷ୍ମୀ ଦାସ(୭୨)ଙ୍କର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ପରଲୋକରେ ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ସମୟରେ ତାଙ୍କ ନିକଟରେ ସ୍ୱାମୀ, ଦୁଇପୁତ୍ର, ତିନି ପୁତ୍ରବଧୂ, କନ୍ୟା ତଥା ନାତିନାତୁଣୀ ଉପସ୍ଥିତ ଥିଲେ। ଅନ୍ତିମ ସଂସ୍କାର ସମୟରେ ଗ୍ରାମବାସୀ, ବନ୍ଧୁବାନ୍ଧବ ତଥା ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବିଦାୟକାଳୀନ ସଭା ଓ ଅଭିଭାବକ ସମ୍ମିଳନୀ

**ବରୀ, ୨୩।୩(ସମିସ):** ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ, ମେଦୁଆକୂଳ ପରିସରରେ ଦୁଇଦିନ ଧରି ଅଷ୍ଟମଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସଭା ଓ ଅଭିଭାବକ ସମ୍ମିଳନୀ ଶିକ୍ଷାଶ୍ରମର ମୁଖ୍ୟସେବକ ଡ. ନୃସିଂହ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଶ୍ରମରେ ଅଧ୍ୟୟନରତ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ଦେବା ଅବସରରେ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷକ ସୌଭାଗ୍ୟ କୁମାର ଜେନା ବିଦ୍ୟାଳୟ ତଥା ଗୁରୁଜୀ ଗୁରୁମା'ମାନଙ୍କୁ ମନେ ରଖିବା ସହିତ ପିଲାମାନେ ଆଗକୁ ଆଗେଇ ଉଜ୍ଜଳ ଭବିଷ୍ୟତ ଗଢି ଜୀବନରେ ଭଲ ମଣିଷ ହୋଇପାରିବେ ସେଥିପାଇଁ ଉଦ୍ୟମ କରିବା ଉଚିତ୍ ବୋଲି କହିଥିଲେ। ଏଥିରେ ଅବସରପ୍ରାପ୍ତ ସେବା ଅଧିକାରୀ ଦିବାକର ଜେନା, ଶିକ୍ଷାବିତ ମକରଧ୍ୱଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସୌଭାଗ୍ୟ କୁମାର ଜେନା ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗଣିତ ବିଶାରଦ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ଗୋକୁଳାନନ୍ଦ ଦାସଙ୍କ ସ୍ମୃତିରେ କେନ୍ଦ୍ରାପଡ଼ା ଜିଲ୍ଲା ନିକିରେଇ ଅମୃତ ମଣୋହୀ ଗ୍ରାମର ବିଶିଷ୍ଟ କବି, ସାରସ୍ୱତ ସାଧକ ଶୈଳଜା ଶଙ୍କର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟକାର ଅଭୟ କୁମାର ଶତପଥୀ ଛାତ୍ରଛାତ୍ରୀଙ୍କର ଗଠନରେ ମାଆ ମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଡାକ୍ତର ଶଶିକାନ୍ତ ସାହୁ ପିଲାଙ୍କର ଶାରୀରିକ, ବୌଦ୍ଧିକ, ମାନସିକ, ନୈତିକ, ସାମାଜିକ ଶିକ୍ଷା ସହିତ କମ୍ପ୍ୟୁଟର ତଥା ପ୍ରୋଜେକ୍ଟର ମାଧ୍ୟମରେ ଶିକ୍ଷାଦାନ କରାଇବା ପାଇଁ ମତାମତ ପ୍ରଦାନ କରିଥିଲେ। ଶିକ୍ଷକ ମିହିର କୁମାର ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ।

## ମା' ସିଂହାରଶୁଣୀଙ୍କ ବାର୍ଷିକ ଯଜ୍ଞ

**ଧର୍ମଶାଳା, ୨୩।୩(ସମିସ):** ଧର୍ମଶାଳା ବ୍ଲକ ସିଂହାରସାହିସ୍ଥିତ ସିଂହାରଶୁଣୀ ମଠ ପରିସରରେ ମା' ସିଂହାରଶୁଣୀଙ୍କ ୫ମ ବାର୍ଷିକ ଯଜ୍ଞ ଉତ୍ସବ ଆରମ୍ଭ ହୋଇଛି। ୪ ଦିନ ବ୍ୟାପୀ ହେବାକୁ ଥିବା ଏହି ଯଜ୍ଞ ଉତ୍ସବରେ ୨୨ ତାରିଖରେ ଅଙ୍କୁର ରୋପଣ ଓ କୁଣ୍ଡମଣ୍ଡଳୀ ନିର୍ମାଣ କରାଯାଇଥିଲା। ୨୩ ତାରିଖ ପ୍ରାତଃ ୭ଟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯଜ୍ଞବେଦୀରେ କଳସ ସ୍ଥାପନ ପରେ ମଣ୍ଡଳାଦି ପୂଜା, ଯଜ୍ଞବେଦୀରେ ଅଗ୍ନିସ୍ଥାପନ କରାଯାଇ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା, ମଣ୍ଡଳାଦି ପୂଜା ଓ ରୁଦ୍ର ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ୨୫ ତାରିଖ ବେଦ ପାଠ, ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା, ମଣ୍ଡଳାଦୀ ପୂଜା ଓ ଶହରୀ ଯଜ୍ଞ କରାଯିବ। ସେହିପରି ୨୫ ତାରିଖ ଚଣ୍ଡପାଠ କରାଯାଇ ପୂର୍ଣ୍ଣାହୁତି କରାଯିବ।

## ମା' ହିଙ୍ଗୁଳାଙ୍କ ପୂର୍ଣ୍ଣାହୁତି ମହୋତ୍ସବ

**ଯଖପୁରା, ୨୩।୩(ସମିସ):** ନୀଳମଣିଦେଇପୁର ଶାସନରେ ପବିତ୍ର ଓ ଭକ୍ତିମୟ ପରିବେଶରେ ମା' ହିଙ୍ଗୁଳାଙ୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟା ୭ ଘଟିକା ସମୟରେ ମା' ହିଙ୍ଗୁଳା ମଣ୍ଡପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆଧ୍ୟାତ୍ମିକ ପରିବେଶରେରେ ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ପୂର୍ଣ୍ଣାହୁତି ଅବସରରେ କର୍ତ୍ତା ଓ କର୍ତ୍ତ୍ରି ଭାବେ ସତ୍ୟବ୍ରତ ଶତପଥୀ ଓ ପ୍ରଜ୍ଞା ପ୍ରିୟଦର୍ଶିନୀ ଶତପଥୀ ନିଜ ଦାୟିତ୍ୱ ପାଳନ କରିଥିଲେ। ଏହାସହ ମା' ହିଙ୍ଗୁଳା କମିଟିର ସଭାପତି ଭାସ୍କର ଚନ୍ଦ୍ର ଶତପଥୀ, ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ଓ ସମାଜର ବିଭିନ୍ନ ସ୍ତରର ସମ୍ମାନୀୟ ବ୍ୟକ୍ତିବର୍ଗ ଜିତେନ୍ଦ୍ର ଶତପଥୀ, ଆଲୋକ କୁମାର ଭୂତିଆ, ଅରୁଣ କୁମାର ମଲ୍ଲିକ, ନରହରି ଜେନା, ମନୋଜ ବେହେରା ଓ ଗୋକୁଳ ଚନ୍ଦ୍ର ସାହୁ, ପଙ୍କଜ ଜେନା ଓ ହିମାଂଶୁ ପୃଷ୍ଟି ଉପସ୍ଥିତ ଥିଲେ।



## ଶିଶୁ ଓ କିଶୋର ଶ୍ରମ ନିଷେଧ ଅଧିନିୟମ ପ୍ରଶିକ୍ଷଣ

**ଯାଜପୁର, ୨୩।୩(ସମିସ)**



ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଯାଜପୁରଠାରେ ଜିଲ୍ଲାସ୍ତରୀୟ ଏକଦିବସୀୟ ଶିଶୁ ଓ କିଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ଅଧିନିୟମ ୧୯୮୬ ସମ୍ପର୍କୀତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, ଯାଜପୁର ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଅଭିମୁଖୀକରଣ ପ୍ରଶିକ୍ଷଣରେ ମୁଖ୍ୟଅତିଥି ରୂପେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସମ୍ମାନିତ ଅଧିକାରୀ ଭାବେ ବରିଷ୍ଠ ଶ୍ରମ ଅଧିକାରୀ ଦେବାଶିଷ ଜେନା, ସ୍ମୃତିରଞ୍ଜନ ପଣ୍ଡା ଓ ସୌମ୍ୟରଞ୍ଜନ ବେହେରା ଯୋଗଦେଇ ଶିଶୁ ନିରୋଧ ଅଧିନିୟମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଅତିଥି ରୂପେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ, ଯାଜପୁର ସନ୍ତୋଷ କୁମାର ଜେନା ଯୋଗ ଦେଇ ଶିକ୍ଷାୟତନ ଛାଡ଼ିଥିବା ପିଲାମାନଙ୍କୁ ପୁନଃ ଶିକ୍ଷାକ୍ଷେତ୍ରକୁ ଆଣିବା ପାଇଁ ସରକାରଙ୍କ ଆସ ସ୍କୁଲ ଯିବା ଅଭିଯାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ରୂପେ ସାମାଜିକ କର୍ମୀ ମଣ୍ଟୁ ଦାସ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ସିଏସିଏଲ୍‌ର ଆଞ୍ଚଳିକ ଆବାହକ ହୃଷିକେଷ ପଣ୍ଡା ଓ ଜିଲ୍ଲା ଆବାହକ ଚନ୍ଦ୍ରଶେଖର ବେହେରା ଶିଶୁ ଶ୍ରମରୁ ଉଦ୍ଧାର ହୋଇଥିବା ପିଲାଙ୍କ ଥଇଥାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଷୟ ବିଶାରଦ ରୂପେ ଆଇନଜୀବୀ ପ୍ରମୋଦ କିଶୋର ଆଚାର୍ଯ୍ୟ ଶିଶୁ ଓ କିଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ଅଧିନିୟମ ୧୯୮୬ ର ବିଭିନ୍ନ ଧାରା ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ଭାବରେ ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ଅଧିକାରୀ ରୋଜାଲିନ ପଣ୍ଡା, ପରାମର୍ଶଦାତା ଶିଶିର କୁମାର ମଲ୍ଲିକ, ରବୀନ୍ଦ୍ରନାଥ ସେଠୀ, ଚାଇଲ୍ଡ ହେଲ୍ପଲାଇନର ଜିଲ୍ଲା ସଂଯୋଜକ ବରେନ୍ଦ୍ରକୃଷ୍ଣ ଦାସ, ସାଇପ୍ରଭା ପଣ୍ଡା, ରୁଚିକା ସାମାଜିକ ସଂଗଠନର କର୍ମକର୍ତ୍ତା ଅରୁଣା ଦାସ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ମହିଳା ପରିଦର୍ଶିକା, ବିଶ୍ୱଭୂଷଣ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟର ରବୀନ୍ଦ୍ରନାଥ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ସାଧନକେନ୍ଦ୍ର ସ୍ତରୀୟ ମାସିକ ବୈଠକ

**ପ୍ରୀତିପୁର, ୨୩।୩(ସମିସ):** ବିଞ୍ଝାରପୁର ବ୍ଲକର ରଣପୁର ପଞ୍ଚାୟତ ଅନ୍ତର୍ଗତ ଲୁଣିଡିହ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ବଟେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟମାସିକ ସହଭାଗୀତା ବୈଠକ ଅନୁଷ୍ଠିତ ହୋଇଯାଇଛିଫ ଏହି ବୈଠକର ଉଦଘାଟନୀ କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଶାନ୍ତ କୁମାର ଦାସ ସଭାପତିତ୍ୱ କରିଥିଲେଫ ବରିଷ୍ଠ ଶିକ୍ଷକ ରତନଲାଲ ଭୂୟାଁ ଉଦଘାଟନ କରିଥିଲେ। ବରିଷ୍ଠ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାମଲ, ଟିକିଲତା ବେହେରା, ସଂଯୁକ୍ତା ସାମଲ, ଅମୂଲ୍ୟ ସାମଲ, ତାପସ କୁମାର ସାହୁ, ରତିକାନ୍ତ ଯେନା, ଜ୍ୟୋସ୍ନାରାଣୀ ଜେନା, କୈଳାସ ବେହେରା, ସୁପ୍ରଭା ମଲ୍ଲିକ, ସୁଧୀର ସାମଲ, ଶରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଝରଣା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ବୈଠକରେ ଚଳିତ ଶିକ୍ଷାବର୍ଷର ବିଭିନ୍ନ ଆବଶ୍ୟକ ଦିଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମାନ ଅନୁଷ୍ଠିତ ହୋଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



କ୍ଷମତା ଦୁଇପ୍ରକାରେ ହାସଲ କରାଯାଇପାରେ; ଦଣ୍ଡ ଭୟ ଜରିଆରେ କିମ୍ବା ଶ୍ରଦ୍ଧାରେ। ଦ୍ୱିତୀୟଟି ପ୍ରଥମ ଅପେକ୍ଷା ହଜାରେ ଗୁଣ ଶ୍ରେୟସ୍କର।
-ମହାତ୍ମା ଗାନ୍ଧୀ

## ସ୍ୱଚ୍ଛଳ/ଅସ୍ୱଚ୍ଛଳ

ଅନ୍ୟ ପଛୁଆ ବର୍ଗ ପାଇଁ ଥିବା ୨୭ ପ୍ରତିଶତ ସଂରକ୍ଷଣ ସୁବିଧାରୁ ସ୍ୱଚ୍ଛଳ ଓ ସମ୍ଭ୍ରାନ୍ତ (କ୍ରିମିଲେୟର)ଙ୍କୁ ବାଦ ଦେବା ପ୍ରସଙ୍ଗକୁ ନେଇ କେନ୍ଦ୍ର କର୍ମଚାରୀ ଓ ପ୍ରଶିକ୍ଷଣ ମନ୍ତ୍ରାଳୟର ନିର୍ଦ୍ଦେଶରୁ ସୂତ୍ରପାତ ହୋଇଥିବା ବିବାଦର ଅବସାନ ଘଟାଇଛନ୍ତି ସୁପ୍ରିମକୋର୍ଟ। ଭାରତୀୟ ପ୍ରଶାସନ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା କିଛି ଆବେଦନକାରୀ ଓବିସି ସଂରକ୍ଷଣ ସୁବିଧା ପାଇବାରୁ ବଞ୍ଚିତ ହେବା ଘଟଣାକ୍ରମରୁ ଅଦାଲତୀୟ ହସ୍ତକ୍ଷେପର ସୁଯୋଗ ସୃଷ୍ଟି କରିଥିଲା। ଏ ସଂକ୍ରାନ୍ତରେ ତିନିଟି ହାଇକୋର୍ଟଙ୍କ ରାୟ ପ୍ରେକ୍ଷାପଟ୍ଟରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପର ଆବଶ୍ୟକତା ଉପଲବ୍ଧି ହୋଇଥିଲା। ଓବିସି କ୍ରିମିଲେୟରଙ୍କୁ କେବଳ ଅଭିଭାବକଙ୍କ ଆୟ ମାଧ୍ୟମରେ ଚିହ୍ନଟ କରାଯାଇପାରିବ ନାହିଁ। ଏହା ବ୍ୟବସ୍ଥାର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବ୍ୟାହତ କରୁଛି ବୋଲି ସୁପ୍ରିମକୋର୍ଟ ମାର୍ଚ୍ଚ ୧୧ ତାରିଖ ରାୟରେ ଦର୍ଶାଇଛନ୍ତି।

ଇନ୍ଦିରା ସାହାଣୀଙ୍କ ଆବେଦନକ୍ରମେ ସୁପ୍ରିମକୋର୍ଟଙ୍କ ରାୟ ୧୯୯୩ ରେ ସରକାରୀ ସ୍ତରରେ ନିର୍ଦ୍ଦେଶାବଳୀ ପ୍ରସ୍ତୁତ ହୋଇଥିଲା। ସେତେବେଳେ ସର୍ବୋଚ୍ଚ ନ୍ୟାୟାଳୟ ଦର୍ଶାଇଥିଲେ ଯେ ସାମାଜିକ ବ୍ୟବସ୍ଥାରେ ଅପେକ୍ଷାକୃତ ସଂପନ୍ନ ପରିବାରକୁ ଓବିସି ପାଇଁ ଉପଲବ୍ଧ ସ୍ୱତନ୍ତ୍ର ସୁବିଧା ସୁଯୋଗରୁ ବାଦ ଦିଆଯାଇପାରେ। ସେମାନଙ୍କୁ ସ୍ୱଚ୍ଛଳବର୍ଗ ବା କ୍ରିମିଲେୟର କୁହାଗଲା। ୧୯୯୩ର ଏହି ନୀତିଗତ ନିଷ୍ପତ୍ତିର ଉଦ୍ଦେଶ୍ୟ ୨୦୦୪ରେ ଗ୍ରହଣ କରାଯାଇଥିବା ସଂଶୋଧିତ ପଦକ୍ଷେପରେ ବ୍ୟାହତ ହୋଇଥିଲା। ସାମାଜିକ ସ୍ତରରେ ସାମନ ଶ୍ରେଣୀ ଓ ପଦମର୍ଯ୍ୟାଦାରେ ଥିବା ଲୋକଙ୍କ ମଧ୍ୟରେ ଏହା କୃତ୍ରିମ ବିଭେଦର ମଞ୍ଜି ବୁଣିଥିଲା। ମୂଳତଃ ଏହା ଦର୍ଶାଯାଇଥିଲା ଯେ ଗ୍ରୁପ 'ଏ ଚାକିରି' ଓ ଗ୍ରୁପ 'ବି' ର ଯେଉଁମାନେ ୪୦ ବର୍ଷ ପୂର୍ବରୁ ଗ୍ରୁପ 'ଏ' କୁ ପଦୋନ୍ନତି ପାଇଥିବେ ସେମାନଙ୍କୁ ସ୍ୱଚ୍ଛଳ ବର୍ଗ ରୂପେ ପରିଗଣିତ କରାଯିବ। ସେହିଭଳି ପିଏସ୍ୟୁ, ବ୍ୟାଙ୍କ ଓ ବିଶ୍ୱବିଦ୍ୟାଳୟରେ ସମାନ ପଦମର୍ଯ୍ୟାଦାରେ ଥିବା ଅଧିକାରୀଙ୍କ କ୍ଷେତ୍ରରେ ଅନୁରୂପ ନିୟମ କାର୍ଯ୍ୟକାରୀ ହେବ। ୧୯୯୩ ରେ ଏହି ନିଷ୍ପତ୍ତି ଉପରେ ପରବର୍ତ୍ତୀ ପର୍ଯ୍ୟାୟରେ ଯେଉଁ ସ୍ପଷ୍ଟୀକରଣ ମାଧ୍ୟମରେ ବ୍ୟବସ୍ଥାଗତ ନିଷ୍ପତ୍ତି ନିଆଗଲା ତାହା ହିଁ ବିବାଦକୁ ଇନ୍ଧନ ଯୋଗାଇଲା। ଅଭିଭାବକଙ୍କ ବେତନ ବାଦ ଅତିରିକ୍ତ ଆୟ, ଯଥା – କୃଷିକ୍ଷେତ୍ରରୁ ଓ ଅନ୍ୟାନ୍ୟ ସଂପତ୍ତିରୁ ହେଉଥିବା ଉପାର୍ଜନକୁ ଯୋଡ଼ି ଦିଆଗଲା। ଅଥଚ ମୂଳ ନିଷ୍ପତ୍ତିରେ ଅଭିଭାବକଙ୍କ ସାମାଜିକ ସ୍ତରରେ ଆର୍ଥିକ ଦୃଷ୍ଟିରୁ ସ୍ୱତନ୍ତ୍ର ସମ୍ମାନ ଓ ମର୍ଯ୍ୟାଦାରୁ ସେମାନେ କ୍ରିମିଲେୟର କି ନୁହେଁ ତାହା ନିର୍ଦ୍ଧାରଣ କରାଯିବ। ୨୦୦୪ ର ନିଷ୍ପତ୍ତି ବ୍ୟବସ୍ଥାକୁ ସୁଧାରିବା ପରିବର୍ତ୍ତେ ବିଗାଡ଼ି ଦେଲା। ଅଭିଭାବକଙ୍କ କ୍ରମାଗତ ୩ ବର୍ଷର ଆୟକୁ ବିଚାର କରି ସଂରକ୍ଷଣ ସୁବିଧା ମିଳିବ କି ନାହିଁ ତାହା ସ୍ଥିରୀକୃତ ହେଲା। ଏକ୍ଷେତ୍ରରେ ପିଏସ୍ୟୁରେ କାର୍ଯ୍ୟରତ ଅଭିଭାବକଙ୍କ ପିଲାମାନେ କ୍ଷତିଗ୍ରସ୍ତ ହେଲେ।

ନିକଟରେ ସୁପ୍ରିମକୋର୍ଟ ମଧ୍ୟବର୍ତ୍ତୀକାଳୀନ ଏହି ପରିବର୍ତ୍ତିତ ନିଷ୍ପତ୍ତିକୁ କଠୋର ସମାଲୋଚନା କରି କହିଛନ୍ତି ଯେ କୌଣସିପ୍ରକାରେ ମୂଳ ନୀତିଗତ ଆଧାରକୁ ବ୍ୟାହତ ହେବାକୁ ଦିଆଯିବ ନାହିଁ। ଅଭିଭାବକଙ୍କ ପଦମର୍ଯ୍ୟାଦା ଓ ପ୍ରତିପତ୍ତି ସଂପର୍କରେ ବିଚାର ନ କରି କେବଳ ବେତନ ଆଧାରରେ ପିଲାଙ୍କୁ ସ୍ୱଚ୍ଛଳବର୍ଗରେ ବିଚାର କରିବା ଠିକ୍ ହେବ ନାହିଁ। ଏପରିକି ଗ୍ରୁପ 'ସି' ଓ ଗ୍ରୁପ 'ଡି'ରେ କାର୍ଯ୍ୟରତ ସରକାରୀ କର୍ମଚାରୀ ଉଚ୍ଚ ବେତନ ପାଉଥିଲେ ମଧ୍ୟ ସେମାନଙ୍କୁ ସ୍ୱଚ୍ଛଳବର୍ଗରେ ଗ୍ରହଣ କରାଯାଇନାହିଁ। ଦୁଇପକ୍ଷଙ୍କୁ ସମାନ ନୀତି ଓ ଆଦର୍ଶରେ ବିଚାର ନ କରିବା ନିରପେକ୍ଷତା କୁହାଯାଇ ପାରିବ ନାହିଁ। କାର୍ଯ୍ୟନିର୍ବାହୀଙ୍କ ପକ୍ଷପତିତାକୁ ସୁପ୍ରିମକୋର୍ଟଙ୍କ ଏହା ଏକ କଠୋର ବାର୍ତ୍ତା କୁହାଯାଇପାରେ।

ଆମ ଦେଶ ସଂରକ୍ଷଣ ବ୍ୟବସ୍ଥା ତଫସିଲଭୁକ୍ତ ଜାତି ଓ ଜନଜାତି ମଧ୍ୟରେ ସୀମିତ ଥିବା ବେଳେ ଜାତୀୟ ରାଜନୈତିକ ଦୃଶ୍ୟପଟ୍ଟରେ ମଣ୍ଡଳ ଓ କାମଣ୍ଡଳକୁ ନେଇ ଯେଉଁ ବିବାଦର ସୂତପାତ ହେଲା ସେଥିରୁ ସଂରକ୍ଷଣର ପରିସର ବୃଦ୍ଧି ପାଇଁ ନୂଆ ସୁଯୋଗ ସୃଷ୍ଟି ହେଲା। ଅନ୍ୟ ପଛୁଆ ବର୍ଗ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ହାସଲ କଲେ। ଏକଥା ସତ ଯେ ଏହି ବର୍ଗରେ ଥିବା ଅପେକ୍ଷାକୃତ ଅଧିକ ସ୍ୱଚ୍ଛଳ ଓ ପ୍ରଭାବଶାଳୀ ପରିବାରର ପିଲାମାନେ ସଂରକ୍ଷଣ ବ୍ୟବସ୍ଥାକୁ ନିଜ ଦଖଲରେ ଏକପ୍ରକାର ରଖିବାକୁ ସମର୍ଥ ହେଲେ। ଅଥଚ ଯେଉଁମାନଙ୍କୁ ଦୃଷ୍ଟିରେ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ଏହି ପ୍ରୟାସ ହୋଇଥିଲା ତାହା ଏକପ୍ରକାର ବିଫଳ ହେଲା। ତେଣୁ କ୍ରିମିଲେୟରଙ୍କୁ ଏହି ସଂରକ୍ଷଣ ସୁବିଧାରୁ ବାଦ ଦେବା ପାଇଁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକ୍ରମେ ନୀତି ନିର୍ଦ୍ଧାରଣକୁ ଅଗ୍ରାଧିକାର ଦିଆଗଲା। ନିଷ୍ପତ୍ତିର ଲକ୍ଷ୍ୟ ହାସଲ ପଛରେ ଯେଉଁ ନିଷ୍ଠା ଆବଶ୍ୟକ ସେ କ୍ଷେତ୍ରରେ ଯେ ପାରଦର୍ଶିତା ଅଭାବ ଅଛି ଏକଥା ନୁହେଁ। ଓବିସି ଲବିର ପ୍ରଭାବଶାଳୀ ବ୍ୟକ୍ତି ଓ କାର୍ଯ୍ୟନିର୍ବାହୀଙ୍କ ନିହିତ ସ୍ୱାର୍ଥ ବ୍ୟବସ୍ଥାରେ ବିଭ୍ରାଟ ଘଟାଇବାରେ ପାରଙ୍ଗମ। ତେଣୁ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଉପୁଜିଥିବା ସମାସ୍ୟାର ସାମାଧାନ ହୋଇପାରିଲା ନାହିଁ।

ସିଭିଲ ସର୍ଭିସ ପରୀକ୍ଷାର୍ଥୀଙ୍କ ପକ୍ଷରୁ ୨୦୦୪ରେ ପରିବର୍ତ୍ତିତ କ୍ରିମିଲେୟର ନୀତି ବିରୋଧରେ ବିଭିନ୍ନ ଅଦାଲତରେ ମାମଲ ଚାଲିଥିଲା। ବିଶେଷକରି ପିଏସୟୁରେ କାର୍ଯ୍ୟରତ କର୍ମଚାରୀଙ୍କ ପିଲାମାନେ ଏହି ସଂରକ୍ଷଣ ସୁବିଧାରୁ ବଞ୍ଚିତ ହେଉଥିଲେ। ୩ଟି ହାଇକୋର୍ଟ ରାୟ ପରେ ପରେ ଏକ୍ଷେତ୍ରରେ ଯେଉଁ ବାଧ୍ୟବାଧକତା ସୃଷ୍ଟି ହେଲା ସେଥିରେ ସରକାର ସୁପ୍ରିମକୋର୍ଟ ଯିବାକୁ ବାଧ୍ୟ ହୋଇଥିଲେ। ୨୦୨୫ ରୁ ଏହି ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିଲେ ମଧ୍ୟ ତାହାର ରାୟ ଏହି ମାସରେ ପ୍ରକାଶ ପାଇଛି। ବିଚାରପତି ପି.ଏସ ନରସିଂହ ଓ ବିଚାରପତି ଆର. ମାଧବନଙ୍କ ଖଣ୍ଡପୀଠର ଏହି ରାୟ କ୍ରିମିଲେୟର ନିର୍ଦ୍ଧାରଣକୁ ନେଇ ପରିଲକ୍ଷିତ ବାଛବିଚାରର ଅବସାନ ଘଟାଇବାରେ ସହାୟକ ହେବ ବୋଲି ଆଶା। ●

## ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା:ଏକ ପ୍ରଶ୍ନବାଚୀ

ଡ. ପଦ୍ମଲୋଚନ ରାଉତ




ଗଣତନ୍ତ୍ରର ସଫଳତା କେବଳ ନିର୍ବାଚନ ସମ୍ପନ୍ନ ହେବାରେ ନୁହେଁ, ବରଂ ନିର୍ବାଚନର ସ୍ୱଚ୍ଛତା, ନିରପେକ୍ଷତା ଓ ବିଶ୍ୱସନୀୟତା ଉପରେ ନିର୍ଭର କରେ। ଜନମତର ସଠିକ୍ ପ୍ରତିଫଳନ ହେଉଥିବା ଏହି ପ୍ରକ୍ରିୟା ମାଧ୍ୟମରେ ଦେଶର ଶାସନ ବ୍ୟବସ୍ଥା ଗଠିତ ହୁଏ। ଏହି ପବିତ୍ର ଗଣତାନ୍ତ୍ରିକ ପ୍ରଣାଳୀକୁ ସୁରକ୍ଷିତ ଓ ନିର୍ଭରଯୋଗ୍ୟ ରଖିବା ପାଇଁ ଭାରତର ସଂବିଧାନ ନିର୍ବାଚନ ଆୟୋଗକୁ ଏକ ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା ଭାବେ ସ୍ଥାପନା କରିଛି। ଦେଶର କୋଟିକୋଟି ମତଦାତାଙ୍କର ଆସ୍ଥା ଏହି ସଂସ୍ଥା ଉପରେ ନିର୍ଭର କରେ। କିନ୍ତୁ ଦୁର୍ଭାଗ୍ୟବଶତଃ ବର୍ତ୍ତମାନ ଦେଶର ରାଜନୈତିକ ପରିବେଶରେ ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା ନେଇ ଗଭୀର ପ୍ରଶ୍ନ ଉଠୁଛି। ନିର୍ବାଚନ ଆୟୋଗର ନିଯୁକ୍ତି ପ୍ରଣାଳୀକୁ ନେଇ ମଧ୍ୟ ଆଲୋଚନା ହେଉଛି। ଯଦି ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ସମତାପୂର୍ଣ୍ଣ ନ ହୁଏ, ତେବେ ସଂସ୍ଥାର ସ୍ୱାଧୀନତା ଉପରେ ସନ୍ଦେହ ଉଠିବା ସ୍ୱାଭାବିକ।

ଅନେକ ଚିନ୍ତକ ମନେ କରୁଛନ୍ତି ଯେ ନିର୍ବାଚନ ଆୟୋଗର ନିଯୁକ୍ତି ପ୍ରକ୍ରିୟାରେ ନ୍ୟାୟପାଳିକା ଓ ବିରୋଧୀ ଦଳମାନଙ୍କ ଭୂମିକା ଅଧିକ ହେବା ଉଚିତ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରୁ ସ୍ପଷ୍ଟ ଅନୁମେୟ ଯେ, ଯେଉଁମାନେ ଶାସକ ଦଳ ପ୍ରତି ଆନୁଗତ୍ୟ ପ୍ରକାଶ କରୁଛନ୍ତି ସେଭଳି ବ୍ୟକ୍ତିବିଶେଷଙ୍କୁ ଆୟୋଗର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଉଛି। ଏ କ୍ଷେତ୍ରରେ ନ୍ୟାୟପାଳିକା ଓ ବିରୋଧୀ ଦଳମାନଙ୍କୁ ବିଶ୍ୱାସକୁ ନିଆ ଯାଉନାହିଁ। ଭାରତୀୟ ସଂବିଧାନର ଧାରା ୩୨୪ ଅନୁସାରେ ନିର୍ବାଚନ ଆୟୋଗକୁ ସଂସଦ, ବିଧାନସଭା ଓ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ନିର୍ବାଚନ ପରିଚାଳନାର ସମସ୍ତ ଶକ୍ତି ଓ କ୍ଷମତା ଦିଆଯାଇଛି। ଏହି ସଂସ୍ଥାକୁ ଏତେ ଶକ୍ତି ଓ କ୍ଷମତା ଦିଆ ଯାଇଥିବାର କାରଣ ହେଉଛି ଯେ, ଶାସକ ଦଳ କିମ୍ବା କୌଣସି ରାଜନୈତିକ ପ୍ରଭାବରୁ ମୁକ୍ତ ହୋଇ ଏହା ନିରପେକ୍ଷ ଭାବରେ ନିର୍ବାଚନ ପରିଚାଳନା କରିପାରିବ। ଏକ ସୁସ୍ଥ ଗଣତନ୍ତ୍ରରେ ନିର୍ବାଚନ ଆୟୋଗ ସରକାରଙ୍କ ଅଧୀନସ୍ଥ ସଂସ୍ଥା ନୁହେଁ; ବରଂ ଏହା ସରକାରକୁ ମଧ୍ୟ ନିୟନ୍ତ୍ରଣ କରିପାରୁଥିବା ଏକ ସ୍ୱାଧୀନ ନିରୀକ୍ଷକ ସଂସ୍ଥା। କିନ୍ତୁ ପ୍ରଶ୍ନ ହେଉଛି ଆଜିର ପରିସ୍ଥିତିରେ ଏହି ସଂସ୍ଥା ସେହି ମର୍ଯ୍ୟାଦା ଓ ସ୍ୱାଧୀନତାକୁ ଧାରଣ କରିପାରୁଛି କି? ନା ଏହା କ୍ରମେ ଶାସକ ଦଳର ପ୍ରଭାବରେ ପଡ଼ି ଗଣତନ୍ତ୍ରର ମୂଳ ଆଦର୍ଶକୁ ଦୁର୍ବଳ କରୁଛି?

ଗତ ଦଶକ ଧରି ଦେଶର ବିଭିନ୍ନ ନିର୍ବାଚନକୁ ନେଇ ଅନେକ ଗୁରୁତର ପ୍ରଶ୍ନ ଉଠିଛି। ମତଦାନ ପ୍ରକ୍ରିୟାରେ ଅସାମଞ୍ଜସ୍ୟ, ଭୋଟ ଗଣନା ସମୟରେ ସନ୍ଦେହଜନକ ପରିସ୍ଥିତି, ନକଲି ଭୋଟ ଦାନ ଓ ବିଶେଷକରି ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ବ୍ୟବହାରକୁ ନେଇ ଗଭୀର ଚର୍ଚ୍ଚା ଓ ଅଭିଯୋଗ ଦେଖାଦେଇଛି। ଇଭିଏମ ଟାମ୍ପରିଂ, ହ୍ୟାକିଂ ଓ ଅଦଳବଦଳ ଭଳି ବହୁ ସଙ୍ଗିନ ଅଭିଯୋଗ ଲୋକଲୋଚନକୁ ଆସୁଛି। ବିରୋଧୀ ଦଳ ଓ କେତେକ ନାଗରିକ ସଂଗଠନ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଉପରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ଅନେକ ସ୍ଥାନରେ ମତଦାନ ପ୍ରତିଶତ ଓ ଭୋଟଗଣନାର ତଥ୍ୟ ମଧ୍ୟରେ ଅସମ୍ବନ୍ଧ ଦେଖା ଯାଉଥିବା କଥା ଉଠିଛି। ତଥାପି ଏହି ସମସ୍ତ ଅଭିଯୋଗ ଉପରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସ୍ପଷ୍ଟ ଓ ଦୃଢ଼ ତଦନ୍ତ କିମ୍ବା ସନ୍ତୋଷଜନକ ବ୍ୟାଖ୍ୟା ସାଧାରଣତଃ ଦେଖିବାକୁ ମିଳୁନାହିଁ। ଏହି କାରଣରୁ ସାଧାରଣ ଲୋକଙ୍କ ମନରେ ସନ୍ଦେହ ଜନ୍ମ ନେଉଛି।

ଏହି ସଂସ୍ଥା ଯଦି ସତରେ ନିରପେକ୍ଷ ହୁଏ, ତେବେ ଶାସକ ଦଳ ହେଉ କି ବିରୋଧୀ ଦଳ, ସମସ୍ତଙ୍କ ଉପରେ ସମାନ ନୀତି ଓ ନିୟମ ଲାଗୁ ହେବା ଉଚିତ। କିନ୍ତୁ ଅନେକ ସମୟରେ ଦେଖାଯାଉଛି ଯେ ଶାସକ ଦଳର ନେତାମାନେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କଲେ ମଧ୍ୟ ଆୟୋଗଙ୍କ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ହେଉ ନାହିଁ, କିନ୍ତୁ ଆୟୋଗ ବିରୋଧୀ ଦଳମାନଙ୍କ ପ୍ରତି କଠୋର ମନୋଭାବ ପ୍ରଦର୍ଶନ କରୁଛି। ବିରୋଧୀଙ୍କ ଅଭିଯୋଗର ସତ୍ୟତାକୁ ଆୟୋଗ ଭ୍ରୂକ୍ଷେପ କରୁ ନାହିଁ। ବିଭିନ୍ନ ସମୟରେ ଆୟୋଗ ପାତରଅନ୍ତର ନୀତି ଅବଲମ୍ବନ କରି ବିରୋଧୀମାନଙ୍କ ସ୍ୱର ଚପେଇବା ପାଇଁ ଚେଷ୍ଟା କରୁଛି। ଶାସକ ଦଳର ହୁକୁମ ଓ ନିର୍ଦ୍ଦେଶରେ ନିର୍ବାଚନ ଆୟୋଗ ପକ୍ଷପାତିତା ନୀତି ଆପଣେଇ ଦେଶବାସୀଙ୍କ ସହ ବିଶ୍ୱାସ ଘାତକତା କରୁଥିବା ଅଭିଯୋଗ ବିରୋଧୀମାନେ ଆଣୁଛନ୍ତି। ଗଣତନ୍ତ୍ରର ହିତ କରିବା ପରିବର୍ତ୍ତେ ଆୟୋଗ ଶାସକ ଦଳର କ୍ଷମତା ରକ୍ଷା କରିବାର ଅସ୍ତ୍ର ସାଜିଛି ବୋଲି ମଧ୍ୟ ଆରୋପ ଉଠୁଛି। ସାଧାରଣ ନିର୍ବାଚନ ପରିଚାଳନାର ସମସ୍ତ ତଥ୍ୟ ସାର୍ବଜନୀନ କରୁ ନଥିବାରୁ ଏଭଳି ସନ୍ଦେହ ଉଠିବା ସ୍ୱାଭାବିକ। ଏହା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ବିପଜ୍ଜନକ।

ଏଭଳି ଧାରା ଜାରି ରହିଲେ ଜଣେ ସାଧାରଣ ନାଗରିକ ଭାବିପାରେ ମୋର ଭୋଟ ସତରେ ଗଣା ଯିବ ତ? ପ୍ରକ୍ରିୟା ସ୍ୱଚ୍ଛ ଅଛି ତ? ମୋ ଭୋଟ ମୋ ମନୋନୀତ ବ୍ୟକ୍ତି ପାଖକୁ ଯାଉଛି ତ? ଗଣତନ୍ତ୍ରର ଭବିଷ୍ୟତ ଜନମତରେ ନିର୍ଭର କରେ। ଯଦି ଲୋକମାନେ ଭାବନ୍ତି ଯେ ନିର୍ବାଚନ ପ୍ରକ୍ରିୟା ନିରପେକ୍ଷ ନୁହେଁ, ତେବେ ସମସ୍ତ ଶକ୍ତିଶାଳୀ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟ ଅସ୍ଥିର ହୋଇ ପଡ଼ିବ। ଏବେ ଏକ ଧାରଣା ଦୃଢ଼ୀଭୂତ ହେଉଛି ଯେ ନିର୍ବାଚନ ଆୟୋଗ ଗଣତନ୍ତ୍ରର ନିରପେକ୍ଷ ରକ୍ଷକ ନୁହେଁ, ବରଂ ନିରବ ପର୍ଯ୍ୟବେକ୍ଷକ ଅଟେ। ଭୋଟ ଦେବାର ଅଧିକାର କେବଳ ଏକ ପ୍ରକ୍ରିୟା ନୁହେଁ, ଏହା ଲୋକଙ୍କର ସ୍ୱର ଓ ଶକ୍ତି। ଯଦି ଏହି ପ୍ରକ୍ରିୟାରେ ସନ୍ଦେହ ଜନ୍ମ ନିଏ, ତେବେ ଗଣତନ୍ତ୍ରର ଭିତ୍ତି ହିଁ ଅସ୍ଥିର ହୋଇଯିବ।

ତେଣୁ ଆଜି ସବୁଠାରୁ ଆବଶ୍ୟକ ହେଉଛି ନିର୍ବାଚନ ଆୟୋଗର ସ୍ୱଚ୍ଛତା, ଦୃଢ଼ତା, ସାଧୁତା ଓ ସାହସର ସହିତ ନିଜର ନିରପେକ୍ଷତାର ପ୍ରମାଣ ଉପସ୍ଥାପନ। ମତଦାନ ପ୍ରକ୍ରିୟାରେ ସର୍ବୋଚ୍ଚସ୍ତରର ପାରଦର୍ଶିତା ଆଣିବା, ସମସ୍ତ ଅଭିଯୋଗର ସ୍ୱାଧୀନ ତଦନ୍ତ କରିବା ଏବଂ ଲୋକଙ୍କ ଆସ୍ଥା ପୁନଃସ୍ଥାପନ କରିବା ଏହାର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ବର୍ତ୍ତମାନ ସମୟରେ ଆୟୋଗ ପାଇଁ ମୁଖ୍ୟ ଆହ୍ୱାନ ହେଉଛି ଜନମନର ଆସ୍ଥା ପୁନର୍ନିର୍ମାଣ। ଭାରତ ଭଳି ବିଶାଳ ଗଣତନ୍ତ୍ରରେ ନିର୍ବାଚନ ଆୟୋଗ କେବଳ ଏକ ପ୍ରଶାସନିକ ସଂସ୍ଥା ନୁହେଁ; ଏହା ଲୋକତନ୍ତ୍ରର ନୈତିକ ଭିତ୍ତି। ଏହି ସଂସ୍ଥା ଯଦି ନିଜର ନିରପେକ୍ଷତା, ସ୍ୱାଧୀନତା ଓ ନ୍ୟାୟପୂର୍ଣ୍ଣ ଚରିତ୍ରକୁ ରକ୍ଷା କରିବାରେ ବିଫଳ ହୁଏ, ତେବେ ଦେଶର ଗଣତାନ୍ତ୍ରୀୟ ବ୍ୟବସ୍ଥା ଗଭୀର ସଙ୍କଟରେ ପଡ଼ିବ। ସେହି ପରିସ୍ଥିତିରେ ଆଜିର ପ୍ରଶ୍ନ ହେଉଛି ନିର୍ବାଚନ ଆୟୋଗ ତାହାର ସାମ୍ବିଧାନିକ ଦାୟିତ୍ୱକୁ ସତ୍ୟନିଷ୍ଠ ଭାବେ ପାଳନ କରୁଛି କି? ଏହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ଆସିବା ପର୍ଯ୍ୟନ୍ତ ଦେଶବାସୀଙ୍କ ମନରେ ନିର୍ବାଚନ ଆୟୋଗନଙ୍କ ନିରପେକ୍ଷତା ଉପରେ ଏହି ପ୍ରଶ୍ନ ଚିହ୍ନ ଅବଶ୍ୟ ରହିବ।

ନିର୍ବାଚନ ଆୟୋଗ କେବଳ ପ୍ରଶାସନିକ ସଂସ୍ଥା ନୁହେଁ; ଏହା ଭାରତୀୟ ଗଣତନ୍ତ୍ରର ବିଶ୍ୱାସନୀୟତାର ପ୍ରତୀକ। ତେଣୁ ଏହାର ନିରପେକ୍ଷତା ଉପରେ ଯେକୌଣସି ସନ୍ଦେହ ଦେଶ ପାଇଁ ଚିନ୍ତାଜନକ। ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ପ୍ରତିଷ୍ଠାକୁ ପୁନଃସୁଦୃଢ଼ କରିବା ପରେ ଯାଇ ଗଣତନ୍ତ୍ରର ନିଶ୍ଚିତ ଭିତ୍ତି ସୁରକ୍ଷିତ ହେବ। ଯଥାର୍ଥରେ ଗଣତନ୍ତ୍ର କେବଳ ଭୋଟରେ ନୁହେଁ; ଭୋଟ ପ୍ରକ୍ରିୟାର ସ୍ୱଚ୍ଛତା, ନିଷ୍ପକ୍ଷତା ଓ ସତ୍ୟତାର ସ୍ୱରୂପରେ ନିହିତ। ●

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୬୮୦୯୩୦୦

## ଜଳ ସୁରକ୍ଷା ଓ ଡ୍ରେନେଜ୍ ଜଳ ପରିଚାଳନା

ସୁନୀତା ନାରାୟଣ

ସ୍ୱଚ୍ଛ ଜଳ ହେଉଛି ଏକ ପ୍ରମୁଖ ସମ୍ପଦ, ଯାହା ଆଜି ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ କାରଣ ଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହେଉଛି। ଏହାର ଉପଲବ୍ଧତା ଅତ୍ୟନ୍ତ ସୀମିତ ଓ ଗୁଣବତ୍ତା ଖରାପ ହେଉଛି। ଭବିଷ୍ୟତରେ ଭାରତର ସହରଗୁଡ଼ିକୁ ଅଧିକରୁ ଅଧିକ ପାଣି ଆବଶ୍ୟକ ହେବ। କିନ୍ତୁ ଆମେ କ'ଣ ଏହି ଚାହିଦା ପୂରଣ କରିପାରିବୁ? ୨୦୨୬ 'ଏଲ ନିନୋ'ର ବର୍ଷ ହେବ। ଆମର ଦିନ ଓ ରାତି ଅଧିକ ଗରମ ହେବ। ମୌସୁମୀ ବାଧାପ୍ରାପ୍ତ ହେବ। ଅନିୟମିତ ବର୍ଷା ଭଳି ଅଧିକ ପ୍ରତିକୂଳ ପାଗ ରହିବ। ଏହା ଜଳ ପାଇଁ ଏକ କଠିନ ବର୍ଷ ହେବ। ଆମର ଜଳ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଏକପକ୍ଷରେ ଆମକୁ ଆମର ଅତୀତର ଜଳ ଜ୍ଞାନ ଉପରେ ନିର୍ଭର କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଆମକୁ ଭବିଷ୍ୟତ ପାଇଁ ଏକ ଜଳ-ଜ୍ଞାନୀ ସମାଜ ଗଠନ କରିବାକୁ ପଡ଼ିବ।

ଭାରତରେ ଅତୀତରେ ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ଜଳ ପରିଚାଳନା ବ୍ୟବସ୍ଥା ଥିଲା। ପ୍ରତ୍ୟେକ ବୁନ୍ଦାକୁ ସଂରକ୍ଷିତ କରାଯାଉଥିଲା। ଆମକୁ ସେମାନଙ୍କଠାରୁ ଶିଖିବାକୁ ପଡ଼ିବ। ଏହା ଆମର ସବୁଜ-ନୀଳ ଅଞ୍ଚଳଗୁଡ଼ିକୁ ପୁନଃନିର୍ମାଣ କରିବାରେ ଏବଂ ତୀବ୍ର ଗରମ ସମୟରେ ଆମର ସହରଗୁଡ଼ିକୁ ଥଣ୍ଡା କରିବାରେ ସାହାଯ୍ୟ କରିବ। ଏଥିସହିତ ଆମକୁ 'ଅପଚୟ ବୁଦ୍ଧିମାନ' ହେବାକୁ ପଡ଼ିବ। ଆମେ ଜାଣୁ ଯେ ଆମକୁ ଯୋଗାଇ ଦିଆଯାଉଥିବା ପ୍ରତି ଲିଟର ପାଣି ପାଇଁ ୮୦ ପ୍ରତିଶତ ଅପଚୟ ଜଳ ଭାବରେ ଫେରସ୍ତ କରାଯାଏ। ଆମେ ଏହି ବ୍ୟବହୃତ ପାଣିକୁ ଅଟକାଇ ବିଶୋଧନ କରି ପୁନଃବ୍ୟବହାର କରିବାରେ କାହିଁକି ବିନିଯୋଗ କରିପାରିବା ନାହିଁ?

ପ୍ରତ୍ୟେକ ସହର ପ୍ରଶାସନ ଏବଂ ପରବର୍ତ୍ତୀ ସରକାର ଜଳ ଯୋଗାଣ ଉପରେ ଧ୍ୟାନ ଦିଅନ୍ତି। କିନ୍ତୁ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁକୁ ଅଣଦେଖା କରନ୍ତି। ଯେପର୍ଯ୍ୟନ୍ତ ଆମେ ବର୍ଜ୍ୟବସ୍ତୁ ପ୍ରତି ଆଗ୍ରହ ପ୍ରକାଶ କରିବା ଆରମ୍ଭ ନ କରୁ, ସ୍ୱଚ୍ଛ ଜଳ ସୁରକ୍ଷା ହୋଇପାରିବ ନାହିଁ। ସହରାଞ୍ଚଳ ପାଇଁ ଭାରତର କାର୍ଯ୍ୟକ୍ରମଗୁଡ଼ିକ ସ୍ୱେରେଜ୍ ବ୍ୟବସ୍ଥାର ଡିଜାଇନ୍ ପରିବର୍ତ୍ତନ କରିବା ପାଇଁ ଯଥେଷ୍ଟ ହେଉନାହିଁ। ପୁନରୁଦ୍ଧାର ଓ ସହରାଞ୍ଚଳ ପରିବର୍ତ୍ତନ ପାଇଁ 'ଅମୃତ' ଜଳ ଯୋଗାଣ, ସ୍ୱେରେଜ୍ ଓ ସବୁଜ ଭିତ୍ତିଭୂମିକୁ ଆର୍ଥିକ ସହାୟତା ପ୍ରଦାନ କରେ। କିନ୍ତୁ କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଜଳ ଯୋଗାଣ ପ୍ରାଥମିକତାରେ ୬୨ ପ୍ରତିଶତ ଖର୍ଚ୍ଚ ସହିତ ଶୀର୍ଷରେ ଅଛି, ତୁଳନାରେ ସ୍ୱେରେଜ୍ ଉପରେ ୩୪ ପ୍ରତିଶତ। ଜଳାଶୟଗୁଡ଼ିକୁ ପୁନରୁଦ୍ଧାରରେ କେବଳ ୩ ପ୍ରତିଶତ ଖର୍ଚ୍ଚ ହୋଇଛି। ଏଥିରେ ପରିବର୍ତ୍ତନ ଆସିବା ଆବଶ୍ୟକ।

ଆଜିର ଜଳ ଯୋଗାଣ ମଡେଲ୍ ପାଇପ୍ ଓ ପମ୍ପ ଉପରେ ନିର୍ଭର କରେ। ପାଣି ପାଇପଲାଇନ୍ ଯେତେ ଲମ୍ବା ହେବ ତାହା ନିର୍ମାଣ କରିବା ସେତେ ମହଙ୍ଗା। ସେଗୁଡ଼ିକ ଅଧିକ ଲିକ୍ ମଧ୍ୟ କରନ୍ତି ଏବଂ ପମ୍ପ ପାଇଁ ଅଧିକ ବିଦ୍ୟୁତ୍ ବ୍ୟବହାର କରନ୍ତି। ଏସବୁ ଯୋଗାଣ ହୋଇଥିବା ପାଣିର ମୂଲ୍ୟକୁ ବୃଦ୍ଧି କରେ। ଏପରି ଏକ ସ୍ଥାନରେ ପହଞ୍ଚିଯାଏ ଯେଉଁଠାରେ ଧନୀ ଲୋକମାନେ ମଧ୍ୟ ମୌଳିକ ଜଳର ପୁଞ୍ଜି ଓ ପରିଚାଳନା ଖର୍ଚ୍ଚ ବହନ କରିପାରିବେ ନାହିଁ। ସମସ୍ତଙ୍କୁ ରିହାତି ଦେବା ପାଇଁ କେବେବି ପର୍ଯ୍ୟାପ୍ତ ଟଙ୍କା ନାହିଁ। ଫଳସ୍ୱରୂପ ପରିବାରଗୁଡ଼ିକ ପାନୀୟ ପାଇଁ ଭୂତଳ ଜଳ ଉପରେ ନିର୍ଭର କରିବାକୁ ପ୍ରବୃତ୍ତ ହୁଅନ୍ତି।

ବର୍ତ୍ତମାନର ଜଳସଂରକ୍ଷଣର ଆବଶ୍ୟକତା ହେଉଛି ସ୍ୱେରେଜ ଡ୍ରେନ୍ ପୁନଃନିର୍ମାଣ ଏବଂ ରାସ୍ତାଗୁଡ଼ିକୁ ଅନନ୍ତ ଭାବରେ ଖୋଳିବା। ଏହି ପଦ୍ଧତିରେ ଅପବ୍ୟବହୃତ ଜଳକୁ ଭୂତଳ ନେଟୱାର୍କ ମାଧ୍ୟମରେ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ପମ୍ପ କରାଯାଏ ଏବଂ ଡ୍ରେନ୍, ନଦୀ କିମ୍ବା ହ୍ରଦରେ ନିଷ୍କାସିତ କରାଯାଏ। ପ୍ରୟାସଟି ମୁଖ୍ୟତଃ 'ଅପଚୟ'। ସର୍ବଦା ଏହି ପ୍ରକଳ୍ପଗୁଡ଼ିକ ବିଳମ୍ବ ଏବଂ ଅଧିକ ଖର୍ଚ୍ଚର ସମ୍ମୁଖୀନ ହୁଏ। ଯେତେବେଳେ ଗୋଟିଏ ସ୍ୱେରେଜ ନେଟୱାର୍କ ସମାପ୍ତ ହୁଏ, ସହରର ଅନ୍ୟ ଏକ ଅଂଶ ଫାଟିଯାଏ। ଏହି କାରଣରୁ ଭାରତର ଅଧିକାଂଶ ଅଂଶ ସ୍ୱେରେଜ ହୋଇନାହିଁ ଏବଂ ଅଧିକାଂଶ ପରିବାର ଅନସାଇଟ୍ ସିଷ୍ଟମ ସହିତ ସଂଯୁକ୍ତ ଶୌଚାଳୟ ଉପରେ ନିର୍ଭର କରନ୍ତି। ଇନ୍ଦୋରରେ ଏପରି ଅନସାଇଟ୍ ଶୌଚାଳୟ ସିଷ୍ଟମରୁ ଲିକେଜ୍ ପାନୀୟ ଜଳକୁ ଦୂଷିତ କରି ଜୀବନ ନେଇଥିଲା। କିନ୍ତୁ ଏହା ନିଶ୍ଚିତ କରିବାକୁ ପଡ଼ିବ ଯେ ମଳତ୍ୟାଗକୁ ବିଶୋଧନ ପାଇଁ ନିଆଯିବ ଏବଂ ବିଶୋଧିତ ପାଣି (ବର୍ଜନା ନୁହେଁ) ଏବଂ କଠିନକୁ ସାର କିମ୍ବା ଇନ୍ଧନ ଭାବରେ ପୁନଃବ୍ୟବହାର କରାଯିବ। ଏହା ବିନା ଜଳ ଯୋଗାଣ ସର୍ବଦା ପ୍ରଦୂଷଣର ବିପଦରେ ରହିବ। ତେଣୁ ଜଳ ଯୋଗାଣ ପୂର୍ବରୁ ସ୍ୱେରେଜ୍ ପରିଚାଳନା ପ୍ରଥମେ ଆସିବା ଉଚିତ।

ଆମକୁ ମଧ୍ୟ କେନ୍ଦ୍ରରେ ସ୍ୱେରେଜ୍ ପରିଚାଳନାର ସୁଲଭତାକୁ ସ୍ଥାନ ଦେବାକୁ ପଡ଼ିବ। ଏଥିପାଇଁ 'ଅମୃତ' ନିର୍ଦ୍ଦେଶାବଳୀକୁ ପୁନଃନିର୍ମାଣ କରାଯିବା ଉଚିତ। ଏହାକୁ ସୁଲଭ କରିବା ପାଇଁ ସହରଗୁଡ଼ିକୁ ସାଇଟ୍ ସେପ୍ଟେଜ୍ ଟ୍ୟାଙ୍କଗୁଡ଼ିକର ବିଦ୍ୟମାନ ନେଟୱାର୍କ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରାଯିବା ଉଚିତ। ଦ୍ୱିତୀୟତଃ, ନିର୍ଦ୍ଦେଶାବଳୀ ପୁନଃବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଚିତ; ସହରଗୁଡ଼ିକୁ ଦେୟ ଦିଆଯିବା ଉଚିତ, ଯାହା ଦ୍ୱାରା ସେମାନେ ବିଶୋଧିତ ବର୍ଜ୍ୟଜଳକୁ ପୁନଃବ୍ୟବହାର ପାଇଁ ଏବଂ କାଦକୁ ଜୈବ-ସୃଜନ କିମ୍ବା ଇନ୍ଧନ ପାଇଁ ଉପଯୋଗ କରିପାରିବେ। ତୃତୀୟତଃ, ଜଳ ପ୍ରକଳ୍ପଗୁଡ଼ିକୁ ସ୍ଥାନୀୟ ଉତ୍ସ ସହିତ ସଂଯୋଗ କରାଯିବା ଆବଶ୍ୟକ, ଯେଉଁଥିରେ ଜଳାଶୟର ପୁନରୁଦ୍ଧାର ଅନ୍ତର୍ଭୁକ୍ତ। ଏହା ଦୂରଦୂରାନ୍ତରୁ ସ୍ଥାନାନ୍ତର ଖର୍ଚ୍ଚ ହ୍ରାସ କରିବ, ଭୂତଳ ଜଳକୁ ଅଧିକ ସ୍ଥାୟୀ କରିବ ଏବଂ ଜଳ ଯୋଗାଣକୁ ଅଧିକ ସୁଲଭ କରିବ। ●

(ମହାନିର୍ଦ୍ଦେଶକ, ବିଜ୍ଞାନ ଏବଂ ପରିବେଶ କେନ୍ଦ୍ର)

## ପୃଥୁଳତା ଓ ଲିଙ୍ଗ ଭେଦ

### ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ପୃଥିବୀରେ ପୃଥୁଳତା ଏକ ଉତ୍କଟ ସ୍ୱାସ୍ଥ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି। ଏହା ମଧୁମେହ, କର୍କଟରୋଗଠାରୁ ଆରମ୍ଭ କରି ବିବିଧ ପ୍ରକାର ହୃଦରୋଗର ଆଶଙ୍କା ବୃଦ୍ଧି କରିବା କଥା ପ୍ରାୟ ସମସ୍ତଙ୍କୁ ଜଣା। ତେବେ ଏଥିସଂପର୍କରେ ଜଣାନାହିଁ ଯେ ପୁରୁଷମାନଙ୍କ ତୁଳନାରେ ମହିଳାମାନେ କାହିଁକି ଅଧିକ ସଂଖ୍ୟାରେ ପୃଥୁଳକାୟ। ୨୦୨୨-୨୦୨୩ ମସିହାରେ ଅନୁଷ୍ଠିତ ଏକ ଆକଳନ ଅନୁସାରେ ପୃଥିବୀର ଜନସଂଖ୍ୟାର ମହିଳାମାନେ ହେଲେ ଯଥାକ୍ରମେ ୧୪ ଶତାଂଶ ଏବଂ ୧୮ ଶତାଂଶ। ନିମ୍ନ ଓ ମଧ୍ୟମ ଆୟକାରୀ ଦେଶମାନଙ୍କରେ ଏ ତାରତମ୍ୟ ଅଧିକ ଦେଖାଯାଉଛି। ଅନ୍ୟପକ୍ଷରେ ଆମ ଦେଶରେ ୨୦୧୯ ରୁ ୨୦୨୧ ମସିହା ମଧ୍ୟରେ 'ଦ ନ୍ୟାସନାଲ୍ ଫାମିଲି ହେଲଥ୍ ସର୍ଭେ -୫' କରିଥିବା ଅଧ୍ୟୟନରୁ ଭାରତରେ ୨୩ ଶତାଂଶ ପୁରୁଷ ଓ ୨୪ ଶତାଂଶ ନାରୀ ପୃଥୁଳକାୟ ଥିବାର ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ 'ଅଧିକ ଓଜନ ବିଶିଷ୍ଟ' ଥିଲେ ଯଥାକ୍ରମେ ୪୫ ଶତାଂଶ ଏବଂ ୫୫ ଶତାଂଶ।

ପୃଥୁଳତାକୁ 'ବଡି ମାସ୍ ଇଣ୍ଡେକସ୍'ରେ ମପାଯାଏ। ଜଣେ ବ୍ୟକ୍ତିର ଶରୀର ଓଜନକୁ କିଲୋଗ୍ରାମରେ ନେଇ ତାହାକୁ ତା' ଉଚ୍ଚତା ମିଟରର ବର୍ଗରେ ବିଭାଜନ କରି ଏହାକୁ ଆକଳନ କରାଯାଏ। ପୃଥିବୀରେ ଏହା ୨୫ ରୁ ଅଧିକ ହେଲେ ବ୍ୟକ୍ତିକୁ 'ଅଧିକ ଓଜନ ବିଶିଷ୍ଟ' ଏବଂ ୩୦ ରୁ ଅଧିକ ହେଲେ ପୃଥୁଳକାୟ ବୋଲି ଧରାଯାଏ। କିନ୍ତୁ ଆମ ଦେଶରେ ତାହା ଯଥାକ୍ରମେ ୨୩ ରୁ ୨୪.୯ ଏବଂ ୨୫ ରୁ ଅଧିକ। ଅଙ୍କ ୩୫ ଅତିକ୍ରମ କରିଗଲେ ତାହାକୁ 'ଅତ୍ୟଧିକ ପୃଥୁଳତା' ବୋଲି କୁହାଯାଏ।

୧୯୯୦ ରୁ ୨୦୨୨ ମସିହା ମଧ୍ୟରେ ଆମ ଦେଶରେ ଶିଶୁ ଓ କିଶୋର (୫ ବର୍ଷରୁ ୧୮ ବର୍ଷ ବୟସ୍କ) ଙ୍କ ପୃଥୁଳତା ୪ ଗୁଣ, ଅର୍ଥାତ୍ ୨ ରୁ ୮ ଶତାଂଶକୁ ବୃଦ୍ଧି ପାଇଥିବାର ଦେଖାଯାଇଥିଲା। ସେହିସମୟ ମଧ୍ୟରେ ପ୍ରାପ୍ତବୟସ୍କ (୧୮ ବର୍ଷରୁ ଅଧିକ ବୟସ୍କ)ଙ୍କ ମଧ୍ୟରେ ତାହା ପ୍ରାୟ ଦ୍ୱି-ଗୁଣିତ (୭ ରୁ ୧୬ ଶତାଂଶ) ହୋଇଥିଲା। ଅନ୍ୟପକ୍ଷରେ, ୨୦୨୨ ମସିହାରେ ଏମାନଙ୍କ ମଧ୍ୟରେ ୬.୪ ଶତାଂଶ ଥିଲେ ମହିଳା ଏବଂ ୪ ଶତାଂଶ ପୁରୁଷ। ଶାରୀରିକ ଶ୍ରମହୀନତା, ଅଣସନ୍ତୁଳିତ ଖାଦ୍ୟ ଆଦିକୁ ଏହାର ମୁଖ୍ୟ କାରଣ ରୂପେ ଧରାଯାଏ।

ପୁରୁଷମାନଙ୍କ ତୁଳନାରେ ମହିଳାମାନେ ସହଜରେ ଅଧିକ ଓଜନ ବିଶିଷ୍ଟ ବା ପୃଥୁଳକାୟ ହେବାର ନାନାଦି କାରଣ ରହିଛି। ତନ୍ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣଟି ହେଲା ସେମାନଙ୍କଠାରେ ଥିବା ହର୍ମୋନ 'ଓଷ୍ଟ୍ରୋଜେନ୍'। ଏହା ସାଧାରଣ ଭାବେ ଚର୍ମ ତଳେ, ବିଶେଷକରି କଟଟି ଓ ଜଙ୍ଘର ଚାରିପାଖରେ ଚର୍ବି ଜମା ହେବାକୁ ଦିଏ। ଅନ୍ୟପକ୍ଷରେ ପୁରୁଷମାନଙ୍କଠାରେ ଆନ୍ତ୍ରିକ ଅଙ୍ଗରେ ତାହା ହୁଏ, ଯାହାକି ମୁଖ୍ୟତଃ ତଳିପେଟର ଗର୍ଭ ମଧ୍ୟରେ ଲୁକାୟିତ ଭାବେ ଗଚ୍ଛିତ ହୁଏ। ଏହା ଯକୃତ, ଅଗ୍ନାଶୟ ଓ ଅନ୍ତନଳୀ ଭଳି ଅଙ୍ଗଗୁଡିକୁ ବି ଘୋଡ଼ାଇ ରଖେ। ଏଣୁ ତାହା ବାହାରକୁ ବିଶେଷଭାବେ ଦୃଶ୍ୟମାନ ହୁଏ ନାହିଁ।

ମହିଳାମାନଙ୍କ ଚର୍ମତଳେ ଥିବା ଚର୍ବି ସହଜରେ ହ୍ରାସ ପାଏ ନାହିଁ। ଅନ୍ୟପକ୍ଷରେ, ସନ୍ତୁଳିତ ଆହାର, ନିୟମିତ ବ୍ୟାୟମ ଆଦି ଦ୍ୱାରା ପୁରୁଷର ବିବିଧ ଅଙ୍ଗକୁ ବେଢ଼ି ରହିଥିବା ଚର୍ବି କମାଇବା ଅପେକ୍ଷାକୃତ ସହଜ। ତାହା ବି ସେମାନଙ୍କ ମଧ୍ୟରେ ଅଧିକ ଓଜନ ଓ ପୃଥୁଳତାରେ ପ୍ରଭେଦତାର ଅନ୍ୟତମ ମୁଖ୍ୟ କାରଣ। ମହିଳାମାନେ ସାଧାରଣତଃ ଅଧିକ ସୌନ୍ଦର୍ଯ୍ୟ ସଚେତନ। ପୃଥୁଳତା ଏହାର ପରିପନ୍ଥୀ। ତେଣୁ ପତଳା ହେବା ଲାଗି ଏବେ ବ୍ୟବହୃତ ହୋଉଥିବା ନାନାଦି ଚିକିତ୍ସା ଲାଗି ଅଧିକ ସଂଖ୍ୟକ ମହିଳା ଆଗଭର ହୋଇ ଆସୁଥିବାର ଦେଖାଯାଉଛି। ଏଥିପାଇଁ ସାଧାରଣତଃ ବ୍ୟବହାର କରାଯାଉଛି 'ଗ୍ଲୁକାଗନ ଲାଇକ୍ ପେପ୍ଟାଇଡ -୧'। ଏହି ହରମୋନ୍‌ଟି କ୍ଷୁଧା ହ୍ରାସ କରେ ଏବଂ ଶରୀରର ଓଜନ କମାଏ। ସେହିପରି ପତଳା ହେବା ପାଇଁ 'ବାରିଆଟ୍ରିକ' ବା ଓଜନ କ୍ଷୟକାରୀ ଅସ୍ତ୍ରଚିକିତ୍ସା କରାଯାଉଛି। ଅଧିକ ସଂଖ୍ୟକ ମହିଳା ଏଥିପାଇଁ ମଧ୍ୟ ଆକୃଷ୍ଟ ହେଉଛନ୍ତି। ତେବେ ଏହି ଚିକିତ୍ସା ଉଭୟ ପୁରୁଷ ଓ ମହିଳାମାନଙ୍କ କ୍ଷେତ୍ରରେ ଅଧିକ ଫଳପ୍ରଦ ହେବାର ଦେଖାଯାଉଛି। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟ୍ ଚାଲିଛି ଜଳାଶୟ

# ଆଗକୁ ବର୍ଷାଦିନ; ବୁଡ଼ିଯିବ ଭଦ୍ରକ ସହର

ଭଦ୍ରକ,୨୩।୩(ସମିସ)

ଭଦ୍ରକ ସହରରେ ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟ୍ ଚାଲିଛି ଜଳାଶୟ। ଏ ଦିଗରେ ପ୍ରଶାସନକୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କିଛି ବି ପଦକ୍ଷେପ ଗ୍ରହଣ କରା ନ ଯିବା ଯୋଗୁଁ ଆଗକୁ ବର୍ଷାଦିନେ ଭଦ୍ରକ ସହର ବୁଡ଼ିବା ନିଶ୍ଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇବା ସହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁବଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ସରକାରୀ ଜଳାଶୟ କିସମ ଜମି ଅବରୋଧ ନେଇ ୪ଟି ପ୍ରମୁଖ ବିଭାଗ- ଭଦ୍ରକ ତହସିଲ୍ କର୍ତ୍ତୃପକ୍ଷ, ପୌରପାଳିକା, ଖଣି ବିଭାଗ ଓ ପୂର୍ତ୍ତ ବିଭାଗ ସମ୍ପୂର୍ଣ୍ଣ ଚୁପ୍ ରହିବା ଘଟଣା ସେମାନଙ୍କ କାର୍ଯ୍ୟଧାରାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଭଦ୍ରକ ତହସିଲ୍ ଅଧୀନ ମଠସାହି ମୌଜାସ୍ଥିତ ଡାହାଣିଗଡ଼ିଆ ଖାତା ନମ୍ବର- ୯୦୦, ପ୍ଲଟ୍ ନମ୍ବର-୧୨୩୭, କିସମ-ନୟନ ଯୋର(ଜଳାଶୟ) ଜମି ଯାହା ପ୍ରମୁଖ ନାଳ ଅଟେ। ଏହି ନାଳରେ ବର୍ଷାଜଳ ପ୍ରବାହିତ ହୋଇଥାଏ। ତେବେ କେହି ପ୍ରଭାଶାଳୀ ବ୍ୟକ୍ତି ବେଆଇନ ଭାବେ ମାଟି ପକାଇ ଉକ୍ତ ନାଳ ବା ଜଳ ନିଷ୍କାସନ ପଥକୁ ଅବରୋଧ କରିଛନ୍ତି। ପ୍ରାୟ ୪ଶହରୁ ଅଧିକ ଟ୍ରିପ୍ ମାଟି ପକାଇ ଏହି ନାଳକୁ ପୋତି ଦେଇଛନ୍ତି। ଫଳରେ ବହୁ ପ୍ରାଚୀନ ଜଳ ନିଷ୍କାସନ ପଥ(ଡ୍ରେନେଜ୍ ଚ୍ୟାନେଲ)ଟି ସମ୍ପୂର୍ଣ୍ଣ ପୋତି ହୋଇଯାଇଛି। ଏହି ଘଟଣାକୁ ନେଇ ଗତ ୧୬ ତାରିଖରେ ''ସକାଳ'ରେ ଖବର ପ୍ରକାଶ ପାଇଥିଲା। ଭଦ୍ରକ ତହସିଲ୍‌ଦାର ଏହାର କ୍ଷେତ୍ରୀୟ ତଦନ୍ତ କରିଥିଲେ। ତେବେ ଆଜି ପର୍ଯ୍ୟନ୍ତ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଫଳରେ ଉକ୍ତ ଜଳ ନିଷ୍କାସନ ପଥରେ ପୂର୍ବ ଭଳି ମାଟି ପକାଯାଇ ଜେସିବିରେ ସମତଳ କରିବା ଭଳି ବେଆଇନ କାର୍ଯ୍ୟ ବଳବତ୍ତର ରହିଛି। ଏଭଳି ବେଆଇନ କାର୍ଯ୍ୟ ନେଇ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ତହସିଲ୍ କର୍ତ୍ତୃପକ୍ଷ, ଖଣି ବିଭାଗ(ଡେପୁଟି ଡାଇରେକ୍ଟର ମାଇନ୍ସ, ଭଦ୍ରକ) ଓ ଭଦ୍ରକ ପୌରପାଳିକା କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଉକ୍ତ ମାଟି ପକାଇବା କାର୍ଯ୍ୟକୁ ବନ୍ଦ କରିବା ସହ ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଧାୟକଙ୍କ ତାଗିଦ୍ ପରେ ବି କିଛି ପଦକ୍ଷେପ ଗ୍ରହଣ କରାଗଲାନି। ଆଉ ଏହି ନାଳକୁ ଲାଗି ଅନ୍ୟ ପ୍ଲଟ୍‌ଗୁଡ଼ିକୁ ବି ବେଆଇନଭାବେ ପୋତାଯାଇ ଯାତାୟାତ କରାଯାଉଛି। ଫଳରେ ଜଳ ନିଷ୍କାସନ ପଥ ଅବରୋଧ ହେଲେ ଭଦ୍ରକ ସହରାଞ୍ଚଳର ପ୍ରମୁଖ ଅଞ୍ଚଳରେ କୃତ୍ରିମ ବନ୍ୟାରେ ବୁଡ଼ିବା ସହ ଲୋକଙ୍କ ଘରଦ୍ୱାର, ରାସ୍ତାଘାଟ ପାଣି ଘେରକୁ ଯିବା ସୁନିଶ୍ଚିତ। ଅନ୍ୟପକ୍ଷରେ ଏନେଇ ଭଦ୍ରକ ସଦର ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ଭଦ୍ରକ ତହସିଲ୍‌ଦାରଙ୍କୁ ସୂଚନା ଦିଆଯାଇ ଅବରୋଧମୁକ୍ତ ପାଇଁ ନିବେଦନ କରାଯାଇଛି। ତେବେ ଏଭଳି ଜନବିରୋଧୀ କାର୍ଯ୍ୟକୁ କାହିଁକି ଉକ୍ତ ୪ବିଭାଗ(ତହସିଲ୍, ପୌରପାଳିକା, ଖଣି ଓ ପୂର୍ତ୍ତ ବିଭାଗ) ହାଲୁକା ଭାବେ ନେଇ ଚୁପ୍ ରହିଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି।



- ୪ ବିଭାଗର କାର୍ଯ୍ୟଧାରା ସନ୍ଦେହଘେରରେ
- ବିଧାୟକଙ୍କ ତାଗିଦ୍ ପରେ ବି ଫଳ ଶୂନ୍

## ସହିଦ୍ ଭଗତ୍ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଫାଶୀ ଦିବସ ପାଳନ



ଭଦ୍ରକ,୨୩।୩(ସମିସ): ନୌଯବାନ ଭାରତ ସଭା ଓ ହିନ୍ଦୁସ୍ତାନ ସୋସିଆଲିଷ୍ଟ ରିପବ୍ଲିକାନ ଆସୋସିଏସନ୍ ଆଦି ସଂଗଠନ ମାଧ୍ୟମରେ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୋଧରେ ଲଢ଼ିଥିବା ଭାରତର ମହାନ ବିପ୍ଳବୀ ସହିଦ ଭଗତ୍ ସିଂ, ସୁଖଦେବ ଓ ରାଜଗୁରୁଙ୍କୁ ୧୯୩୧ ମାର୍ଚ୍ଚ ୨୩ ତାରିଖରେ ବ୍ରିଟିଶ୍ ଲାହୋର କେନ୍ଦ୍ରୀୟ ଜେଲ୍‌ରେ ଫାଶୀ ଦେଇଥିଲେ। ସାମ୍ରାଜ୍ୟବାଦ-ଉପନିବେଶବାଦ ବଦଳରେ ସାର୍ବଭୌମ-ସମାଜବାଦୀ-ଧର୍ମନିରପେକ୍ଷ-ଗଣତାନ୍ତ୍ରିକ-ସାଧାରଣତନ୍ତ୍ର ଭାରତବର୍ଷ ଗଠନ ପାଇଁ ଲଢ଼େଇ କରି ସହିଦ ହୋଇଥିବା ମହାନ କ୍ରାନ୍ତିକାରୀ ଭଗତ୍ ସିଂ, ସୁଖଦେବ ଓ ରାଜଗୁରୁଙ୍କ ୯୫ତମ ଫାଶୀ ଦିବସ ଭଦ୍ରକ ସହରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପଠାରେ ସହିଦ ଭଗତ୍ ସିଂ ସ୍ମୃତି ସଂସଦ ଓ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ ପକ୍ଷରୁ ମିଳିତ ଭାବେ ସ୍ମୃତି ସଂସଦର ସଭାପତି ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ମହାସମାରୋହରେ ସ୍ମୃତି ସଂସଦର ସମ୍ପାଦକ ବିକାଶ ନାଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ପ୍ରଫେସର ପାର୍ଥସାରଥି ଦାଶ ଯୋଗଦେଇ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକା ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ କେନ୍ଦ୍ର ସରକାରଙ୍କ ନବ୍ୟଫାଶୀବାଦ ଶାସନ ବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦୀପକ ମହାପାତ୍ର, ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲ୍‌ମକି ଦଲଓ୍ୱାଜି ହବିବ୍, ଭଦ୍ରକ ଓକିଲ ସଂଘର ସଭାପତି ସନ୍ତୋଷ ଆଚାର୍ଯ୍ୟ, ଉପସଭାପତି ଅଶୋକ ନାୟକ, ପ୍ରଫେସର କ୍ଷୀରୋଦ ସାମଲ, ଶିକ୍ଷାବିତ୍ ବିପ୍ଳବୀ ମହାନ୍ତି, ପ୍ରଫେସର କୃଷ୍ଣମୋହନ ମହାପାତ୍ର, ଉଜ୍ଜ୍ୱଳ ଜେନା, ବିନୋଦ ସାହୁ ପ୍ରମୁଖ ଯୋଗଦେଇ ଆଜିର ଯୁବପିଢ଼ି ଭଗତ୍ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲର ସାମ୍ରାଜ୍ୟବାଦ ଓ ଯୁଦ୍ଧଖୋର୍ ନୀତି ବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ସ୍ମୃତି ସମାରୋହରେ ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଯୁବକ ଯୁବତୀ, ଓକିଲ, ଚାଷୀ, ମୂଲିଆ ଯୋଗଦେଇଥିଲେ।

## ଜଳୁନି ଷ୍ଟ୍ରିଟ୍ ଲାଇଟ୍; ହରିଲୁଟ୍ ହେଉଛି ପଞ୍ଚାୟତ ପାଣ୍ଠି



ଦୋଲସାହି,୨୩।୩(ସମିସ): ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତର ପ୍ରତି ଗ୍ରାମକୁ ଆଲୋକିତ କରିବା ପାଇଁ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଏହି ଲାଇଟ୍ ବିଭିନ୍ନ ସ୍ଥାନରେ ଅଚଳ ହୋଇ ପଡ଼ିରହିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ସରକାରଙ୍କ ପକ୍ଷରୁ ଏହି ଷ୍ଟ୍ରିଟ୍ ଲାଇଟ୍‌ର ବିଦ୍ୟୁତ୍ ବିଲ୍ ଭରିବା ପାଇଁ ପ୍ରତି ପଞ୍ଚାୟତ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲାବେଳେ ଏହାର ମରାମତି ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ପ୍ରଦାନ କରାଯାଉ ନ ଥିବା ଜଣାଯାଇଛି। ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ଅଚଳ ହେଉଥିବା ଷ୍ଟ୍ରିଟ୍ ଲାଇଟ୍ ପଞ୍ଚାୟତ ପାଣ୍ଠିରୁ ମରାମତି ହେଉଥିବା ଜଣାଯାଇଛି। ଏହି ଷ୍ଟ୍ରିଟ୍ ଲାଇଟ୍ ମରାମତି ନାମରେ ପଞ୍ଚାୟତ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ଗୁଆମାଳ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଏହି ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳୁଥିବାବେଳେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନେକ ବିଦ୍ୟାଳୟ ଥିବାବେଳେ ଏହି ରାସ୍ତାରେ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇ ପଡ଼ିଥିବାରୁ ଅନ୍ଧାରରେ ଯାତାୟାତ କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏହି ଷ୍ଟ୍ରିଟ୍ ଲାଇଟ୍ ତୁରନ୍ତ ସଚଳ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ● ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ୧୧୭ ଅଭିଯୋଗ ପଞ୍ଜିକୃତ

## ନାଳର ପୁନରୁଦ୍ଧାର ଓ ପାନୀୟ ଜଳ ସମସ୍ୟାର ସମାଧାନ ଦାବି

ଭଣ୍ଡାରିପୋଖରୀ/ବାରିକପୁର,୨୩।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହ ମଧ୍ୟରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ୍ ୧୧୭ଟି ଅଭିଯୋଗ ହୋଇଥିଲା। ଏଥିରେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ପ୍ରଧାନମନ୍ତ୍ରୀ ଆବାସ, ପାନୀୟ ଜଳ, ଡ୍ରେନେଜ, ଜଳସମ୍ପଦ କ୍ରୀଡ଼ା ଓ ଶିକ୍ଷା ବାବଦରେ ବିଭିନ୍ନ ଅଭିଯୋଗମାନ ହୋଇଥିଲା। ବିଶେଷକରି ମାଳଦା ମଣିପୁର ପୂର୍ତ୍ତ ରାସ୍ତା ମରାମତି, ବିରୋଳି ଚତୁର୍ଭୁଜପୁର ଡ୍ରେନେଜ୍ ନାଳର ପୁନରୁଦ୍ଧାର ସହିତ ଉତ୍କଟ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ମାଧ୍ୟମରେ ଦାବି ହୋଇଥିଲା। ଜିଲ୍ଲାପାଳ ଜନସାଧାରଣଙ୍କ ସମସ୍ତ ଅଭିଯୋଗ ଶୁଣିଲା ପରେ ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଅଭିଯୋଗ ଶିବିରରୁ ଆସିଥିବା ଦାବିଗୁଡ଼ିକ ଉପରେ ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ମୋଟାମୋଟି ଭାବେ ତତ୍କାଳୀନ ନ୍ୟାୟିକ ପ୍ରଦାନ ପାଇଁ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ଆୟୋଜିତ ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସମେତ ଏସ୍‌ପି ମନୋଜ ରାଉତ, ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଜିଲ୍ଲା ଚିକିତ୍ସା ଅଧିକାରୀ ପ୍ରମୋଦ କୁମାର ପ୍ରହରାଜ, ତହସିଲ୍‌ଦାର ରୋଜାଲିନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା ଜିଲ୍ଲା ଓ ବ୍ଲକ୍ ପ୍ରଶାସନର ବିଭିନ୍ନ ପଦାଧିକାରୀମାନେ ଏଥିରେ ଯୋଗଦେଇଥିଲେ। ସମ୍ପ୍ରତି ପ୍ରଶାସନ ନିକଟରେ ହେଉଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ କିଛି ଅଭିଯୋଗର ସମାଧାନ ପାଇଁ ଅନେକ ବିଳମ୍ବ ହେଉଛି। ଯାହାକୁ ନେଇ ଜନସାଧାରଣ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।



## ସୋସାଇଟିର ସମ୍ପାଦକଙ୍କ ବିୟୋଗରେ ଶୋକସଭା



ବାସୁଦେବପୁର,୨୩।୩(ସମିସ): ବାସୁଦେବପୁର ବ୍ଲକ୍‌ର ଇରମ ସେବା ସମବାୟ ସମିତିର ସମ୍ପାଦକ ରଶ୍ମିରଞ୍ଜନ କବାଟଙ୍କ ବିୟୋଗରେ ବିବିସିସି ବ୍ୟାଙ୍କ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ଆୟୋଜିତ ଶୋକସଭାରେ ବିବିସିସି ବ୍ୟାଙ୍କ ବାସୁଦେବପୁର ଶାଖାର ପରିଚାଳକ ମହେନ୍ଦ୍ର ପ୍ରସାଦ ନାୟକ, ବିବିସିସି ବ୍ୟାଙ୍କର ନିର୍ଦ୍ଦେଶକ ନିରଞ୍ଜନ ଦାସ, ସେବା ସମବାୟ ସମିତି ସମ୍ପାଦକ ସଂଘ ସଭାପତି ଅନିରୁଦ୍ଧ ନାୟକ, ସଂଘର ସମ୍ପାଦକ ତନ୍ମୟ ମଳିକ, ଇରମ ସୋସାଇଟି ସଭାପତି ନିରଞ୍ଜନ ନାୟକ, ସଭ୍ୟ ରଞ୍ଜନ ନାୟକ, ମାଟିପକା ସୋସାଇଟି ସମ୍ପାଦକ ଧର୍ମନାରାୟଣ ଜେନା, ଶଙ୍ଖାରୁ ସୋସାଇଟି ସମ୍ପାଦକ ଗଜେନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ ଶୋକବ୍ୟକ୍ତ କରିଥିଲେ। ବିଦେଇପୁର ସୋସାଇଟି ସମ୍ପାଦକ ରତିକାନ୍ତ ରାଉତ, କୁମାରପୁର ସୋସାଇଟି ସମ୍ପାଦକ ଡମ୍ବରୁଧର ରାଉତ, ମୁକେଶ ମଲ୍ଲିକ, ସହକାରୀ ଶାଖା ପରିଚାଳକ ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ସହିଦ ଭଗତ ସେନା ପକ୍ଷରୁ ୩୪୦ ୟୁନିଟ୍ ରକ୍ତ ସଂଗ୍ରହ

ଭଦ୍ରକ,୨୩।୩(ସମିସ): ଅମର ସହିଦ୍ ଭଗତ୍ ସିଂହ, ସୁଖଦେବ ଓ ରାଜଗୁରୁଙ୍କ ୯୫ତମ ବଳିଦାନ ଦିବସ ଅବସରରେ ଭଦ୍ରକ ''ସହିଦ୍ ଭଗତ୍ ସେନା' ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ସହର ଶନିମନ୍ଦିରଠାରୁ ଚରମ୍ପା ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଓ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସୁସଜ୍ଜିତ ଗାଡ଼ିରେ ପରିକ୍ରମା କରିଥିଲେ। ପରେ ଚରମ୍ପାସ୍ଥିତ ମହାରାଜା ଅଗ୍ରସେନ ଭବନଠାରେ ଏକ ବିଶାଳ ରକ୍ତଦାନ ଶିବିର ଓ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭଦ୍ରକ ଟାଉନ୍ ଥାନା ଆଇଆଇସି ପ୍ରଭାଂଶୁ ଶେଖର ପଣ୍ଡା ଓ ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ ସ୍କୁଲ ଛାତ୍ରୀ ଲକ୍ଷ୍ମିତା ପଣ୍ଡା (ଯିଏ ୨୦୨୬ ଦିଲ୍ଲୀଠାରେ ସାଧାରଣତନ୍ତ୍ର ଦିବସରେ ଭାଗ ନେଇ ରାଜ୍ୟକୁ ଗୌରବ ଆଣିଛନ୍ତି)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଏହି ଅବସରରେ ସହିଦ ଭଗତ ସେନା ପକ୍ଷରୁ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୩୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନିଜେ ବିଧାୟକ ଶ୍ରୀ ମହାପାତ୍ର ରକ୍ତଦାନ କରିଥିଲେ।





## ୪ର୍ଥ ବାର୍ଷିକ ନୃତ୍ୟାଙ୍ଗନା ନୃତ୍ୟ ଓ ସଙ୍ଗୀତ ମହୋତ୍ସବ

ଧାମନଗର,୨୩।୩(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ୫ନମ୍ବର ୱାର୍ଡ ଅଧୀନସ୍ଥ ପଶୁ ମେଡିକାଲ ପଡ଼ିଆଠାରେ ୪ର୍ଥ ନୃତ୍ୟାଙ୍ଗନା ନୃତ୍ୟ ଓ ସଙ୍ଗୀତ ମହୋତ୍ସବ-୨୦୨୬ ପାଳିତ ହୋଇଯାଇଛି। ରବିବାର ପୂର୍ବାହ୍ନ ୧୦ଟା ୩୦ରେ କଳାକାର ଚନ୍ଦନଶ୍ରୀ ମହାପାତ୍ରଙ୍କ ସଭା ସଞ୍ଚାଳନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଧାମନଗର ଥାନା ଅଧିକାରୀ ସୁବ୍ରଜିତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର କୁମାର ସେଠୀ ଜାଗୁଲାଇ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, କଳା ଶିକ୍ଷକ ଜିତନ ପଣ୍ଡା ଓ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ନୃତ୍ୟାଙ୍ଗନା ସାଂସ୍କୃତିକ ଟ୍ରଷ୍ଟର ସଭାପତି ଦୀପକ ନାୟକ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ସହିତ ପରିଚୟ ପ୍ରଦାନ କରିଥିଲେ। ପରେ କୁନିକୁନି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁଶ୍ରୀ ଚନ୍ଦନଶ୍ରୀ ମହାପାତ୍ରଙ୍କ ସଞ୍ଚାଳନାରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ସୁଧାକର ନନ୍ଦ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରର ବିଶିଷ୍ଟ ସମାଜସେବୀ ପ୍ରଦ୍ୟୁମ୍ନ ଜେନା, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ, ସରୋଜ ମହାପାତ୍ର, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ଶିକ୍ଷକ ବିଶ୍ୱଜିତ୍ ବାରିକ, ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ଧାମନଗର ହେଉଛି କଳା ଓ ସଂସ୍କୃତି ବଳିଦାନ ଉତ୍ସର୍ଗ ଏବଂ ନୃତ୍ୟ ପରିବେଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ଅଧ୍ୟାପିକା ଡ. ହରିପ୍ରିୟା ସେଠୀ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ଚନ୍ଦନ ମହାପାତ୍ରଙ୍କ ସମେତ ନୃତ୍ୟ କଳାକାର ଓ ଚିତ୍ରଶିଳ୍ପୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଛାତ୍ରଛାତ୍ରୀ, ଅଭିଭାବକ, କଳାକାର, ସମାଜସେବୀ, ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରମୁଖ ଯୋଗଦେଇଥିଲେ। କଳାକାର ଓ ନୃତ୍ୟ ସଙ୍ଗୀତ ଶିକ୍ଷକ ଗଣେଶ୍ୱର ସାହୁ, ମୀନକେତନ ସାହୁ, ପ୍ରଭୁରଞ୍ଜନ ଉପାଧ୍ୟାୟ, ହରପ୍ରିୟା ଖିଲାର, ଆଲୋକ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





## ଗୁଆମାଳ ସେବା ସମବାୟ ସମିତିର ଅଡିଟ୍

ଦୋଲସାହି,୨୩।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ଅବସ୍ଥିତ ଗୁଆମାଳ ସେବା ସମବାୟ ସମିତିର ୮ବର୍ଷ ଧରି ଅଡିଟ୍ ହେଉ ନ ଥିବା ନେଇ ଦୈନିକ "ସକାଳ'ରେ ବହୁବାର ଖବର ପ୍ରକାଶିତ ପରେ ଶେଷରେ ଅଡିଟ୍ ହେଉଛି। ସୂଚନାଯୋଗ୍ୟ, ଗୁଆମାଳ ସେବା ସମବାୟ ସମିତିରେ ହୋଇଥିବା ୫୦ଲକ୍ଷ ଟଙ୍କାର ଘୋଟାଲା ମାମଲା ବିଚାରାଧୀନ ରହିଛି। ଏହି ସମିତିରେ ୮ଶହରୁ ଅଧିକ ଚାଷୀ ଋଣ ଖିଲାପ କରୁଥିବା ଜଣାଯାଇଥିଲା ବେଳେ ଏହି ସମିତିରେ ଦୀର୍ଘ ବର୍ଷ ଧରି ଜମାକାରୀ ଟଙ୍କା ଜମା କରିବା ପରିବର୍ତ୍ତେ ଡିପୋଜିଟ୍ ଟଙ୍କା ଉଠାଇ ନେଉଥିବା ଜଣାଯାଇଛି। ସେହିପରି ଏହି ସମିତିରେ ୮ ବର୍ଷ ଧରି ହିସାବନିକାଶ ହେଉ ନ ଥିବା ନେଇ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶିତ ପରେ ବାଲେଶ୍ୱର ସେବା ସମବାୟ ବ୍ୟାଙ୍କ ପକ୍ଷରୁ ଅଡିଟ୍ କରିବା ପାଇଁ ସୁକାନ୍ତ ମିଶ୍ରଙ୍କୁ ନିୟୋଜିତ କରାଯାଇଥିବା ଜଣାପଡ଼ିଛି। ସେହିପରି ଏହି ସମିତିର ସମ୍ପାଦକ ଅମରେନ୍ଦ୍ର ନାୟକ ୨ଟି ସମବାୟ ସମିତି ଦାୟିତ୍ୱରେ ଥିବା ଜଣାଯାଇଥିଲା। ଏଠାରେ ବିଭିନ୍ନ ପଦ ଖାଲି ପଡ଼ିଥିବା ମଧ୍ୟ ଜଣାଯାଇଛି।

ସକାଳ ପ୍ରଭାବ



## ଶ୍ରୀରାମ ବିଜୟା ଦଶମୀ ପାଳନ ନିମନ୍ତେ ଶାନ୍ତି କମିଟି ବୈଠକ

ଧାମନଗର,୨୩।୩(ସମିସ): ଧାମନଗର ମାଟିର ଐତିହ୍ୟ, ପରମ୍ପରା ଓ ସାଂସ୍କୃତିକ ପରିଚୟ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ-୨୦୨୬ ଭବ୍ୟ ଓ ଦିବ୍ୟ ରୂପରେ ଚଳିତ ମାସ ୨୭, ୨୮, ୨୯, ୩୦ ଓ ୩୧ ତାରିଖ ୫ଦିନ ଧରି ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ପାଳନ ହେବା ନେଇ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ନ ୪ଟାରେ ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଧାମନଗର ଶାନ୍ତି କମିଟି ଆବାହକ ତଥା ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭଦ୍ରକ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଟୁନିବାଳା ବିଶ୍ୱାଳ, ଧାମନଗର ବ୍ଲକ୍ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ସାଂସଦଙ୍କ ବ୍ଲକ୍ ଏବଂ ନଗର ପ୍ରତିନିଧି ମନୋଜ କୁମାର ମଲ୍ଲିକ, ସରୋଜ ମହାପାତ୍ର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଏମ୍‌ଡି ଇସ୍ରାଇଲ୍ ହବିବି, ଏମ୍‌ଡି ଫଜଲେ ବାରି, ମହେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶ୍ରୀରାମ ବିଜୟା ଦଶମୀ ଶାନ୍ତି ଶୃଙ୍ଖଳା ରକ୍ଷା କରି କିପରି ପାଳନ ହେବ ସେଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ ନିମନ୍ତେ ବ୍ୟାପକ ଆଲୋଚନା କରାଯାଇଥିଲା। ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବା ସହିତ ସିସିଟିଭି, ଡ୍ରୋନ୍ ଏବଂ ଡିଜେରେ ଭାଇବ୍ରେଟର ଲାଗିବନି, ମଦ ଦୋକାନ ସରକାରୀ ନିୟମ ଓ ସମୟ ଅନୁଯାୟୀ ଖୋଲାଯିବା, ସୋସିଆଲ ମିଡିଆରେ ଆପତିଜନକ ପୋଷ୍ଟକୁ ବାରଣ କରାଯାଇଛି। ଅସାମାଜିକ ଯୁବକଙ୍କ ଉପରେ ନଜର ରଖିବା ପାଇଁ ବାଇନାକୁଲାର ବ୍ୟବସ୍ଥା କରିବା ସମ୍ପର୍କରେ ଅତିରିକ୍ତ ଏସ୍‌ପି ସୂଚନା ଦେଇଥିଲେ। ଶେଷରେ ଧାମନଗର ଥାନାର ନୂତନ ଅଧିକାରୀ ସୁଭ୍ରଜିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




## ସୋସାଇଟି ଫାଟକ ଆଗରେ ଧାନ ରଖି ଚାଷୀଙ୍କ ବିକ୍ଷୋଭ

ବାସୁଦେବପୁର,୨୩।୩(ସମିସ):

ବାସୁଦେବପୁର ବ୍ଲକ୍‌ର ନାୟକାଣୀଡିହି ସେବା ସମବାୟ ସମିତି ଫାଟକରେ ତାଲା ପକାଇ ଚାଷୀମାନେ ଧାନ ରଖି ବିକ୍ଷୋଭ କରିଥିଲେ। ଧାନ ବିକ୍ରିକୁ ନେଇ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଥିବାବେଳେ ଧାନ ଅମଳ ପରେ ଦୀର୍ଘ ୪ ମାସ ହେବ ଧାନ ବସ୍ତା ଖଳାରେ ଗଡୁଛି। କେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ତ ପୁଣି କେତେବେଳେ ସାର ଅଭାବ। ପୁଣି ନକଲି ସାରର ଭୟ ତ ରୋଗ ପୋକ। ଚାଷୀ ଖରା-ବର୍ଷା-ଶୀତକୁ ଖାତିର୍ ନ କରି କ୍ଷେତରେ ଫଳାଇଲା ସୁନାର ଫସଲ। ମାସ ମାସ ଅପେକ୍ଷା ପରେ ଡେରିରେ ଖୋଲିଲା ମଣ୍ଡି। ଦୀର୍ଘ ଚାରି ମାସ ହେଲା ମୂଷା, ଗୋରୁଗାଈ, ଷଣ୍ଢ ଓ ଛେଳି ଆଦି ଖାଇ ଯାଉଛନ୍ତି। ଏପାଖେ ଅଦିନିଆ ବର୍ଷା ଦାଉ ସାଧୁଛି। ମୁକ୍ତ ଆକାଶ ତଳେ ଭିଜୁଛି ଧାନ ବସ୍ତା।

ଆଉ ଦିନ କେଇଟା ପରେ ମାର୍ଚ୍ଚ ମାସ ଶେଷ ହେବାକୁ ବସିଛି। ସରକାରଙ୍କ ନିର୍ଦ୍ଧାରିତ ଦିନ ଅନୁସାରେ ଧାନ ମଣ୍ଡି ବନ୍ଦ ହେବ। ନାୟକାଣୀଡିହି ସୋସାଇଟିର ବୋର୍ଡ ମେମ୍ବରଙ୍କ ମନମାନୀର ଚାଲିଛି ମଣ୍ଡି। କ୍ରୟ କମିଟିରୁ ସୋସାଇଟିର ସମ୍ପାଦକଙ୍କୁ ବାଦ୍ ଦେଇ ଚାଲିଛି ମନମୁଖୀ ଧାନ କିଣା। ବୋର୍ଡ ମେମ୍ବର ଓ ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଆଗ ଚାଲିଛି ଧାନ କିଣା। ମିଲରଙ୍କ ଟ୍ରକ୍ ମଣ୍ଡିକୁ ନ ଆସି ବାଟରୁ ବୋର୍ଡ ସମ୍ପର୍କୀୟଙ୍କଠାରୁ ଧାନ କ୍ରୟ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଚାଷୀମାନେ। ବହୁ ପୂର୍ବରୁ ଧାନ ବସ୍ତା ମଣ୍ଡିର ଗଡୁଥିଲେ ମଧ୍ୟ ପ୍ରିୟାପ୍ରୀତି ତୋଷଣ କରି ପଛରେ ଟୋକନ୍ ଥିବା ଚାଷୀଙ୍କଠାରୁ ଧାନ ଉଠାଉଛନ୍ତି। ବୋର୍ଡ ମେମ୍ବରଙ୍କ ଏକଛତ୍ରବାଦ ଶାସନକୁ ବିରୋଧ କରି ସୋସାଇଟିର ଫାଟକରେ ତାଲା ପକାଇ ଦେଇଛନ୍ତି ଚାଷୀ। ଫାଟକ ସମ୍ମୁଖରେ ଧାନ ବସ୍ତା ପକାଇ ଅବରୋଧ କରିଥିଲେ। ଫଳରେ ସୋମବାର ଦିନଯାକ ସୋସାଇଟି ବନ୍ଦ ଥିଲା। ଯେପର୍ଯ୍ୟନ୍ତ ଚାଷୀଙ୍କ ଧାନ ନ ଉଠିବ, ସେପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ ଜାରି ରହିବ ବୋଲି ଚାଷୀ କହିଛନ୍ତି।



## ମୁହାଁମୁହିଁ ବାଇକ୍ ଧକ୍କାରେ ଜଣେ ମୃତ

**ଦଶରଥପୁର,୨୩ା୩(ସମିସ):** କୁଆଖିଆ- କଁୟାଗୋଲା ୨୦୮ଂ ଜାତୀୟ ରାଜପଥ ଆଧାର ଦଶରଥପୁର ବ୍ଲକ କାର୍ଯ୍ୟାଳୟ ସନ୍ନିକଟ ମା' ବିରଜା ନର୍ସି କଲେଜ ନିକଟରେ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ମୃତ ବାଇକ ଚାଳକ ଦଶରଥପୁର ଥାନା ଅନ୍ତର୍ଗତ ଛକ୍ରିଣ ଗ୍ରାମର ନକୁଳ ବଳଙ୍କ ପୁଅ ଅମର ବଳ (୧୯) ବୋଲି ଜଣାପଡିଥିବା ବେଳେ ଗୁରୁତର ବାଇକ୍ ଚାଳକଙ୍କ ପରିଚୟ ଜଣାପଡ଼ିନାହିଁ। କମ୍ପିତ ରାତି ପ୍ରାୟ ୯ଟାରେ ଚକ୍ରିଣ ଗ୍ରାମ ନକୁଳ ବଳଙ୍କ ପୁଅ ଅମର ବଳ ଝୁଣ୍ଟୁରୀ ବଜାରରୁ ବାଇକ୍ ଚଲାଇ ଘରକୁ ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଜଣେ ବାଇକ ଚାଳକଙ୍କ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ବାଇକ୍ ଚାଳକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ପ୍ରଥମେ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯିବା ପରେ ଉଭୟଙ୍କୁ ଗୁରୁତରକୁ ଯାଜପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ବାଇକ୍ ଚାଳକ ଅମର ବଳଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଦଶରଥପୁର ଥାନା ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ବାଇକ୍ ୨ଟିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଥିବା ଦଶରଥପୁର ଥାନା ଏସଆଇ ଦୁଷ୍ମନ୍ତ ଦାସଙ୍କ ଠାରୁ ସୂଚନା ମିଳିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ସୁକିନ୍ଦା,୨୩ା୩(ସମିସ):** ସୁକିନ୍ଦା ପୁଲିସ ଆମ୍ବୋଳବା ଗ୍ରାମ ଶ୍ମଶାନ ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଥିବା ଜଣାପଡିଛି। ଆମ୍ବୋଳବା ଗ୍ରାମ ଶ୍ମଶାନ ନିକଟ ପଳାସ ଗଛରେ ଜଣେ ଯୁବକ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ସୁକିନ୍ଦା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ଯୁବକ ସେହି ଗ୍ରାମ ମଥୁରା ମାଲିକଙ୍କ ପୁଅ ସୁବାସ ଚନ୍ଦ୍ର ମଲିକ(୩୭) ବୋଲି ଜଣାପଡିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ। ତେବେ ପାରିବାରିକ ସମସ୍ୟାକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

## ଦୁର୍ଘଟଣାରେ ଯୁବକ ମୃତ

**ସିଂହପୁର/ବିଞ୍ଝାରପୁର/ପ୍ରୀତିପୁର,୨୩ା୩(ସମିସ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ବୋଇତାଲୁ ପାଟଣା ଗ୍ରାମର ଭାରତ ଯେନାଙ୍କ ପୁଅ ଚନ୍ଦ୍ରମଣି ଯେନା (୨୧)ଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଘଟଣା ଅନୁଯାଇ ଆଜି ମଧ୍ୟହ୍ନ ସମୟରେ ଚନ୍ଦ୍ରମଣି ଘର ନିକଟରେ ହେଉଥିବା ନୂତନ ବନ୍ଧ ରାସ୍ତା କାର୍ଯ୍ୟ ଦେଖୁଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଚନ୍ଦ୍ରମଣି ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚନ୍ଦ୍ରମଣିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇଁ ବିଞ୍ଝାରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ

**ବାସୁଦେବପୁର,୨୩ା୩(ସମିସ):** ବାସୁଦେବପୁର ବ୍ଲକ୍‌ର ଗାନ୍ଧୀନଗର, ବିଦେଇପୁର ଓ ବିନୋବାଭାବେ ନଗର ମଧ୍ୟସ୍ଥଳରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୮ମ ବାର୍ଷିକ ଉତ୍ସବ ଓ ନୂତନ ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ଅଞ୍ଚଳର ବେସରକାରୀ ବିଦ୍ୟାଳୟ ପାଇଁ ସୁଦୀର୍ଘ ବିଶାଳ ଭିତ୍ତିଭୂମି ଓ ନବନିର୍ମିତ ଗୃହକୁ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଓ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଅଶୋକ କୁମାର ଦାସ ଯୋଗଦେଇ କହିଥିଲେ ସମାଜର ବଡ଼ ମଣିଷ ନୁହେଁ, ଭଲ ମଣିଷର ଆବଶ୍ୟକତା ଅଛି। ସମ୍ମାନିତ ଅତିଥି ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ କହିଥିଲେ ବାପା ଓ ମାଆମାନେ ପିଲା ଉପରେ ବିଶ୍ୱାସ ରଖିଲେ ନିଶ୍ଚିତ ଦିନେ ପିଲା ସଫଳତା ଲାଭ କରିବ। ସ୍କୁଲର ପ୍ରତିଷ୍ଠାତା ସୂର୍ଯ୍ୟକାନ୍ତ ମହାନ୍ତି, ଏବିଇଓ ଅମୀୟ କୁମାର ମହାଲିକ, ବିନୋବାଭାବେ ନଗର ସରପଞ୍ଚ ଆଦିତ୍ୟ ଗିରି, ଅଚ୍ୟୁତାନନ୍ଦ ପାଢ଼ୀ, ସିଆର୍‌ସିସି ଅଶୋକ କୁମାର ନାୟକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିପଦ ଭଞ୍ଜନ ମିଶ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କୈଳାସ ଚନ୍ଦ୍ର ନାଥ ସଭାରେ ସଂଯୋଜନା କରିଥିଲେ। ସମାଜର ବିଶେଷ ଅବଦାନ ପାଇଁ ବନଲତା ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଭିମନ୍ୟୁ ବେହେରା ଓ ସୁଧାଂଶୁ ଶେଖର ମିଶ୍ରଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସ୍କୁଲର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। କୁନିକୁନି ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ମେଡିକାଲରୁ ଫେରୁଥିଲେ; ଦୁର୍ଘଟଣାରେ ମହିଳା ଗୁରୁତର

**ନୀଳଗିରି, ୨୩ା୩ (ସମିସ):** ଏକ ଅଟୋରେ ସ୍ୱାମୀ, ସ୍ତ୍ରୀ ନିଜ ନାତୁଣୀକୁ ଧରି ସୋମବାର ସ୍ତ୍ରୀର ଦେହ ଖରାପ ଯୋଗୁଁ ନୀଳଗିରି ମେଡିକାଲ ଆସିଥିଲେ। ମେଡିକାଲରେ ଡାକ୍ତରଙ୍କୁ ଦେଖାଇ ଖୁସିରେ ସେହି ଅଟୋରେ ନାତୁଣୀକୁ ଧରି ଘରକୁ ଫେରୁଥିବା ବେଳେ ନୀଳଗିରି ଜେଲ୍ ରୋଡରେ ଏକ ଯିବାପାଇଁ ସ୍ୱାମୀ ଡ୍ରାଇଭର କୁ ଗାଡ଼ି ରଖିବା ପାଇଁ କହିବାରୁ ଡ୍ରାଇଭର ଗାଡ଼ିକୁ ଷ୍ଟାର୍ଟରେ ଛିଡ଼ା କରି ନିଜେ ମଧ୍ୟ ଏକ ଯାଇଥିଲା। ମାତ୍ର ଗାଡ଼ିଟି ଷ୍ଟାର୍ଟରେ ରହିଥିବା ବେଳେ ହଠାତ୍ ଅଟୋଟି ନିକଟସ୍ଥ ଡ୍ରେନ ମଧ୍ୟକୁ ଗଳି ପଡ଼ିବାରୁ ଗାଡିରେ ଥିବା ମହିଳା ଜଣକର ମୁଣ୍ଡରେ ଗଭୀର ଆଘାତ ଲାଗି ଫାଟି ଯାଇଥିଲା। ନାତୁଣୀ ସାମାନ୍ୟ ଆହତ ହୋଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ବହୁ କଷ୍ଟରେ ଡ୍ରେନରୁ ଅଟୋକୁ ବାହାର କରିଥିଲେ। ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ ଦକ୍ଷିଣ ନରସିଂହପୁର ପଞ୍ଚାୟତର ସାମରାଇପୁର୍ ଗ୍ରାମର ସୁକାନ୍ତି ମହାକୁଡ଼ ଓ ନାତୁଣୀ ତପସ୍ୱିନୀ ବୋଲି ଜଣାପଡିଛି। ସୁକାନ୍ତି ଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗି ଥିବାର ଦେଖିବାକୁ ମିଳିଛି। ରୋଗ ଦେଖାଇ ଫେରୁଥିବା ବେଳେ ଦୁର୍ଘଟଣାରେ ରୋଗୀ ହୋଇଗଲେ ସୁକାନ୍ତି।

### ଗୋପୀନାଥପୁର ସାର୍ବଜନୀନ ବାସନ୍ତିକ ଦୁର୍ଗାପୂଜା ପ୍ରସଙ୍ଗ

# ବିବାଦୀୟ ସ୍ଥାନରେ ପୂଜା ବନ୍ଦ; ୧୬୩ ଧାରା ଜାରି

**ଭୋଗରାଇ, ୨୩ା୩ (ସମିସ)**



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗୋପୀନାଥପୁର ଗ୍ରାମର ବାସନ୍ତୀ ପଡିଆରେ ସାର୍ବଜନୀନ ବାସନ୍ତୀ ପୂଜା ପାଇଁ ପ୍ରଶାସନ ଅନୁମତି ନ ଦେବାରୁ ପୂଜାର୍ଚ୍ଚନା ହେବାକୁ ନେଇ ଲାଗିରହିଥିବା ଅନିଶ୍ଚିତତାର ଅନ୍ତଃ ଘଟିଛି। ଗତ ରବିବାର ପ୍ରଶାସନ ପକ୍ଷରୁ ଉକ୍ତ ବିବାଦୀୟ ପୂଜା ସ୍ଥଳୀ ସହିତ ସଂଲଗ୍ନ ଅଞ୍ଚଳରେ ନାଗରିକ ସୁରକ୍ଷା ସଂହିତା ଆଇନ ଧାରା ୧୬୩ ଜାରି କରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ ଗତବର୍ଷ ଏହି ସ୍ଥାନରେ ୨ ଗୋଷ୍ଠୀ ଭିନ୍ନ ଭାବେ ୨ଟି ବାସନ୍ତୀ ପୂଜା କରିବାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ସେଠାରେ କିଛିଦିନ ଧରି ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଆସିଥିଲା। ଏହି ବିବାଦୀୟ ଘଟଣା ଜିଲାପ୍ରଶାସନ ଅବଗତ ହେବାପରେ ଭୋଗରାଇ ଥାନା ପରିସରରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୨ ଗୋଷ୍ଠୀକୁ ଡାକି ପ୍ରଶାସନ ଆପୋଷ ସମାଧାନ ହେବା ଲାଗି ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇନଥିଲା କ୍ଷପରେ ମଧ୍ୟରାତ୍ରିରେ ୨ଟି ପୂଜା ମଣ୍ଡପରେ ମା' ବାସନ୍ତୀଙ୍କ ସହିତ ପାଶ୍ୱର୍ ଦେବୀଦେବଙ୍କ ମୁଣ୍ଡ କାଟ ଘଟଣାକୁ କେନ୍ଦ୍ର କରି ପଞ୍ଚାୟତ ଅଶାନ୍ତ ହୋଇପଡିଥିଲା। ଶାନ୍ତି ଶୃଙ୍ଖଳା ନିମନ୍ତେ ସେଠାରେ ଉପଖଣ୍ଡ ମାଜିଷ୍ଟ୍ରେଟ ବାଲେଶ୍ୱରଙ୍କ ୧ ୬ ୩ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆଦେଶ ନାମା ଜାରିକରିଥିଲେ। ଚଳିତ ବର୍ଷ ମଧ୍ୟ ଏହି ସ୍ଥାନରେ ଅନୁରୂପ ଭାବେ ସାର୍ବଜନୀନ ମା ବାସନ୍ତୀ ମୂର୍ତ୍ତି ନିର୍ମାଣକୁ ନେଇଁ ପୁଣି ବିବାଦମାନ ସ୍ଥିତ ଉପୁଜିବାରୁ ଖାତା ନଂ ୨୭୫ ପ୍ଲଟ ନଂ ୧୦୫୧, ୧୦୫୩ ଓ ୧୦୫୪ ବାସନ୍ତୀ ପଡିଆ ଅଞ୍ଚଳ ଓ ବାପୁଜୀ ପାଠାଗାର ନିକଟସ୍ଥ ଅଞ୍ଚଳରେ ବାଲେଶ୍ୱର ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକ୍ରମେ ୧୬୩ ଜାରି କରାଯାଇଛି। ସେଠାରେ ୧୧ ଦିନ କୌଣସି ସଭା, ସମିତି, ଧର୍ମଘଟ, ଆନ୍ଦୋଳନ ଶୋଭାଯାତ୍ରା କାର୍ଯ୍ୟକ୍ରମ ହୋଇପାରିବ ନାହିଁବୋଲି କାନ୍ଥବାଡ଼ରେ ପ୍ରଶାସନ ନୋଟିସ ଲଗାଇବା ସହିତ ଉଭୟ ପୂଜା କମିଟିକୁ ନୋଟିସ ଦେଇ ଆଇନ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବବୋଲି ପ୍ରଶାସନ ଭୋଗରାଇ ଥାନା ମାଧ୍ୟମରେ ଚେତାବନୀ ଦେଇଥିଛନ୍ତି। ତେବେ ଦୀର୍ଘବର୍ଷ ଧରି ଏଠାରେ ପୂଜା କରିଆସୁଥିବା ସାର୍ବଜନୀନ ପୂଜା କମିଟି ପୂର୍ବରୁ ଏଠାରେ ମୂର୍ତ୍ତି ନିର୍ମାଣ ଆରମ୍ଭ କରିସାରି ଥିବାରୁ ପ୍ରଶାସନର ଏଭଳି ନିଷ୍ପତ୍ତିରେ କମିଟି କ୍ଷୋଭ ପ୍ରକାଶ କରିଛନ୍ତି।

### ବ୍ୟାଙ୍କ କର୍ମଚାରୀଙ୍କ ମନମାନୀ

## ଦୁର୍ବ୍ୟବହାରକୁ ନେଇ ଗ୍ରାହକଙ୍କ ଅସନ୍ତୋଷ

**ସିଂହପୁର,୨୩ା୩(ସମିସ):** ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଫତେପୁର ସ୍ଥିତ ବ୍ୟାଙ୍କ ଅଫ୍ ବରୋଦା ଶାଖାରେ ଜୈନିକ କର୍ମଚାରୀଙ୍କ ମନମାନୀ ଓ ଦୁର୍ବ୍ୟବହାରରେ ସ୍ଥାନୀୟ ଅଞ୍ଚଳର ଗ୍ରାହକ ଓ ଲୋକେ ଅତିଷ୍ଠ ହେଲେଣି। ତେଣୁ ସମ୍ପୃକ୍ତ କର୍ମଚାରୀଙ୍କୁ ବଦଳି ପାଇଁ ଦାବି ତୀବ୍ର ହେବାରେ ଲାଗିଛି। ଘଟଣା ଅନୁଯାଇ ଏହି ବ୍ୟାଙ୍କର ଫିଲ୍ଡ ଅଫିସର ମଳୟ କୁମାର ପ୍ରଧାନଙ୍କ ବିରୋଧରେ ଏଭଳି ଗୁରୁତର ଅଭିଯୋଗ ଉଠିଛି। ସ୍ଥାନୀୟ ଗ୍ରାହକ ଓ ଗ୍ରାମବାସୀଙ୍କ କହିବା ଅନୁସାରେ, ସେହି ଅଧିକାରୀ ଗ୍ରାହକଙ୍କ ସହ ଅସଭ୍ୟ ବ୍ୟବହାର କରୁଥିବା ସହ ନୂତନ ଆକାଉଣ୍ଟ ଖୋଲିବାକୁ ଆସୁଥିବା ଲୋକଙ୍କୁ ଅନ୍ୟତ୍ର ଆକାଉଣ୍ଟ ଖୋଲିବା ପାଇଁ ପରାମର୍ଶ ଦେଉଛନ୍ତି। ଏହା ଫଳରେ ବ୍ୟାଙ୍କର କାର୍ଯ୍ୟକ୍ଷମତା ଓ ଆୟରେ ପ୍ରଭାବ ପଡୁଥିବା କଥା ସ୍ପଷ୍ଟ ହେଉଛି। ଏହା ସହିତ ଅଞ୍ଚଳର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ଯାହାଙ୍କର ଖାତା ଏହି ଶାଖାରେ ରହିଛି, ସେମାନେ ମଧ୍ୟ ଅଧିକାରୀଙ୍କ ଦୁର୍ବ୍ୟବହାରର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଛୋଟ-ଛୋଟ କାମ ପାଇଁ ମଧ୍ୟ ସେମାନଙ୍କୁ ଅନାବଶ୍ୟକ ଭାବରେ ବାରମ୍ବାର ବ୍ୟଙ୍କକୁ ଦୌଡ଼ିବାକୁ ପଡୁଛି। ଫିଲ୍ଡ ଅଫିସର ମଳୟ କୁମାର ପ୍ରଧାନଙ୍କ ଠାରୁ ସମ୍ମାନପୂର୍ଣ୍ଣ ବ୍ୟବହାର ମିଳୁନାହିଁ। ବହୁ ଲୋକ ଏହି କାରଣରୁ ବ୍ୟାଙ୍କରୁ ମୁହଁ ଫେରାଉଥିବା ଦେଖିବାକୁ ମିଳିଛି। ଟିଁଣା ଗ୍ରାମ ପଞ୍ଚାୟତ ସ୍ତରୀୟ ଏସ୍‌ଏଚ୍‌ଜିର ସଭାନେତ୍ରୀ ତିଲୋତ୍ତମା ନାୟକ ବ୍ୟାଙ୍କକୁ ଟଙ୍କା ଜମା କରିବାକୁ ଆସି ଫିଲ୍ଡ ଅଫିସର ମଳୟ କୁମାର ପ୍ରଧାନଙ୍କ ଦ୍ୱାରା ଅସମ୍ମାନିତ ହେବାରୁ ସେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ମଳୟ କୁମାର ପ୍ରଧାନଙ୍କ ବଦଳି ଦାବି କରିଛନ୍ତି। ଏହି ଫିଲ୍ଡ ଅଫିସରଙ୍କ ବିରୋଧରେ ଲମ୍ବା ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଏହାକୁ ନେଇ ସ୍ଥାନୀୟ ଲୋକ ଓ ଗ୍ରାହକମାନେ ବ୍ୟାଙ୍କର ଉଚ୍ଚତର କର୍ତ୍ତୃପକ୍ଷଙ୍କ ନଜରକୁ ମାମଲାଟି ଆଣିବା ସହ ଉକ୍ତ ଫିଲ୍ଡ ଅଫିସରଙ୍କ ବଦଳି ପାଇଁ ଦାବି କରିଛନ୍ତି। ସେମାନଙ୍କ ଦାବି, ଗ୍ରାହକ ସେବାକୁ ପ୍ରାଥମିକତା ଦେଇ ଦାୟିତ୍ୱଶୀଳ ଅଧିକାରୀଙ୍କୁ ଏଠାରେ ନିଯୁକ୍ତ କରିବାକୁ ଦାବି ହୋଇଛି।

## ଦାନଗଦି ଅଞ୍ଚଳରେ ମାତିଛନ୍ତି ବାଇକ୍ ଲୁଟେରା

**ଦାନଗଦି,୨୩ା୩(ସମିସ):** ଶିଳ୍ପନଗରୀ ମଧ୍ୟ ଭାଗରେ ରହିଛି ଦାନଗଦି ଗାଁ। ଯେଉଁଠାରେ ସ୍ଥାୟୀ ଓ ଅସ୍ଥାୟୀ ଭାବେ ବସବାସ କରନ୍ତି ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ ପରିବାର ଲୋକେ। ବିଭିନ୍ନ କଳାକାରଖାନାରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀ ମାନେ କାରଖାନା ନିକଟ ହୋଇଥିବାରୁ ଦାନଗଦିରେ ଘରଭଡ଼ା ନେଇ ରହିବାକୁ ପସନ୍ଦ କରନ୍ତି। ତା' ଛଡା ସାପ୍ତାହିକ ହାଟ, ବଜାର, ଡାକ୍ତରଖାନା, ସ୍କୁଲ, ବସ୍ ଆଦି ସବୁ ପ୍ରକାର ସୁବିଧା ମିଳିପାରୁଛି ଏଠାରେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଏମାନଙ୍କୁ ସୁରକ୍ଷା ଯୋଗାଇଦେବାରେ ପୁଲିସ ପ୍ରଶାସନ ଏବେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ପ୍ରତ୍ୟେହ ହାଟବାରୀ ସୋମବାର ଓ ଶୁକ୍ରବାର ଦିନ ଏଠାରେ ବାଇକ୍ ଓ ମୋବାଇଲ ଚୋରମାନଙ୍କ ଆଡ୍ଡା ଜମୁଛି। ସ୍ଥାନୀୟ ବେକାରୀ ଯୁବକ ଚୋର ମାନଙ୍କ ସହ ହାତ ମିଳାଇ ବାହାର ଜିଲ୍ଲାରୁ ଲୁଟେରାମାନେ ଆସି ଏଠାରେ ଆଡ୍ଡା ଜମାଇଛନ୍ତି। ଏହି ହାଟକୁ ଆସୁଥିବା ବାଇକ୍ ଚାଳକମାନେ ହାଟ ମଧ୍ୟରେ ବାଇକ ରଖିବାକୁ ଜାଗା ନ ଥିବାରୁ ବାହାରେ ରଖି ପାରିବା ଓ ସୌଦା ପତ୍ର କିଣନ୍ତି। ଏହାର ସୁଯୋଗ ନେଇ ଲୁଟେରା ମାନେ ପ୍ରତ୍ୟେକ ହାଟପାଳି ଦିନ ନିର୍ଭୟରେ ବାଇକ ଲୁଟି ନେଉଛନ୍ତି। ଏହା ବ୍ୟତିତ ହାଟକୁ ଆସୁଥିବା ଅଣଓଡ଼ିଆ ମହିଳା ମାନଙ୍କୁ ଏମାନେ ଟାର୍ଗେଟ କରିଥାନ୍ତି। ମହିଳା ମାନେ ହାଟ ସୌଦା କିଣା କିଣିରେ ବ୍ୟସ୍ତ ଥିବାର ସୁଯୋଗ ନେଇ ସେମାନଙ୍କ ମୋବାଇଲ ଫୋନ ଲୁଟି ନେବାରେ ସଫଳ ହୋଉଛନ୍ତି। ପ୍ରତ୍ୟେହ ହାଟ ପାଳି ଦିନ ଏଭଳି ଚୋରି ହେଇଚାଲିଛି। ହେଲେ ଯେହେତୁ ଏମାନେ ବାହାର ଲୋକ ଭୟରେ ପୁଲିସ ନିକଟରେ ଅଭିଯୋଗ କରୁନାହାଁନ୍ତି। କାଁ ଭାଁ କିଛି ଲୋକ ଅଭିଯୋଗ କଲେ ବି ପୁଲିସ ଲୁଟେରାମାନଙ୍କ ସହିତ ମଧୁଚନ୍ଦ୍ରିକା ଯୋଗୁ ଲୁଟେରା ମାନେ ନିର୍ଭୟରେ ଖସି ଯାଉଛନ୍ତି। ବହୁ ସ୍ଥାନରେ ଚୋରଙ୍କ ସିସିଟିଭି ଫୁଟେଜ ପୁଲିସକୁ ଦିଆ ଯାଉଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କିଛି ଗ୍ରହଣ କରାଯାଉନାହି। ଯାହାକି ଦାନଗଦିରେ ଆଉ ଲୋକେ ବସବାସ କରିବାକୁ ଭୟ କରୁଛନ୍ତି। ନିକଟରେ ଏକ ବର୍ଷ ମଧ୍ୟରେ ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଦାମୀ ବାଇକ ଚୋରି ଯାଇଥିବାର ଖବର ମିଳିଛି। ହେଲେ ଉଦ୍ଧାର କରିବାରେ ପୁଲିସ ବିଫଳ ହୋଇଛି। ତ୍ରିଜଙ୍ଗା ପଞ୍ଚାୟତର କଲୋନୀ ସମେତ ହାଟ ଓ ବଜାର ଅଞ୍ଚଳରେ ରାତ୍ରୀ ପାଟ୍ରୋଲିଂ ଆଦୌ କରାଯାଉନାହିଁ। ତୁରନ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବିଏନ୍‌ଏମ୍‌ଏ କଲେଜ ନାଟ୍ୟ ସଂସଦ ପକ୍ଷରୁ 'ବୁମେରାଂ' ମଞ୍ଚସ୍ଥ

**ଭଦ୍ରକ,୨୩ା୩(ସମିସ):** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ବିଏନ୍‌ଏମ୍‌ଏ କଲେଜ ନାଟ୍ୟ ସଂସଦର ଛାତ୍ରଛାତ୍ରୀଙ୍କ ପକ୍ଷରୁ କଟକସ୍ଥିତ ଐତିହାସିକ ଅନ୍ନପୂର୍ଣ୍ଣା ବି'ଗ୍ରୁପ୍ ରଙ୍ଗମଞ୍ଚରେ ଗତ ୨୦ ତାରିଖ ସନ୍ଧ୍ୟାରେ ସଫଳତା ସହ ମଞ୍ଚସ୍ଥ ହୋଇଛି ନାଟକ 'ବୁମେରାଂ'। ନାଟ୍ୟକାର ଅଧ୍ୟାପକ ଡ. ରାଜେନ୍ଦ୍ର କୁମାରଙ୍କ ରଚିତ ଓ ନାଟ୍ୟ ସଂସଦର ଉପସଭାପତି ଅଧ୍ୟାପକ ଡ. ଗୋବିନ୍ଦ ଚନ୍ଦ୍ର ବାଗ୍‌ଙ୍କ ନିର୍ଦ୍ଦେଶିତ ନାଟକଟି ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଛି। ଯୁବ ପ୍ରଯୋଜକ ସୌମ୍ୟରଞ୍ଜନ ଜେନା



ଓ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନାଟ୍ୟ ପ୍ରତିଭା ସୁପରିଚିତ ଦୂରଦର୍ଶନ ସମ୍ବାଦ ପାଠିକା ତଥା କଟକ ରଘୁନାଥଜୀଉ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଅଭିନୟ କରିଥିଲେ। ବିଭିନ୍ନ ଭୂମିକାରେ ଛାତ୍ର ଆଶିଷ ସାହୁ, ସ୍ମୃତିରଞ୍ଜନ ନାୟକ, ଗିରିଜା ଶଙ୍କର ସେଠୀ, ସନ୍ତୋଷ ସାହୁ, ବର୍ଷାରାଣୀ ନାୟକ, ଅଭିଲିପ୍ସା ସାହାଣୀ, ରିତିସ୍ମିତା ପଲାଇ, ଇତିଶ୍ରୀ ସ୍ୱାଇଁ, ବିପ୍ଳବ ବିହାରୀ ସାହୁ, ସମ୍ବିତ୍ ସାହୁ ପ୍ରମୁଖ ଅଭିନୟ କରିଥିବାବେଳେ ଛାତ୍ର ଦୀପକ ସାହୁ କଣ୍ଠଦାନ କରିଥିଲେ।

## ଚୈତ୍ର ଦ୍ୱିତୀୟ ସୋମବାରରେ ଚନ୍ଦନେଶ୍ୱରଙ୍କ ପୀଠ ଜନସମୁଦ୍ର



**ଚନ୍ଦନେଶ୍ୱର,୨୩ା୩ (ସମିସ):** ପବିତ୍ର ଚୈତ୍ରମାସର ଦ୍ୱିତୀୟ ସୋମବାର ଅବସରରେ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲ୍ଲା ଭୋଗରାଇର ବାବା ଚନ୍ଦନେଶ୍ୱର ଶୈବପୀଠ ଜନସମୁଦ୍ର ପାଲଟିଛି। ପ୍ରାୟ ଦେଢ ଲକ୍ଷରୁ ଉର୍ଦ୍ଧ ଭକ୍ତ ଓ ଶ୍ରଦ୍ଧାଳୁ ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହିତ ଦର୍ଶନ କରିଥିଲେ। ଦୀର୍ଘ ସମୟ ଅପେକ୍ଷା କରି ସମସ୍ତେ ଶୃଙ୍ଖଳିତ ଭାବେ ମନ୍ଦିର ମଧ୍ୟରେ ପୂଜାର୍ଚ୍ଚନା କରି ଗର୍ଭ ଗୃହରେ ଶ୍ରୀଜୀଉଙ୍କୁ ପଇଡ, କ୍ଷୀର ଆଦି ଅର୍ପଣ କରିଥିଲେ। ଏହି ଅବସରରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ ପିଲା ମାନସିକ ପୂରଣ ପାଇଁ କେଶ ମଣ୍ଡନ କରିଥିଲେ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସକୁ ନାକେଦମ ହେବାକୁ ପଡିଥିଲା। ଆଜି ଚୈତ୍ରମାସ ଦ୍ୱିତୀୟ ସୋମ୍ବାର ହୋଇଥିବାରୁ ଚନ୍ଦନେଶ୍ୱରରେ ପ୍ରାୟ ଲକ୍ଷାଧିକ ମାନସିକଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଆଦି ବିଭିନ୍ନ ରାଜ୍ୟରୁ ଶୈବ ଭକ୍ତମାନେ ଆସିଥିଲେ। ହଜାର ହଜାର କାଉଡିଆ ନୀଳ ପୋଖରୀରୁ ପାଣି ନେଇ ଅନ୍ୟ ପୀଠକୁ ଯାଇଥିଲେ। ଭୋର ୪ଟାରୁ ମନ୍ଦିରର ଦୈନନ୍ଦିନ ନିତ୍ୟ ସେବା ପୂଜା ଶେଷ ହେବା ବେଳକୁ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଅପେକ୍ଷା କରି ରହିଥିଲେ। ସମସ୍ତେ ଗର୍ଭ ଗୃହକୁ ଯାଇ ମହାଦେବଙ୍କୁ କ୍ଷୀର, ପଇଡ ଅର୍ପଣ କରିଥିଲେ। ଏହାଛଡା ଦଣ୍ଡି ମାରିବା, ବାଦଶା ହରିଲୁଟ ଆଦି ପାଇଁ ମଧ୍ୟ ପ୍ରବଳ ଗହଳି ହୋଇଥିଲା। ପ୍ରବଳ ଭିଡ଼ ପାଇଁ ପୁରୋହିତ ମାନେ ନାଟ ମନ୍ଦିର, ନେତ୍ର କୁଣ୍ଡ, ବରଗଛ ନିକଟରେ ବସି ପୂଜାର୍ଚ୍ଚନା କରିଛନ୍ତି। ବିଶେଷ କରି ବିଜୁ ଗୋଲେଇ ଠାରୁ ମନ୍ଦିର ପର୍ଯ୍ୟନ୍ତ ଅଧିକ ଟ୍ରାଫିକ ସମସ୍ୟା ଲାଗି ରହିଥିଲା। ଏହି ଜନ ସମାଗମକୁ ଲକ୍ଷ୍ୟ ରଖି ମନ୍ଦିର ଟ୍ରଷ୍ଟବୋର୍ଡ ଓ ସେବାୟତଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ତାଳସାରୀ ସାମୁଦ୍ରିକ ଥାନା ସମେତ ଓ ଅଧିକ ୧ପ୍ଲାଟୁନ ପୁଲିସ ଶାନ୍ତି ଶୃଙ୍ଖଳା ପାଇଁ ରହିଥିଲେ ମଧ୍ୟ ପ୍ରବଳ ଜନ ସମାଗମକୁ ନିୟନ୍ତ୍ରଣ କରିବାକୁ ନାକେଦମ ହେବାକୁ ପଡିଥିଲା। ତେବେ ଏପ୍ରିଲ ୩ରୁ ଚନ୍ଦନେଶ୍ୱର ଜୀଉଙ୍କ ବିଶ୍ୱ ପ୍ରସିଦ୍ଧ ପବିତ୍ର ଚଡକ ମେଳା ଶୁଭାରମ୍ଭ ହେଉଥିବାରୁ ମନ୍ଦିରରେ ଏବେଠୁ ଚଳ ଚଞ୍ଚଳ ହୋଇଉଠିଛି।

## ପଞ୍ଚଲିଙ୍ଗେଶ୍ୱର ମହୋତ୍ସବର ତୃତୀୟ ସନ୍ଧ୍ୟା

**ନୀଳଗିରି, ୨୩ା୩ (ସମିସ):** ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଛକ ଠାରେ ଚାରିଦିନ ଧରି ଚାଲିଥିବା ପଞ୍ଚଲିଙ୍ଗେଶ୍ୱର ମହୋତ୍ସବର ରବିବାର ତୃତୀୟ ସନ୍ଧ୍ୟାରେ ଝୁମିଲେ ଦର୍ଶକ। ଏହି ସନ୍ଧ୍ୟାରେ ଆକର୍ଷଣ ଥିଲେ ଓଡ଼ିଆ କମେଡିଆନ ପପୁ ପମ୍ ପମ୍ ସମେତ କଣ୍ଠଶିଳ୍ପୀ ତୁଷାର ସ୍ୱାଇଁ ଯୋଗ ଦେଇଥିଲେ। ସାନ୍ଧ୍ୟ ସଭାରେ ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଅକ୍ଷୟ ପାଣିଗ୍ରାହୀ ମଞ୍ଚପରିଚାଳନା କରିଥିବା ବେଳେ ବଳରାମ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ମଞ୍ଚ ସଭାପତିତ୍ୱ କରିଥିଲେ ଜ୍ୟୋତିର୍ମୟ ରାଉତ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଯୁବ ସମାଜସେବୀ ତଥା ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସମ୍ମାନୀୟ ଅତିଥି ଭାବେ ତପନ କୁମାର ରାଉତ ଓ ଜିଲ୍ଲାପରିଷଦ ସଭ୍ୟା ଉଷାମଣି ରାଉଳ ପ୍ରମୁଖ ଉପସ୍ଥିତ ଥିବାବେଳେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ବେଣୁଧର ଜେନା। ସାମ୍ବାଦିକ ଜଗନ୍ନାଥ ପାତ୍ର, ପ୍ରିୟନାଥ ବେହେରା ଓ ଗଣେଶ ଜେନା, ଖେଳ ପ୍ରତିଭା ସମ୍ମାନ ସୁଭଲକ୍ଷ୍ମୀ ସିଂ, ପୂର୍ବତନ ସୈନିକ ଯୋଗେଶ୍ୱର ବେହେରା ପ୍ରମୁଖଙ୍କୁ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମିଳିବ ନିଃଶୁଳ୍କ ଶିକ୍ଷା



**ଅସୁରାଳି,୨୩ା୩(ସମିସ):** ସ୍ଥାନୀୟ ଅଞ୍ଚଳର ମେଧାବୀ ତଥା ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଧୂଷୁରାସ୍ଥିତ ଶ୍ରୀଅଂଶୁ ଫାଉଣ୍ଡେସନ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଫାଉଣ୍ଡେସନ ତରଫରୁ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ନିଃଶୁଳ୍କ ଶିକ୍ଷାଦାନ ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ବୈଠକରେ ଆସନ୍ତା ଏପ୍ରିଲ୍ ୩ରୁ ୨ ଘଣ୍ଟା ପାଇଁ ନିଃଶୁଳ୍କ ଶିକ୍ଷାଦାନ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକକୁ ଦୂର କରି ଗ୍ରାମାଞ୍ଚଳର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି। ଏହି ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅବସରପ୍ରାପ୍ତ ଶିକ୍ଷକମାନେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ରଖିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ ସୂତାର, ଧିରେନ୍ଦ୍ର ପତି, ପ୍ରଶାନ୍ତ ନାୟକ, ପ୍ରଭାତ ପଣ୍ଡା, ନୃସିଂହ ଚନ୍ଦ୍ର ନାୟକ, ଶିଶିର ମିଶ୍ର, ନାରାୟଣ ଗୋସ୍ୱାମୀ, ପୂର୍ଣ୍ଣଚନ୍ଦ୍ର ନାୟକ, ନରେନ୍ଦ୍ର ପଣ୍ଡା ଓ ସୁଧାଂଶୁଶେଖର ପତି ପ୍ରମୁଖ ଯୋଗଦେଇଥିଲେ। ସାମ୍ବାଦିକ ସନ୍ତୋଷ ଦାସ, ରତିକାନ୍ତ ନାୟକ, ଗଣେଶ ପ୍ରସାଦ ସୂତାର, ନକୁଳ ରାଉତ, ଅଶୋକ ଜେନା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଫାଉଣ୍ଡେସନର ଏହି ଜନହିତକର କାର୍ଯ୍ୟକୁ ପ୍ରଶଂସା କରିବା ସହ ସହଯୋଗର ହାତ ବଢ଼ାଇଥିଲେ।

# ଜଙ୍ଗଲ ଜମି ଉପରେ ମାଟି ମାଫିଆଙ୍କ ନଜର

**ଅସୁରାଳି,୨୩ା୩(ସମିସ)**



ଧାମନଗର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଧାନ କଟା ସରିବା ମାତ୍ରେ ମାଟି ଓ ବାଲି ମାଫିଆଙ୍କ ରାଜ୍ ଆରମ୍ଭ ହୋଇଯାଏ। ପ୍ରତି ବର୍ଷ ପରି ଏବର୍ଷ ମଧ୍ୟ ବ୍ଲକ୍‌ର ବିଭିନ୍ନ ଗ୍ରାମାଞ୍ଚଳରେ ବେଆଇନ ଭାବରେ ଜେସିବି ଦ୍ୱାରା ମାଟି ଉଠାଇ ବିକ୍ରି କରାଯାଉଛି ଓ ଏଥିପ୍ରତି ରାଜସ୍ୱ ବିଭାଗ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଥିବା ଭଳି ଜଣାପଡୁଛି। ପ୍ରତିଦିନ ଶହଶହ ସଂଖ୍ୟାରେ ଟ୍ରାକ୍ଟର ମାଟି ବୋହିବାବେଳେ ଅତି ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛନ୍ତି। ନିଜନିଜ ଭିତରେ କିଏ ଅଧିକ ଟ୍ରିପ୍ ବୋହିପାରିବ ସେଥିପାଇଁ ପ୍ରତିଯୋଗିତା କରି ରାସ୍ତା ଉପରେ ଭୟଙ୍କର ଶବ୍ଦ କରି ଟ୍ରାକ୍ଟର ଚଳାଉଛନ୍ତି। ଯାହାଫଳରେ ରାସ୍ତାରେ ଯାତାୟାତ କରୁଥିବା ଅନ୍ୟ ଗାଡ଼ି, ସାଇକଲ, ମୋଟର ସାଇକଲ ଏମିତିକି ଚାଲି ଚାଲି ଯାଉଥିବା ବ୍ୟକ୍ତିମାନେ ମଧ୍ୟ ଭୟଭୀତ ହେବା ସହିତ ବିପଦରେ ପଡୁଛନ୍ତି। ସ୍କୁଲ, କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ମଧ୍ୟ ଭୟ ପାଉଛନ୍ତି। ଦ୍ରୁତଗତିରେ ଟ୍ରାକ୍ଟର ଚଳାଉଥିବାରୁ ଗ୍ରାମୀଣ ରାସ୍ତାରେ ଭାଇବ୍ରେସନ ସୃଷ୍ଟି ହୋଇ ରାସ୍ତାଗୁଡ଼ିକ ଅଳ୍ପ ଦିନରେ ନଷ୍ଟ ହେଉଛି। ଟ୍ରାକ୍ଟରରେ ମାଟି ବୋହି ନେଉଥିବାବେଳେ ରାସ୍ତାରେ ମାଟି ପଡ଼ି ମଧ୍ୟ ଛୋଟବଡ଼ ଦୁର୍ଘଟଣା ହେଉଛି। ଏହି ଅନଭିଜ୍ଞ ଟ୍ରାକ୍ଟର ଚାଳକମାନଙ୍କ କୌଣସି ବିଧିବଦ୍ଧ ତାଲିମ ନ ଥିବାବେଳେ ଏମାନଙ୍କର କୌଣସି ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ନାହିଁ। ଏସବୁ ପ୍ରତି ପ୍ରଶାସନ ଆଦୌ ପଦକ୍ଷେପ ନେଉ ନ ଥିବା ମଧ୍ୟ ଅଭିଯୋଗ ହେଉଛି। ବେଫିକର ଭାବେ ମାଫିଆମାନେ ମନଇଚ୍ଛା ସେମାନଙ୍କ ଚୋରା ମାଟି ଚାଲାଣ କରିଚାଲିଛନ୍ତି। ଏପଟେ ସାଧାରଣ ଲୋକ ହଇରାଣ ହରକତ ହୋଇ ଅସନ୍ତୋଷ ବ୍ୟକ୍ତ କରୁଥିଲେ ବି ଭୟରେ କିଛି କରିପାରୁ ନାହାନ୍ତି କି କହିପାରୁ ନାହାନ୍ତି। କାରଣ ଏହି କାରବାରରେ ଲିପ୍ତ ବ୍ୟକ୍ତିମାନେ ପ୍ରଭାବଶାଳୀ। ଧାମନଗର ବ୍ଲକ୍‌ରେ ପ୍ରବାହିତ ହେଉଥିବା ବିଭିନ୍ନ ନଦୀ ଯଥା- ବୈତରଣୀ, ଗେଙ୍ଗୁଟି, ରେବ ଓ କପାଳି ଆଦିର ଅବବାହିକାରୁ ଖୁଲମ୍‌ଖୋଲା ମାଟି ଓ ବାଲି ଚାଲାଣ କରୁଥିଲେ ବି ପ୍ରଶାସନ ପାଖରେ ଏହାର ଖବର ନାହିଁ। ଖରାବେଳେ, ରାତିରେ ଘରେ ରହିବା ଶୋଇବା କଷ୍ଟକର ହେବା ସହିତ ହୃଦ୍‌ରୋଗୀ ଓ ଉଚ୍ଚ ରକ୍ତଚାପ ରୋଗୀମାନେ ଏହି ଟ୍ରାକ୍ଟର ଚାଳକଙ୍କ ପାଇଁ ଯନ୍ତ୍ରଣା ପାଉଛନ୍ତି। ଏନେଇ ଜନଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏହି ଘଟଣା ଉପରେ ଗୁରୁତ୍ୱ ଦେଇ ବେଫିକର ମାଟି ଓ ବାଲି ଚାଲାଣକୁ ରୋକିବା ସହିତ ଏହି ଟ୍ରାକ୍ଟର ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ଯାଞ୍ଚ କରାଯାଉ। ଦ୍ରୁତଗତିରେ ଟ୍ରାକ୍ଟର ଚଳାଇ ଶବ୍ଦ ପ୍ରଦୂଷଣ ସହିତ ଅନ୍ୟମାନଙ୍କୁ ହଇରାଣ କରୁଥିବା ଚାଳକମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଲୋକଙ୍କ ପାଇଁ କାଳ ସାଜିଛି ଇମାମି ପେପର ମିଲ !

# ଅକାଳରେ ମାଡ଼ି ଆସୁଛି ବାର୍ଦ୍ଧକ୍ୟ, ପଙ୍ଗୁ ହେଉଛନ୍ତି ଯୁବକ

ବାଲେଶ୍ୱର ସଦର,୨୨।୩ (ହରିଶଙ୍କର ପାଣି)







ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକରେ ଥିବା ଇମାମି ପେପର ମିଲ ଏବେ ଲୋକଙ୍କ ପାଇଁ ସାକ୍ଷାତ କାଳ ସାଜିଛି। କମ୍ପାନୀର ମନମାନି ଓ ବେପରୁଆ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଜୀବନ ନର୍କ ପାଲଟିଛି। କମ୍ପାନୀରୁ ବାହାରୁଥିବା ପ୍ରଦୂଷିତ ପାଣି ପାଇଁ ଏଠାକାର ମାଟି, ପାଣି ଓ ପବନ ଜହର ପାଲଟି ଯାଇଛି।ଏହି ପ୍ରଦୂଷିତ ପାଣିରୁ ବାହାରୁଥିବା କେମିକାଲ ପ୍ରଭାବରେ ଲୋକମାନଙ୍କୁ ଅକାଳରେ ବାର୍ଦ୍ଧକ୍ୟ ମାଡ଼ି ଆସୁଥିବା ବେଳେ ଯୁବକମାନେ ପଙ୍ଗୁ ହୋଇଯାଉଛନ୍ତି। ପରିତାପର ବିଷୟ ହେଉଛି ଲୋକଙ୍କ ଜୀବନ ସହିତ ଖେଳ ଖେଳି ଆସୁଥିଲେ ବି ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଏହି କମ୍ପାନୀ ବିପକ୍ଷରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏଠାରେ ଥିବା ଇମାମି ପେପର ମିଲ ତା'ର ପ୍ରଦୂଷିତ ପାଣି ସବୁ ଏକ ନାଳ ମାଧମରେ ସିଧାସଳଖ ସୋନ ନଦୀ ଭିତରକୁ ଛାଡୁଛି। ଏହି ପାଣିରୁ ଉତ୍କଟ ଗନ୍ଧ ବାହାରୁ ଥିବାରୁ ରେମୁଣା ବ୍ଲକରେ ଏହା ପଚାନାଳ ନାମରେ ପ୍ରସିଦ୍ଧ। ଏହି ମିଲରୁ ବାହାରୁଥିବା ଦୂଷିତ ଜଳକୁ ବ୍ୟବହାର ଉପଯୋଗୀ କରି ବାହାରକୁ ଛାଡ଼ିବାର ନିୟମ ଥିବାବେଳେ ଇମାମି ଏହା କରୁନାହିଁ କି ପ୍ରଶାସନ ପକ୍ଷରୁ ବି କୌଣସି ଅଙ୍କୁଶ ନାହିଁ। ଯାହା ଫଳରେ ସ୍ଥାନୀୟ ଲୋକଙ୍କ ଲାଇଫ ଲାଇନ୍ ଥିବା ସୋନ ନଦୀ ଏବେ ଲୋକଙ୍କ ପାଇଁ ଅଦରକାରୀ ହୋଇପଡ଼ିଛି। ଏହି ପ୍ରଦୂଷିତ ପାଣି ପ୍ରଭାବରେ ନଦୀର ତଳ ପଟକୁ ଥିବା ନୂଆପାଢ଼ୀ ପତ୍ରିପାଳ ଓ ମନ୍ଦାରପୁର ପଞ୍ଚାୟତ ବିଶେଷ ଭାବେ ପ୍ରଭାବିତ ହେଉଛି। ସବୁଠାରୁ ଅଧିକ ମାତ୍ରାରେ ପ୍ରଭାବିତ ହେଉଛି ପତ୍ରିପାଳ ପଞ୍ଚାୟତ। ସ୍ଥାନୀୟ ଅଞ୍ଚଳରେ ପରିବେଶ ଦୂଷିତ ହେବା ଫଳରେ ଗଛରେ ଫଳ ଧରୁନି କି ନଦୀରେ ମାଛ ନାହାନ୍ତି। ସୋନ ନଦୀ ପ୍ରସିଦ୍ଧ ମୁହାଣ ଇଲିସି ଓ ଗଙ୍ଗାହାର ଚିଙ୍ଗୁଡ଼ି ଲୋପ ପାଇଗଲାଣି। ନଦୀର ପାଣି ପିଇ ଜୀବଜନ୍ତୁ ମାନେ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଭୂତଳ ଜଳ ମଧ୍ୟ ଜହର ପାଲଟିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଥିବା ଉଭୟ ସରକାରୀ ଓ ଘରୋଇ ନଳକୂପ ସବୁ ଅଦରକାରୀ ହୋଇପଡ଼ିଛି। ଏହି ନଳକୂପ ସବୁରୁ ଲାଲ, ଗୋଳିଆ ଓ ଫ୍ଲୋରାଇଡ ମିଶା ପାଣି ବାହାରୁଛି। ପିଇବା ପାଇଁ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ସାହାଯ୍ୟରେ ପାଣି ଯୋଗାଯାଉଥିବା ବେଳେ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଲୋକେ ନଳକୂପ ପାଣି ବ୍ୟବହାର ପାଇଁ ବାଧ୍ୟ ହେଉଛନ୍ତି। ଫଳସ୍ୱରୂପ ଲୋକେ ଅକାଳରେ ବାର୍ଦ୍ଧକ୍ୟର ଶିକାର ହେଉଛନ୍ତି। ଯୁବକମାନେ ପଙ୍ଗୁ ହେଉଛନ୍ତି। କାହାର ଗୋଡ଼ ହାତ ବଙ୍କା ହେଇଯାଉଛି ତ କିଏ ମୁକ ଓ ବଧିର ପାଲଟି ଯାଉଛି। ଏମିତିକି ଏହି ପଞ୍ଚାୟତରେ ଏକାଧିକ ଲୋକ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ଶଯ୍ୟାଶାୟୀ

**● ମିଲର ପ୍ରଦୂଷିତ ପାଣି ମିଶୁଛି ସୋନ ନଦୀରେ**

**● ବିଷାକ୍ତ ହେଲାଣି ମାଟି, ପାଣି, ପବନ**

**● ଲୋପ ପାଇଲାଣି ସୋନ ନଦୀ ପ୍ରସିଦ୍ଧ ମୁହାଣ ଇଲିସି ଓ ଗଙ୍ଗାହାର ଚିଙ୍ଗୁଡ଼ି**

ଅଛନ୍ତି। ଛୋଟ ଛୋଟ ପିଲା ମାନଙ୍କର ତ୍ରୁଟି ପାଚି ଯାଉଥିବା ବେଳେ ସେମାନେ ବିଭିନ୍ନ ପ୍ରକାର ଚର୍ମରୋଗର ଶିକାର ହେଉଛନ୍ତି ଓ ସେମାନଙ୍କର ଦାନ୍ତ ସବୁ ନଷ୍ଟ ହୋଇଯାଉଛି। ସବୁଠାରୁ ଗୁରତ୍ୱପୂର୍ଣ୍ଣ କଥା ହେଲା ଗର୍ଭବତୀ ମହିଳା ମାନେ ମଧ ଏଥିରୁ ବାଦ୍ ପଡ଼ିନାହାନ୍ତି। ଏହିଁ ଘଟଣାର ଜ୍ୱଳନ୍ତ ଉଦାହରଣ ହେଲେ ସ୍ଥାନୀୟ ନଈ ଗୋପାଳପୁର ଗ୍ରାମର ପ୍ରମୋଦ ପରିଡ଼ା (୨୮), ସୋମ ମହାନ୍ତି (୧୪), ଆରତୀ ପଟ୍ଟନାୟକ, ରାଜୁ ଦଳେଇ (୨୨), ପୁଷ୍ପଲତା ଦଳେଇ (୧୮) ପ୍ରମୁଖ। ଏହି ପ୍ରଦୂଷିତ ପାଣି ପ୍ରଭାବରେ ଲୋକ ମାନଙ୍କର ଜୀବନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଥିବା ବେଳେ ସରକାରୀ ସହାୟତା ନାମରେ ଏମାନଙ୍କୁ ମିଳୁଛି ବିକଳାଙ୍ଗ ଭତ୍ତା ଓ ମାସକୁ ୫କେଜି ଚାଉଳ। ଏହି ଲୋକମାନେ ସମ୍ପୂର୍ଣ୍ଣ ଭାବେ ପରିବାର ଲୋକ କିମ୍ବା ବାପା ମାଆଙ୍କ ଉପରେ ନିର୍ଭର ରହିଥିବା ବେଳେ ତାଙ୍କ ପରେ ତାଙ୍କ ପିଲା ମାନେ ଏହି ୫କେଜି ଚାଉଳରେ କେମିତି ଚଳିବେ ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଇମାମି କମ୍ପାନୀର ଏଭଳି ମନମୁଖୀ ଓ ବେପରୁଆ କାର୍ଯ୍ୟ ପାଇଁ ଅନେକ ଧନଜୀବନ ହାନି ହେଉଛି ଏବଂ ପରିବେଶ ମଧ ନଷ୍ଟ ହେଉଛି। ଆଗାମୀ ପିଢ଼ି ବିକଳାଙ୍ଗ ଓ ପଙ୍ଗୁ ହେଉଛନ୍ତି। ମାତ୍ର ଏଭଳି ସମ୍ବେଦନଶୀଳ ଘଟଣା ପ୍ରତି ନା କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ କେହିବି ଦାୟିତ୍ୱବାନ ନୁହନ୍ତି। ଏଭଳି ପ୍ରଣଘାତୀ କମ୍ପାନୀ ପ୍ରତି ପ୍ରଶାସନ ଏତେ ଉଦାସୀନ କାହିଁକି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଘଟଣା ସମ୍ପର୍କରେ ପ୍ରଦୂଷଣ ବିଭାଗର ଜିଲ୍ଲା ଅଧିକାରୀ ମନମୋହନ ମୂର୍ମୁଙ୍କୁ ପଚରା ଯିବାରୁ ଏହି ଅଞ୍ଚଳରେ ପ୍ରକୃତିଗତ ଭାବେ ଫ୍ଲୋରାଇଡ ରହିଥିବାରୁ ଲୋକ ମାନଙ୍କ ଭିତରେ ଏହି ସମସ୍ୟା ଦେଖା ଯାଉଥିବା ସେ କହିଥିବା ବେଳେ ଏହି ଫ୍ଲୋରାଇଡ ଇମାମିର ପ୍ରଦୂଷିତ ପାଣିରୁ ବାହାରୁଥିବା କଥାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ସେହିପରି ଇମାମିର ଏଜିଏମ୍ ମନୋଜ କୁମାର ପାଢ଼ୀଙ୍କୁ ପଚାରିବାରୁ ସମସ୍ତ ନିୟମକୁ ପାଳନ କରି କାର୍ଯ୍ୟ କରାଯାଉଛି ବୋଲି ସେ ସଫେଇ ଦେଇଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ରେମୁଣା,୨୩।୩ (ସମିସ): ରେମୁଣା ବ୍ଲକ ଅନ୍ତର୍ଗତ ସୁତେଇ ପଞ୍ଚାୟତରେ ମହାବୀର କ୍ରିକେଟ କ୍ଲବ ତରଫରୁ ସୁତେଇ ବଡଗାଁ ଚମ୍ପିୟନ ଟ୍ରଫି ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସିଣ୍ଡିକେଟ, ହାଇ ଭୋଲ୍ଟେଜ, ରୟାଲ ଚେଲେଞ୍ଜର ବଡଗାଁ ଏବଂ ମହାକାଳ ୱାରିଅର ଚାରିଗୋଟି ଟିମ ଅଂଶଗ୍ରହଣ କରିଛନ୍ତି। ଆଜି ସିଣ୍ଡିକେଟ ଓ ରୟାଲ ଚେଲେଞ୍ଜର ବଡଗାଁ ଏବଂ ହାଇ ଭୋଲ୍ଟେଜ ଓ ମହାକାଳ ୱାରିଅର ମଧ୍ୟରେ ଖେଳ ହୋଇଛି। ସମିତି ସଭ୍ୟ ଗିରିଶ ଚନ୍ଦ୍ର ଦଳେଇ, ନେତ୍ରାନନ୍ଦ ସାହୁ, ଶ୍ୟାମସୁନ୍ଦର ମହାନ୍ତି, ସୁତେଇ ନାଏବ ସରପଞ୍ଚ ସନ୍ତୋଷ ମହାନ୍ତି ଯୋଗଦେଇଥିଲେ। ଘନଶ୍ୟାମ ମହାନ୍ତି, ରାଜେଶ ମହାନ୍ତି, ଅଜୟ ଦାସ, ହରିଶ ଚନ୍ଦ୍ର ଦାସ, ରୂପକ ସ୍ୱାଇଁ, ଶାନ୍ତନୁ ସ୍ୱାଇଁ, ସୌମ୍ୟରଂଜନ ମହାନ୍ତି, ଓମ୍ ମହାନ୍ତି, ଅନନ୍ତ ଜେନା, ଗୌତମ ବେହେରା, ପରମାନନ୍ଦ ଦାସ, ସତ୍ୟଜିତ ସାହୁ, କିରଣ ମହାନ୍ତି ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗ୍ୟାସ୍ ଅଭାବରୁ ହୋଟେଲରେ କାଠ ଚୁଲି ରୋଷେଇ

ରେମୁଣା,୨୩।୩ (ସମିସ): ରେମୁଣା ଏନଏସି ଅନ୍ତର୍ଗତ ୧୧ନମ୍ବର ୱାର୍ଡ ରେମୁଣା ଗୋଲେଇ ସ୍ଥିତ ଗୀତାଞ୍ଜଳି ହୋଟେଲ ଏଣ୍ଡ ରେଷ୍ଟୁରାଣ୍ଟରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ହୋଟେଲରେ ଗ୍ୟାସ ନ ମିଳିବାରୁ କାଠ ଚୁଲିରେ ରୋଷେଇ କରୁଛନ୍ତି। ହୋଟେଲର ପ୍ରୋପାଇଟର ବିକ୍ରମ ପଣ୍ଡା କହିଛନ୍ତି ଯେ ସରକାର କହୁଛନ୍ତି ଡରିବାର ଆବଶ୍ୟକ ନାହିଁ ପର୍ଯ୍ୟାପ୍ତ ଗ୍ୟାସ ମହଜୁଦ ଅଛି,ଗ୍ୟାସ ଅଭାବ ହେବ ନାହିଁ, କିନ୍ତୁ ୨୫ ଦିନ ଯେଉ ଗ୍ୟାପ୍ ରଖିଛନ୍ତି ହୋଟେଲ ଗୁଡିକ ୨୫ ଦିନ ଧରି ଗ୍ୟାସ ପାଉନାହାନ୍ତି , ମଝିରେ ବୁକିଂ କରିଲା ବେଳକୁ ହେଉନାହିଁ । ଯେହେତୁ ଗ୍ୟାସ ମିଳୁନାହିଁ ବାଧ୍ୟହେଇ ଚୁଲି ଜାଳି ରୋଷେଇ କରାଯାଉଛି, ଯଦି କାଠ ଚୁଲିରେ ରୋଷେଇ ନ କରିବୁ ତାହେଲେ ହୋଟେଲ ବନ୍ଦ କରିବାକୁ ପଡିବ। ଗ୍ୟାସର ଅଭାବ ପାଇଁ ବହୁ ଜାଗାରେ ହୋଟେଲ ବନ୍ଦ କରିବାକୁ ବସିଲେଣି। ସେମାନେ ତାଙ୍କ ପରିବାରକୁ କେମିତି ପୋଷିବେ ଚିନ୍ତାର ବିଷୟ। ସରକାର ଗ୍ୟାସ୍ ସମସ୍ୟା ଦୂର କରିବାକୁ ସେ ଦାବି କରିଛନ୍ତି।



## ଦେଶୀ ରନ୍ଧାମଦ ଜବତ, ୩ ଗିରଫ

ଖଇରା,୨୩।୩ (ସମିସ): ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲଙ୍କ ନେତୃତ୍ୱରେ ଏକ ଟିମ ଖଇରା ଥାନା ଅଧୀନରେ ଆସୁଥିବା ସିଙ୍ଗିପୁର, ମୁସ୍ତଫାବାଦ,ରଟିଣା ଓ ନଛିପୁର ଗ୍ରାମରେ ଚଢାଉ କରାଯାଇ ୧୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ମାନେ ହେଲେ ରତ୍ନାକର ମହାରଣା,ସୁନା ନାଏକ ଓ ବାବୁ ସିଂ। ଜବତ ମଦର ଆନୁମାନିକ ମୂଲ୍ୟ ୩୦ହଜାର ହେବ ବୋଲି କୁହାଯାଉଛି।

## ଧ୍ୱଜା ପୂଜନ କାର୍ଯ୍ୟକ୍ରମ

ବାଲେଶ୍ୱର,୨୩।୩(ସମିସ): ବାଲେଶ୍ୱର ସହର ଉପକଣ୍ଠ କରଞ୍ଜିଆ ପଂଚାୟତର ଗାନ୍ଧୀନଗର ଠାରେ ମା' ଦୁର୍ଗାଙ୍କ ବାସନ୍ତୀକ ପୂଜା ଉତ୍ସବ ନିମନ୍ତେ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଂଚିଛି। ଏହି ପରିପ୍ରେକ୍ଷୀରେ ଗାନ୍ଧୀ ନଗର ସାର୍ବଜନୀନ ମା ବାସନ୍ତୀ ପୂଜା କମିଟି ପକ୍ଷରୁ ଧ୍ୱଜା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାମେଶ୍ୱର ମନ୍ଦିରରେ ଏହି ପୂଜନ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ସଭାପତି କରୁଣାକର ଲେଙ୍କା, ଉପସଭାପତି ସୁଖମୟ ଦାସ, ସାଧାରଣ ସମ୍ପାଦକ ହୃଦାନନ୍ଦ ନାୟକ, ସମ୍ପାଦକ ପଂଚାନନ ବାରିକ ପ୍ରମୁଖ ଯୋଗଦେଇଥିଲେ।

## ବସ୍ତା ଚଉଦ ମାଦଳ ନାମ ସଂକୀର୍ତ୍ତନ ଉପଲକ୍ଷେ କଳସ ଶୋଭାଯାତ୍ରା

ବସ୍ତା ବ୍ଲକ, ୨୩।୩ (ସମିସ): ବସ୍ତା ଈଶ୍ୱରବର୍ତ୍ତି ମନ୍ଦିର ପଡିଆରେ ସାର୍ବଜନୀନ ଚଉଦ ମାଦଳ ନାମସଂକୀର୍ତ୍ତନ ଶୁଭାରମ୍ଭ ହୋଇଛି। ୧୯ ବର୍ଷରେ ଏହି ଚଉଦ ମାଦଳ ସଂକୀର୍ତ୍ତନ ପଦାର୍ପଣ କରିଥିବା ବେଳେ ସୋମବାର ଡାକ୍ତର ଅରୁଣ କୁମାର ଭୂୟାଁ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଂକୀର୍ତ୍ତନ ପୂର୍ବରୁ ଘଟ ଉତ୍ତଳୋନ ଅବସର ରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଳକା ନଦୀରୁ ଘଟ ଉତ୍ତଳୋନ କରି ମହିଳା ମାନେ ଘଟ ନେଇ ହରିନାମ ସଂକୀର୍ତ୍ତନ କରି ବସ୍ତା ବଜାର ପରିକ୍ରମା କରି ମଣ୍ଡପ ନିକଟରେ ପହଞ୍ଚି ଥିଲେ। ଏହି ସଂକୀର୍ତ୍ତନ ଆସନ୍ତା ୨୬ରେ ଉଦଯାପନୀ ହେବାକୁ ଥିବା କମିଟି ପକ୍ଷରୁ କୁହା ଯାଇଛି। ଏହି କାର୍ଯ୍ୟକ୍ରମକୁ ଚଉଦ ମାଦଳ କମିଟି ର ସଭାପତି ଶଙ୍କର କୁମାର କର, ଉପସଭାପତି କୁମୁଦ ରଞ୍ଜନ ଗିରି, ସମ୍ପାଦକ ବାସୁଦେବ ବେହେରା, କୋଷାଧକ୍ଷ କେଶବ ଚନ୍ଦ୍ର ବେହେରା, ପ୍ରଦୀପ କୁମାର ପରିଡ଼ା, ପ୍ରକାଶ ମହାନ୍ତି, ପ୍ରଭାତ ସାହୁ, ଲକ୍ଷ୍ମୀ ନାରାୟଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀରାମ ନବମୀରେ ବିଶାଳ ପଦଯାତ୍ରା ପ୍ରସ୍ତୁତି

ବାଲେଶ୍ୱର,୨୩।୩ (ସମିସ): ପ୍ରତିବର୍ଷ ଭଳି ଶ୍ରୀରାମ ଚେତନା ଜାଗରଣ ସଂଘ ପକ୍ଷରୁ ଏବର୍ଷ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳନ ଅବସରରେ ହେବାକୁ ଥିବା ବିଶାଳ ପଦଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀରାମ ଚେତନା ଜାଗରଣ ସଂଘର କର୍ମକର୍ତ୍ତାମାନେ ଯୋଗଦେଇ ଶ୍ରୀରାମ ନବମୀ ଅବସରରେ ହେବାକୁ ଥିବା ବାଇକ୍ ରାଲି ଓ ବିଶାଳ ପଦଯାତ୍ରା ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଆସନ୍ତା ୨୫ତାରିଖରେ କଳସ ଶୋଭାଯାତ୍ରା ବାଲିଘାଟରୁ ବାହାରି ପରମିଟ ପଡ଼ିଆରେ ପହଞ୍ଚିବା ପରେ ଯଜ୍ଞ ସହିତ ଉତ୍ସବର ଆନୁଷ୍ଠାନିକ ଶୁଭାରମ୍ଭ ହେବ। ୨୬ ତାରିଖରେ ଶତାଧିକ ବାଇକ୍‌କୁ ନେଇ ଏକ ଶୋଭାଯାତ୍ରା ବାଲେଶ୍ୱର ସହର ସମେତ ସହର ତଳି ଅଂଚଳ ପରିକ୍ରମା କରିବ। ସେହିପରି ୨୭ ତାରିଖ ରବିବାର ଅପରାହ୍ନ ୩ଟା ସମୟରେ ବିଶାଳ ପଦଯାତ୍ରା ସ୍ଥାନୀୟ ପରମିଟ୍ ପଡ଼ିଆରୁ ବାହାରି ସହର ପରିକ୍ରମା ପୂର୍ବକ ପୁଣି ସେଇଠାରେ ପହଂଚିବ ବୋଲି ଶ୍ରୀରାମ ଚେତନା ଜାଗରଣ ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହି ପଦଯାତ୍ରାରେ ସହର ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଂଚଳରୁ ୫୦ ହଜାର ଶ୍ରଦ୍ଧାଳୁ ଯୋଗଦେବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

## ରାଇବଣିଆ ମଣ୍ଡଳ ସଭାପତିଙ୍କ ଘର ଭାଙ୍ଗିଲେ ଦୁର୍ବୃତ୍ତ

ଜଳେଶ୍ୱର ବ୍ଲକ, ୨୩।୩ (ସମିସ) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ୭ ନମ୍ବର ଜୋନ ରାଇବଣିଆ ବିଜେପି ମଣ୍ଡଳ ସଭାପତି ସଞ୍ଜୀବ କୁମାର ଜେନାଙ୍କ ଘରେ ଗତ କାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଆସି ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେବା ଓ ଘରର କବାଟ ଆଜବେଷ୍ଟସ ଭାଙ୍ଗି ଦେବା ସହିତ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇବାର ଉଦ୍ୟମ କରିଥିଲେ ବୋଲି ପରିବାର ପକ୍ଷରୁ ଆଜି ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରାଇବଣିଆ ପୁଲିସ ଅଧିକ ତଦନ୍ତ କରୁଛି।

## 'ଭଗତ ସିଂଙ୍କ ଆଦର୍ଶରେ ଅନୁଗାମୀ ହୁଅନ୍ତୁ ଯୁବସମାଜ'



ଜଳେଶ୍ୱର,୨୩।୩ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଅଗ୍ରୱାଲା ଠାରେ ଥିବା ଭଗତ୍ ସିଂଙ୍କ ସ୍ମୃତି କମିଟିର ଆନୁକୂଲ୍ୟରେ ଶହୀଦ ଦିବସ ପାଳନ ହୋଇଯାଇଛି। ପ୍ରଥମେ ଭଗତ୍ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସମାଜବାଦୀ ନେତା ଲକ୍ଷ୍ମଣନାଥ ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଭଗତ୍ ସିଂଙ୍କ ସହିତ ଆଜକୁ ୯୫ ବର୍ଷ ତଳେ ଲାହୋର ଜେଲରେ ଫାଶୀ ପାଇଥିବା ବିପ୍ଳବୀ ରାଜଗୁରୁ ଓ ଶୁକଦେବଙ୍କ ଆକ ବଳିଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ସାମ୍ରାଜ୍ୟବାଦ ବିରୋଧରେ ସ୍ୱର ଉତ୍ତୋଳନ, ବ୍ରିଟିଶ ଶାସନରୁ ଦେଶକୁ ମୁକ୍ତ ତଥା ସମାଜ ବ୍ୟବସ୍ଥାର ପରିବର୍ତ୍ତନର ସାଲିସ ବିହୀନ ସ୍ୱର ଥିଲେ ଭଗତ୍ ସିଂ। ଭଗତ୍ ସିଂଙ୍କ ଆଦର୍ଶରେ ଅନୁଗାମୀ ହେବା ପାଇଁ ଦେଶର ଯୁବ ସମାଜକୁ ଆହ୍ୱାନ ଦେଇଥିଲେ ବକ୍ତାମାନେ। କୃଷକ ନେତା ରବିନ୍ଦ୍ର ବାରିକଙ୍କ ଆହ୍ୱାନ କ୍ରମେ ଆୟୋଜିତ ସଭାରେ ବିଶିଷ୍ଟ ବାମପନ୍ଥୀ ନେତା ସୀତାଂଶୁ ସେନାପତି, ଦିଲ୍ଲୀପ ଗିରି, ସିପିଏମର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ ମିଶ୍ର, କମଳ ଚକ୍ରବର୍ତ୍ତୀ, ହେମନ୍ତ ଗିରି, ଚନ୍ଦନ କର, ମନୋରଞ୍ଜନ ଦାସ, ସୁଦାମ ପାତ୍ର, ଜୀବନ ପରିଡ଼ା, ରଞ୍ଜନ ଘୋଷ, ଗତିକୃଷ୍ଣ ଦଳେଇ, ନରେନ୍ଦ୍ର ସିଂ, ବିମଳ ଦାସ, ବିଜୟ ବେହେରା, ରମେଶ ଚନ୍ଦ୍ର ଦଳାଇ, ସୁଧୀର କୁମାର ଦାସ, ସତ୍ୟରଞ୍ଜନ ଜେନା, କାଳୀ କିଙ୍କର ଚନ୍ଦ, ଗୌରହରି ଦାସ, ଜ୍ଞାନେନ୍ଦ୍ର ଜେନା, କାହ୍ନୁ ଚରଣ ପ୍ରଧାନ, ଗୋପୀ ମିର୍ଦ୍ଧା, ଚନ୍ଦନ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## କଷାଫଳ କୁଞ୍ଜମେଳା ଉଦ୍‌ଘାଟିତ



ଲଙ୍ଗଳେଶ୍ୱର, ୨୩।୩ (ସମିସ) : ବାଲେଶ୍ୱର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତର ପୁରାତନ କୁଞ୍ଜ ମେଳା ରବିବାର ରାତିରେ ରଙ୍ଗାରଙ୍ଗ ସାଂସ୍କୃତିକ ପରିବେଶରେ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ସମାଜସେବୀ ମୁକୁନ୍ଦ ଆଦେକ ମଞ୍ଚ ସଞ୍ଚାଳନ କରିଥିଲେ। କୁଞ୍ଜ ମେଳାର ମୁଖ୍ୟ ସମାଜସେବୀ ବରୁଣ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ଅତିଥି ଭାବେ କଷାଫଳ ପଞ୍ଚାୟତର ସରପଞ୍ଚ ଜୟନ୍ତୀ ଆଦେକ, ସମିତି ସଭ୍ୟା ପ୍ରିୟଙ୍କା ଜେନା, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ସାମ୍ବାଦିକା ପ୍ରତିମା ଜେନା ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର, ନାଏବ ସରପଞ୍ଚ ପ୍ରିୟରଞ୍ଜନ ପୃଷ୍ଟି, ଶିତୀକଣ୍ଠ ପାଢ଼ୀ, ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ମେଳାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କବାଡି ଖେଳ, ଫୁଟ ବଲ ଭଳି ବିଭିନ୍ନ ପ୍ରକାରର ଖେଳ ଓ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ମେଳା ୧୦ ଦିନ ଧରି ବସିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ ଦିନବନ୍ଧୁ ମହାନ୍ତି, ଶ୍ରୀପତି ଗିରି,ଗୁରୁପଦ ଟୁଙ୍ଗ, ଗୁରୁପଦ ମଣ୍ଡଳ ପ୍ରମୁଖ ପରିଚାଳନା କରିଥିଲେ। ମା'' ଶିତଳା ଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଖଇରା,୨୩।୩ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୋର ପଞ୍ଚାୟତର ବାଇଟାଙ୍ଗୀ ଗ୍ରାମର ଗୌରାଙ୍ଗ ଜେନାଙ୍କ ଝିଅ ତପସ୍ୱିନୀ ଜେନା ନବୋଦୟ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ବେଳେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପତି ଓ ସମିତି ସଭ୍ୟା ଦମୟନ୍ତୀ ସିଂ ତାଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଅନାଦି ଧଡା, ଆଇନଜୀବୀ ପ୍ରହ୍ଲାଦ ପତି, ଗୌତମ ନାୟକ, ଗଙ୍ଗାଧର ନାୟକ, ଯଦୁନାଥ ସାମଲ, ଅନାଦି ମାଝି ପ୍ରମୁଖ ଉପସ୍ଥିତ ରହିବା ସହ ତପସ୍ୱିନୀଙ୍କ ପାଇଁ ନନ୍ଦୋର ପଞ୍ଚାୟତ ଗର୍ବିତ ବୋଲି ପ୍ରକାଶ କରିଥିଲେ।

## ଚଳିତବର୍ଷ 'କବିବର ରାଧାନାଥ ସାହିତ୍ୟ ସମ୍ମାନ' ପାଇବେ ନଟବର ଶତପଥୀ

ସୋର, ୨୩।୩ (ସମିସ): ଚଳିତ ବର୍ଷ କବିବର ରାଧାନାଥ ସାହିତ୍ୟ ସମ୍ମାନ ପାଇବେ ବିଶିଷ୍ଟ ପ୍ରାବନ୍ଧିକ ତଥା ସମାଲୋଚକ ପ୍ରଫେସର ଡ. ନଟବର ଶତପଥୀ। ଆସନ୍ତା ଏପ୍ରିଲ ମାସ ୨ରୁ ୪ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ସୋର ରାଧାନାଥ ସ୍ମୃତି ମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଥିବା ରାଧାନାଥ ଶ୍ରାଦ୍ଧାବାର୍ଷିକୀ ସାଂସ୍କୃତିକ ସମାରୋହର ପ୍ରଥମ ସଂଧ୍ୟା ଉଦ୍‌ଘାଟନୀ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ। ୩ ତାରିଖ ଦିନ ପୂର୍ବାହ୍ଣ ୧୦ଟାରେ ରାଧାନାଥ ସ୍ମୃତି ମଣ୍ଡପ ଠାରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବର ପ୍ରଥମ ପର୍ବରେ ବ୍ୟଙ୍ଗ କବିତା ପାଠ ଏବଂ ପରବର୍ତ୍ତୀ ନିମନ୍ତ୍ରିତ କବି ଏବଂ ଶେଷପର୍ବରେ ସ୍ଥାନୀୟ କବିମାନଙ୍କଦ୍ୱାରା କବିତା ପାଠ ଅନୁଷ୍ଠିତ ହେବ। ୪ ତାରିଖ ସଂଧ୍ୟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ପ୍ରତ୍ୟେକ ସଂଧ୍ୟା ସଭା ଶେଷରେ ସାଂସ୍କୃତିକ କାଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ରାଧାନାଥ ପାଠଗାରଠାରେ ସଭାପତି ପର୍ଶୁରାମ ଧଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସଂପର୍କରେ ସଂପାଦକ ଦାମୋଦର ଦାଶ ମହାପାତ୍ର ସୂଚନା ଦେଇଛନ୍ତି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର

ବାଲିଆପାଳ, ୨୩।୩ (ସମିସ)



ବାଲିଆପାଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲିଆପାଳ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୧୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୧୩ ଗୋଟି ବ୍ୟକ୍ତିଗତ ଏବଂ ୨ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ। ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଉପ ଜିଲ୍ଲାପାଳ ଶିବ ମାଲବ୍ୟ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଂଜୟ କୁମାର ରାଉତଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଇନଚାର୍ଜ ପ୍ରିତମ କୁମାର ସାହୁ ଙ୍କ ନାମରେ ଅଭିଯୋଗ ଆସିଥିଲା ଯେ ଡାକ୍ତରଖାନା ରେ ରୋଗୀ ନ ଦେଖି ପ୍ରଇଭେଟ କ୍ଲିନିକ ଖୋଲି ରୋଗୀ ଦେଖୁଛନ୍ତି, ବହୁ ଦିନ ଧରି ସରକାରୀ ଶିକ୍ଷକ, ଶିକ୍ଷୟତ୍ରୀଗୋଟିଏ ସ୍ଥାନ ରେ ଅଛନ୍ତି ସେହି ମାନଙ୍କୁ ଅନ୍ୟତ୍ର ବଦଳି କରାଯାଉ ବିଦ୍ୟାଳୟରେ ପିଲାମାନଙ୍କୁ ଟିକ ଭାବେ ପାଠ ପଢାଉ ନାହାନ୍ତି ସେମାନେ ସବୁ କୋଚିଂ ସେଣ୍ଟର, ଟିଉସନ ଖୋଲି ଶିକ୍ଷା କୁ ଏକ ବ୍ୟବସାୟରେ ପରିଗଣିତ କେଇଲେଣି, କୃଷି ଉଦ୍ୟାନବିଭାଗ(ହଟିକଲଚର) ଦ୍ୱାରା ବାଲିଆପାଳ ବ୍ଲକରେ ଛତୁ ଚାଷ ନାମରେ ବ୍ୟାପକ ଦୁର୍ନୀତି ହୋଇଛି କୃଷି ଉଦ୍ୟାନ ବିଭାଗ ର ଅଧିକାରୀ ଅଛନ୍ତି ଏହି ଭଳି ସ୍ଥାନ ରେ ଅଫିସ କାଯ୍ୟକରୁଅଛି ଯାହାକି ଅଧିକାଂଶ ଚାଷୀ ଜାଣିନାହାନ୍ତି ମାତ୍ର ରାଜ୍ୟ ସରକାର ଛତୁ ଚାଷର ବ୍ୟାପକ ପ୍ରସାର ପାଇଁ ଛତୁ ମିଶନ ଗଠନ କରି ଏସଏଚଜି ଗ୍ରୁପ ଦ୍ୱାରା କାଯ୍ୟ କରିବା ପାଇଁ ନିଷ୍ପତି ନେଇଥିବା ବେଳେ ତାହା ପ୍ରକୃତରେ କାଯ୍ୟ କରୁନାହିଁ, ବଲିଆପାଳ ବ୍ଲକ ଏବଂ ତହସିଲ ରେ ଖାଲି ପଡ଼ିଥିବା ପଦବୀ ଶ୍ରୀଘ୍ର ପୂରଣ କରାଯାଉ, ଦୀଘ୍ର ଦଶ ବର୍ଷରୁ ଅଧିକ ଦିନ ଧରି ଗୋଟିଏ ସ୍ଥାନ ରେ ରହିଥିବା କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରି ସରକାରୀ ନିୟମକୁ ସମ୍ମାନ ଦିଆଯାଉ, ଦୃନୀତି ଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରନ୍ତୁ ଏହା ବ୍ୟତୀତ ବିଦ୍ୟୁତ ବିଭ୍ରଟ ପାଇଁ ସରକାରୀ କାଯ୍ୟ ହୋଇପାରୁ ନଥିବାରୁ ଜଣ ସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି ସ୍ଥାନୀୟ ବିଦ୍ୟୁତବିଭାଗ ଉପରେ କୌଣସି ଅଧିକାରୀଙ୍କ ଅଙ୍କୁଶ ନାହିଁ ଓ ଶିଶୁ ବାଟିକା ଉପରେ ଅଭିଯୋଗ ଆସିଥିଲା। ଜିଲ୍ଲାପାଳ ସ୍ଥାନୀୟ ଅଞ୍ଚଳର କିଛି ଦିବ୍ୟାଙ୍ଗ ଲୋକମାନଙ୍କୁ ହୁଇଲ ଚେୟାର ବଣ୍ଟନ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ। ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ।

**ବୃଷ:** ଭାଇ ଭଉଣୀଙ୍କଠାରୁ ଉପହାର ମିଳିବ। ଧାର କରଜରୁ ଦୂରେଇ ରହିବେ। ଲେଖକ ଲେଖିକାଙ୍କୁ ସଫଳତା ମିଳିବ। ଖର୍ଚ୍ଚ ବୃଦ୍ଧି ପାଇବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**ମିଥୁନ:** ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ନୂଆ ଯୋଜନା ସହ କାର୍ଯ୍ୟ କରିବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ସଂଗୀତ କ୍ଷେତ୍ର ପ୍ରତି ରୁଚି ବଢ଼ିବ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ। କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ନୂଆ ପରିକଳ୍ପନା ସହ ବ୍ୟବସାୟ ଆରମ୍ଭ କରିବେ। ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମର ଉଚିତ ଫଳ ମିଳିବ। ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ହେବ। ଅଫିସ୍ କାର୍ଯ୍ୟରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୋଗ, ବ୍ୟାୟାମ ପ୍ରତି ଆଗ୍ରହ ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କଠିନ କାମକୁ ସଫଳତାପୂର୍ବକ ଶେଷ କରିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନ ସୁଖ ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିବେ।

**ବିଛା:** ଯାନବାହନ କିଣିବା ଯୋଗ ଅଛି। ସମାଜରେ ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ।

**ଧନୁ:** କର୍ମଚଞ୍ଚଳ ରହିବେ। ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ। ବୈବାହିକ ଜୀବନ ସୁଖମୟ ହେବ।

**ମକର:** ଧାର କରଜରୁ ଦୂରେଇ ରହିବେ। ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ଘରକୁ ଅତିଥିଙ୍କ ଆଗମନ ହେବ। ଦୀର୍ଘଦିନର କାମ ପୂରା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବେ। ସମସ୍ୟାରେ ପଡ଼ିବା ସମ୍ଭାବନା ଅଧିକ।

**ମୀନ:** ବ୍ୟବସାୟରେ ଉନ୍ନତି ହେବ। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିବେ। ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ। କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ।

## ଆଜିର ଐତିହ୍ୟ

- ୧୮୫୫- ପ୍ରଥମ ଥର ପାଇଁ କଲିକତାରୁ ଆଗ୍ରାକୁ ଟେଲିଗ୍ରାଫ ବାର୍ତ୍ତା ପ୍ରେରଣ କରାଗଲା।
- ୧୯୩୨- ଆମେରିକାରେ ପ୍ରଥମ ଥର ଚଳନ୍ତା ଟ୍ରେନ୍‌ରେ ରେଡିଓ ପ୍ରସାରଣ ଆରମ୍ଭ ହେଲା।
- ୧୯୪୬- ବ୍ରିଟିଶ୍ କ୍ୟାବିନେଟ୍ ମିଶନ ଭାରତରେ ପହଞ୍ଚିଲା।
- ୧୯୯୦- ଭାରତୀୟ ଶାନ୍ତିରକ୍ଷା ସେନା ଶ୍ରୀଲଙ୍କା ଛାଡ଼ି ସ୍ୱଦେଶ ଫେରିଲେ।



## ରୋମାଣ୍ଟିକ୍ ଫିଲ୍ମକୁ ଫେରିବେ ଶାହାରୁଖ୍

ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ୍ 'ଜୱାନ୍', 'ପଠାନ୍' ଓ 'କିଙ୍ଗ୍' ଫିଲ୍ମ ମାଧ୍ୟମରେ ନିଜକୁ ଜଣେ ଆକ୍ସନ୍ ହିରୋ ଭାବେ ପ୍ରମାଣିତ କରିଛନ୍ତି। ଶାହାରୁଖ୍ ଭବିଷ୍ୟତରେ ମଧ୍ୟ ଏଭଳି ଆକ୍ସନ୍ ଫିଲ୍ମରେ ନଜର ଆସନ୍ତୁ ବୋଲି ତାଙ୍କ ପ୍ରଶଂସକମାନେ ଚାହୁଁଛନ୍ତି। ହେଲେ ସେ ପୁଣି ଥରେ ଦର୍ଶକଙ୍କ ପାଇଁ ଏକ ରୋମାଣ୍ଟିକ୍ ଫିଲ୍ମ ନେଇ ଆସିବେ ବୋଲି ଜଣାପଡ଼ିଛି। ତେବେ ଏହି ଫିଲ୍ମରେ ସେ ପ୍ରାପ୍ତ ବୟସ୍କର ପ୍ରେମିକ ଭାବେ ନଜର ଆସିବେ। ଯଦି ଶାହାରୁଖ୍ ଏହି ଫିଲ୍ମରେ କାମ କରିବା ପାଇଁ ରାଜି ହୋଇ ଯାଉଛନ୍ତି ତେବେ ଏହାର ସୁଟିଂ ଆସନ୍ତା ଜାନୁଆରୀ କିମ୍ବା ଫେବୃଆରୀ ମାସରୁ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। କାରଣ ଶାହାରୁଖ୍ 'କିଙ୍ଗ୍' ରିଲିଜ୍ ନ ହେଲା ପର୍ଯ୍ୟନ୍ତ ଅନ୍ୟ କୌଣସି ଫିଲ୍ମରେ କାମ କରିବେ ନାହିଁ। 'କିଙ୍ଗ୍' ଆସନ୍ତା ଡିସେମ୍ବର ୨୪ରେ ପରଦାକୁ ଆସିବ। ସେହିଭଳି ଏହି ରୋମାଣ୍ଟିକ୍ ଫିଲ୍ମର ନିର୍ଦ୍ଦେଶନା କିମ୍ବା ପ୍ରଯୋଜନା ଦାୟିତ୍ୱରେ କିଏ ରହିବେ ତାହା ଗୋପନୀୟ ରଖାଯାଇଛି। ଏହାବାଦ୍ ଶାହାରୁଖ୍ ଫର୍‌ହା ଖାନ୍‌ଙ୍କ 'ମେଁ ହୁଁ ନା ୨'ରେ ମଧ୍ୟ ଅଭିନୟ କରିବା ପାଇଁ ରାଜି ହୋଇଯାଇଛନ୍ତି। ଏଥିରେ ସେ ଡବଲ ରୋଲରେ ନଜର ଆସିବେ। ଏବେ ଏହାର କାହାଣୀ ଲେଖା ଚାଲିଛି।



## ବିଶ୍ୱ ଯକ୍ଷ୍ମା ଦିବସ

ଯକ୍ଷ୍ମା ରୋଗର ନିରାକରଣ ନିମନ୍ତେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖକୁ ବିଶ୍ୱ ଯକ୍ଷ୍ମା ଦିବସ ଭାବେ ସାରା ବିଶ୍ୱରେ ପାଳନ କରାଯାଏ। ଏହା ଏକ ମାରାତ୍ମକ ରୋଗ ଭାବେ ବିବେଚନା କରାଯାଉଥିବା ବେଳେ ସଠିକ୍ ଉପଚାର ଓ ଔଷଧ ସେବନ ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିପାରିବ। ୧୮୮୨ ମସିହା ମାର୍ଚ୍ଚ ୨୪ରେ ବର୍ଲିନ୍‌ର ଡାକ୍ତର ରବର୍ଟ କୋଚ୍ ଦୀର୍ଘ ମାସ ଧରି ଗବେଷଣା କରିବା ପରେ ସେ ଯକ୍ଷ୍ମା ପାଇଁ ଦାୟୀ ଜୀବାଣୁକୁ ଚିହ୍ନଟ କରିଥିଲେ। ସେହି ଦିନଟିକୁ ସ୍ମରଣୀୟ କରିବାକୁ ଯାଇ ବିଶ୍ୱସ୍ତରରେ 'ଯକ୍ଷ୍ମା ଦିବସ' ପାଳନ କରାଯାଉଛି। ମାଇକ୍ରୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ନାମକ ଜୀବାଣୁ ଯୋଗୁଁ ଯକ୍ଷ୍ମା ରୋଗ ହୋଇଥାଏ। ସେଥିପାଇଁ ଇଂରାଜୀରେ ଏହାକୁ ଟିବି କୁହାଯାଏ। ଏହି ରୋଗ ବାୟୁ ମାଧ୍ୟମରେ ବ୍ୟାପିଥାଏ। କେହି କେହି ଏହାକୁ କ୍ଷୟ ରୋଗ କହିଥାନ୍ତି। ରୋଗୀ ସମ୍ପର୍କରେ ସୁସ୍ଥ ଲୋକଟିଏ ଆସିଲେ ମଧ୍ୟ ଏହି ରୋଗ ବ୍ୟାପିବାର ଆଶଙ୍କା ଥାଏ। ଅନ୍ୟାନ୍ୟ ରୋଗ ପରି ଯକ୍ଷ୍ମାର ଲକ୍ଷଣ ଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ରୋଗ ଚିହ୍ନଟ ହେବା କଷ୍ଟକର। ଯକ୍ଷ୍ମା ରୋଗରେ ଥକ୍କା, ଦୁର୍ବଳତା, ଓଜନ ହ୍ରାସ, ଉଚ୍ଚ ଜ୍ୱର, ଛାତି ଯନ୍ତ୍ରଣା, କ୍ରମାଗତ କାଶ, କାଶରେ ରକ୍ତ ପଡ଼ିବା ଆଦି ଲକ୍ଷଣ ଦେଖାଯାଏ। ଏସବୁ ସମସ୍ୟା ଦୀର୍ଘଦିନ ପର୍ଯ୍ୟନ୍ତ ଲାଗି ରହିଲେ ଏବଂ ସଠିକ୍ ସମୟରେ ଚିକିତ୍ସା କରା ନ ଗଲେ ରୋଗୀଟିର ମୃତ୍ୟୁ ଘଟେ। ଯକ୍ଷ୍ମା ସାଧାରଣତଃ ଫୁସ୍‌ଫୁସ୍‌କୁ ଆକ୍ରାନ୍ତ କରିଥାଏ। ମାତ୍ର ବେଳେବେଳେ ଏହା ଅନ୍ୟାନ୍ୟ ଅଙ୍ଗକୁ ମଧ୍ୟ ଆକ୍ରାନ୍ତ କରିବା ଆଶଙ୍କା ଥାଏ। ଏକ ରିପୋର୍ଟ ଅନୁସାରେ, ଯକ୍ଷ୍ମା ମହିଳାମାନଙ୍କ ପ୍ରଜନନ ଅଙ୍ଗକୁ ମଧ୍ୟ ଆକ୍ରନ୍ତ କରେ। ଏହା ଫଳରେ ପ୍ରଜନନ କ୍ଷମତା ହ୍ରାସପାଏ, ଯାହା ଏକ ପ୍ରମୁଖ ସମସ୍ୟା। ତେଣୁ ଲକ୍ଷଣ ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଜରୁରି। ଦିନ ଥିଲା ଯକ୍ଷ୍ମା ଏବଂ ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଥିଲା। ଏହାକୁ ଏକ ଜଟିଳ ଏବଂ ଦୂରାରୋଗ୍ୟ ବୋଲି ବିବେଚନା କରାଯାଉଥିଲା। ଏପରିକି ଅନେକ ସ୍ଥାନରେ ଯକ୍ଷ୍ମା ରୋଗୀଙ୍କୁ ଗ୍ରାମରୁ ବାସନ୍ଦ କରାଯାଉଥିଲା। ସଚେତନତା ମୂଳକ କାର୍ଯ୍ୟକ୍ରମ, ବିଜ୍ଞାପନ ମାଧ୍ୟମରେ ଏଦିଗରେ ଲୋକଙ୍କୁ ସଚେତନତା କରାଗଲା। ଅନ୍ୟ ରାଷ୍ଟ୍ର ତୁଳନାରେ ଭାରତରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ସବୁଠୁ ଅଧିକ। ଡଟ୍ସ ପରି ସଫଳ ଚିକିତ୍ସା ଯୋଗୁଁ ଏବେ ଟିବି ରୋଗରୁ ଆରୋଗ୍ୟ ସମ୍ଭବ ହୋଇଛି। ଅନ୍ୟପଟେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୩୫ ସୁଦ୍ଧା ସମସ୍ତ ଟିବି ରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବା ସହ ଆରୋଗ୍ୟ କରିବା ଲକ୍ଷ୍ୟ ରଖିଛି। ସଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଯକ୍ଷ୍ମା ସାଂଘାତିକ ହୋଇପାରେ। ତେଣୁ, ଲକ୍ଷଣ ଦେଖାଯିବା ମାତ୍ରେ ପରୀକ୍ଷା କରାଇ ନେବା ଆବଶ୍ୟକ। ଯକ୍ଷ୍ମା ବ୍ୟାପିବାକୁ ରୋକିବା ପାଇଁ ପ୍ରଥମେ ଏହାକୁ ଚିହ୍ନଟ କରିବା ଜରୁରୀ। ଲକ୍ଷଣ ଯେତେ ଶୀଘ୍ର ଚିହ୍ନଟ ହେବ, ରୋଗୀଙ୍କ ଚିକିତ୍ସା ସେତେ ସହଜ ହୋଇପାରିବ। ତେଣୁ ସଚେତନ ହୁଅନ୍ତୁ, ରୋଗରୁ ମୁକ୍ତ ରୁହନ୍ତୁ।

## ପରିବେଶ ଅନୁକୂଳ

## କ୍ଷୀରରୁ ତିଆରି ପ୍ଲାଷ୍ଟିକ୍!

ପ୍ଲାଷ୍ଟିକ୍‌ର ଅତ୍ୟଧିକ ବ୍ୟବହାର ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରୁଛି। ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ପଲିଥିନ୍, ପାଣି ବୋତଲ, ଓ ଖାଦ୍ୟ ପ୍ୟାକେଜିଂରେ ବହୁଳ ଭାବେ ବ୍ୟବହୃତ ହେଉଛି, ଯାହା ମାଟି ଓ ଜଳ ପ୍ରଦୂଷଣର ମୁଖ୍ୟ କାରଣ। ଏହାର କୁପ୍ରଭାବରୁ ରକ୍ଷା ପାଇବା ପାଇଁ ସରକାର ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଉପରେ କଟକଣା ଜାରି କରିଛନ୍ତି। ତଥାପି ପ୍ରତିବର୍ଷ ଲକ୍ଷ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ମାଟି ଏବଂ ସମୁଦ୍ରରେ ମିଶୁଛି। ଘାତକ ପ୍ଲାଷ୍ଟିକ୍ ଜଳ, ସ୍ଥଳ ଓ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ବିଗତ କିଛି ବର୍ଷ ହେଲାଣି ବୈଜ୍ଞାନିକମାନେ ପ୍ଲାଷ୍ଟିକ୍‌କୁ ପୂରାପୂରି ବନ୍ଦ କରିବାକୁ ଚେଷ୍ଟା କଲେ ମଧ୍ୟ ଏଥିରେ ସଫଳ ହୋଇ ନାହାନ୍ତି। ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବାକୁ ନିକଟରେ ବୈଜ୍ଞାନିକମାନେ କ୍ଷୀରରେ ଥିବା ପ୍ରୋଟିନ୍‌କୁ ବ୍ୟବହାର କରି ଏକ ସ୍ୱତନ୍ତ୍ର ଧରଣର ପ୍ଲାଷ୍ଟିକ୍ ତିଆରି କରିଛନ୍ତି। ଏହି ପ୍ଲାଷ୍ଟିକ୍ ବ୍ୟବହାର କରାଯିବାର ପାଖାପାଖି ୧୩ ସପ୍ତାହ ମଧ୍ୟରେ ମାଟିରେ ମିଶିପାରିବ। ଏହା ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ବନ୍ଦ କରିବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ ବୋଲି ବୈଜ୍ଞାନିକମାନେ ଆଶା ପ୍ରକଟ କରିଛନ୍ତି। ଏହି ପ୍ଲାଷ୍ଟିକ୍ ତିଆରି କରିବା ପାଇଁ ବୈଜ୍ଞାନିକମାନେ କ୍ଷୀରରେ ମହଜୁଦ ପ୍ରୋଟିନ୍‌ର ବ୍ୟବହାର କରିଛନ୍ତି। ଏଥିରେ ପ୍ରୋଟିନ୍‌କୁ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ମାଧ୍ୟମରେ ମଜଭୁତ ଓ ନମନୀୟ ଉପାଦାନରେ ପରିଣତ କରାଯାଇଛି। ଏହି ପ୍ଲାଷ୍ଟିକ୍‌କୁ ନିତିଦିନିଆ କାମରେ ବ୍ୟବହାର କରାଯାଇ ପାରିବ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହା ପରିବେଶ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ନାହିଁ। ସାଧାରଣ ପ୍ଲାଷ୍ଟିକ୍ ମାଟି ଓ ଜଳରେ ବର୍ଷ ବର୍ଷ ଧରି ପଡ଼ି ରହୁଥିବାବେଳେ ଏହା କିନ୍ତୁ ଶୀଘ୍ର ବିଘଟିତ ହୋଇଥାଏ। ପାଖାପାଖି ୧୩ ସପ୍ତାହ ପରେ ଏହା ପୂରାପୂରି ମାଟିରେ ମିଶିଯାଏ। ଏଥିରେ ପ୍ଲାଷ୍ଟିକ୍ ଆବର୍ଜନା ବହୁତ ମାତ୍ରାରେ କମ୍ କରାଯାଇ ପାରିବ। ଏହା ବେଶ୍ ସୁରକ୍ଷିତ ହୋଇଥିବାରୁ ଖାଦ୍ୟ ପଦାର୍ଥର ପ୍ୟାକେଜିଂ ପାଇଁ ଏହାକୁ ବ୍ୟବହାର କରାଯାଇ ପାରିବ। ଅନେକ ଦେଶ ଏବେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବନ୍ଦ କରିବା ପାଇଁ ଯୋଜନା କରୁଥିବାବେଳେ ଏଭଳି ପ୍ଲାଷ୍ଟିକ୍ ଏବେ ପରିବେଶ ପାଇଁ ଅନୁକୂଳ ସାବ୍ୟସ୍ତ ହୋଇଛି। ତେବେ ଏହାକୁ ବଡ଼ ସ୍ତରରେ ପ୍ରୟୋଗ କରାଯିବା ପୂର୍ବରୁ ଏବେ ଆହୁରି କିଛି ପରୀକ୍ଷା କରାଯିବ। ଯଦି ଏହା ସଫଳ ହୁଏ ତେବେ ଅନେକ ସାମଗ୍ରୀରେ ଏହି ପ୍ଲାଷ୍ଟିକ୍‌ର ବ୍ୟବହାର ଦେଖିବାକୁ ମିଳିବ। ତେବେ କ୍ଷୀରରୁ ପ୍ରସ୍ତୁତ ପ୍ଲାଷ୍ଟିକ୍ ଅନ୍ୟ ସାଧାରଣ ପ୍ଲାଷ୍ଟିକ୍‌ଠାରୁ ମହଙ୍ଗା ହେବ।



## ଅଦିନିଆ ବର୍ଷାରେ ଫସଲ ପରିଚାଳନା



**ଚାଷକାର୍ଯ୍ୟରେ ମୁଖ୍ୟ ସମସ୍ୟା ସୃଷ୍ଟି କରେ ଅଦିନିଆ ବର୍ଷା। ଅଦିନିଆ ବର୍ଷା ପରେ କିପରି ଫସଲ ପରିଚାଳନା କରିବେ ସେ ସମ୍ପର୍କରେ ଜାଣନ୍ତୁ...**

- ବିଲରେ ପାଣି ଜମି ରହିଥିଲେ ଜଳନିଷ୍କାସନର ବ୍ୟବସ୍ଥା କରନ୍ତୁ। ସାମୟିକ ଭାବେ ସାର ପ୍ରୟୋଗ, ଜଳସେଚନ ଓ ଔଷଧ ସିଞ୍ଚନ ସ୍ଥଗିତ ରଖନ୍ତୁ।
- ଅଣଜଳସେଚିତ ଜମିର ସ୍ଥିତି ଦେଖି ଏମ୍‌ବି ପ୍ଲାଓ ଲଗାଇ ଟ୍ରାକ୍ଟରରେ ଗଭୀର ଚାଷ କରନ୍ତୁ। ଅତ୍ୟଧିକ ପବନରୁ ରକ୍ଷା ପାଇବା ପାଇଁ କଖାରୁ ଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ।
- ପନିପରିବା ଫସଲରେ ବର୍ଷାଜଳର ସୁବିନିଯୋଗ ପାଇଁ ସୁବିଧା ଥିଲେ ପ୍ଲାଷ୍ଟିକ୍ ଆଚ୍ଛାଦନ କରନ୍ତୁ। ଫଳରେ ଘାସ ନିୟନ୍ତ୍ରଣ ହେବ ଓ ଜଳସେଚନର ଅନ୍ତର ଅବଧି ବଢ଼ିପାରିବ। ମାଟିର ସ୍ଥିତି ଦେଖି କୋଡ଼ାଖୁସା କରି ଘାସ ବାଛି ହୁଡ଼ା ଟେକି ଦିଅନ୍ତୁ। ନିର୍ଦ୍ଦିଷ୍ଟ ଅନ୍ତରରେ ଖତ ତଥା ଜୈବିକ ଖତ ଉପଯୋଗ କରିପାରିବେ।
- ଅମଳ ଯୋଗ୍ୟ ଟମାଟୋ ଶୀଘ୍ର ଅମଳ କରନ୍ତୁ ଏବଂ ବିକ୍ରୟ କରନ୍ତୁ। ବର୍ଷା ଯୋଗୁଁ ପୋଟଳ, କାକୁଡ଼ି, କଖାରୁ, ଜହ୍ନି ଆଦି ଲତାଜାତୀୟ ପନିପରିବା ଫସଲ ପ୍ରଭାବିତ ହୋଇଥିଲେ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ। ବର୍ଷା ପରେ ରଞ୍ଜା ଟ୍ରେଲି ଓଲଟି ପଡ଼ିଥିଲେ ସଳଖ କରିଦିଅନ୍ତୁ।




## ପିଆଜ ସାଇତିବାର ନୂଆ ବିକଳ୍ପ



ପିଆଜ ଉତ୍ପାଦନରେ ଭାରତ ବିଶ୍ୱର ଅନ୍ୟତମ ଅଗ୍ରଣୀ ଦେଶ। ଖରିଫ ଋତୁରେ ପିଆଜ ସଂରକ୍ଷଣର ଉଚିତ ବ୍ୟବସ୍ଥା ନ ହେଲେ ଚାଷୀ କ୍ଷତି ସହିଥାନ୍ତି। ଅତ୍ୟଧିକ ଆର୍ଦ୍ରତା, ପର୍ଯ୍ୟାପ୍ତ ବାୟୁଚଳାଚଳ ଏବଂ ପାରମ୍ପରିକ ସଂରକ୍ଷଣ ପଦ୍ଧତି ଥାଇ ମଧ୍ୟ ଅଧିକ ମାତ୍ରାର ପିଆଜ ସଡ଼ି ଯାଇଥାଏ। ଫଳରେ ଚାଷୀଙ୍କୁ ପିଆଜ ବିକ୍ରିରୁ ଠିକ୍ ଦାମ୍ ମିଳେନାହିଁ। ଏନେଇ ଉତ୍ତରପ୍ରଦେଶ ବାନ୍ଦା କୃଷି ବିଶ୍ୱବିଦ୍ୟାଳୟର ସହାୟକ ପ୍ରାଧ୍ୟାପକ ଅମିତ କୁମାର ସିଂହ କମ୍ ଖର୍ଚ୍ଚରେ ସ୍ୱତନ୍ତ୍ର ସଂରକ୍ଷଣ ମଡେଲ ବିକଶିତ କରିଛନ୍ତି। ଗ୍ରାମାଞ୍ଚଳର ଲୋକେ ବାଉଁଶ, କାଠ ଆଦିରୁ ଏହି ମଡେଲ ପ୍ରସ୍ତୁତ କରିପାରିବେ। ଏଥିପାଇଁ ୨୫,୦୦୦ରୁ ୪୦ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି ମଡେଲରେ ୧୦ ଟନ୍ ପିଆଜକୁ ୪ରୁ୫ମାସ ସାଇତା ରଖାଯାଇ ପାରିବ। ଏହାର ନିର୍ମାଣଶୈଳୀ, କୋଠରୀ ଭିତରକୁ ପ୍ରାକୃତିକ ବାୟୁ ଚଳାଚଳ କରାଏ। ଏହା ଦ୍ୱାରା ପିଆଜ ସୁରକ୍ଷିତ ରହିପାରେ। ଅମିତ କୁହନ୍ତି, ବିଶ୍ୱବିଦ୍ୟାଳୟରେ ପିଆଜର ୧୦ଟି କିସମ ଉପରେ ଗବେଷଣା ଚାଲିଛି। ପ୍ରତିକୂଳ ପରିସ୍ଥିତିରେ ପିଆଜକୁ ସାଇତି ରଖିବା ପାଇଁ ଏହି ମଡେଲ ବେଶ୍ ଗୁରୁତ୍ୱ ବହନ କରିବ। ବଜାରରେ ଉଚିତ ଦାମ ମିଳିପାରିବ।

## ଜମିରୁ ପଥର ଉଠାଇବ 'ଷ୍ଟୋନ୍ ପିକର୍'



ଅଧିକାଂଶ ଚାଷ ଜମିରେ ପଥର, ଇଟାଖଣ୍ଡ ପଡ଼ିଥାଏ। ପଥର ମାଟିରେ ବାୟୁଚଳାଚଳ ଏବଂ ପାଣିକୁ ରୋକିଥାଏ। ମାଟି ଟାଣ ହୋଇ ଚାଷ କାର୍ଯ୍ୟ ପ୍ରଭାବିତ ହୁଏ। ପଥର ଅମଳରେ ବାଧା ସୃଷ୍ଟି କରିବା ସହ କୃଷି ଯନ୍ତ୍ରପାତିକୁ ନଷ୍ଟ କରିଥାଏ। ଏଥିପାଇଁ ଚାଷୀ ଖର୍ଚ୍ଚାନ୍ତ ହୁଅନ୍ତି। ଏହି ସମସ୍ୟା ଦୂର କରିବା ପାଇଁ ଷ୍ଟୋନ୍ ପିକର୍ ମେସିନ ଅତ୍ୟନ୍ତ ଉପଯୋଗୀ। ଏହି ଅତ୍ୟାଧୁନିକ କୃଷି ଯନ୍ତ୍ର ଜମିରେ ପଥରକୁ ଉଠାଇଥାଏ। ଟ୍ରାକ୍ଟର ସହିତ ସଂଯୋଗ କରି ଏହି ମେସିନ୍ ଚଳାଯାଏ। ମେସିନ୍‌ରେ ଲାଗିଥିବା ସ୍ୱତନ୍ତ୍ର ବ୍ଲେଡ୍ ମାଟି ଉପରୁ ୫ରୁ ୧୫ ସେଣ୍ଟିମିଟର ଖୋଳି ସେଥିରୁ ପଥର ବାହାରକୁ କାଢ଼ିଥାଏ। ମେସିନ୍‌ର କନଭେୟର ବେଲ୍ଟ ମାଟି ଏବଂ ପଥରକୁ ଅଲଗା କରି ପଥରକୁ ବକ୍ସରେ ଜମା କରେ। ଏହି ମେସିନ୍ ଜମିକୁ ସଫା କରି ମାଟିକୁ ନରମ କରେ। ଗଛ ବୃଦ୍ଧିରେ ସହଜ ହୁଏ।

## କୁକୁଡ଼ା ଛୁଆଁର ଯତ୍ନ

**ଆମ ରାଜ୍ୟର ଅଧିକାଂଶ ଚାଷୀ କୁକୁଡ଼ା ପାଳନ କରି ଜୀବିକା ନିର୍ବାହ କରନ୍ତି। କୁକୁଡ଼ା ପାଳନରେ ଛୁଆଁଙ୍କ ଯତ୍ନ ନେବାର ଆବଶ୍ୟକତା ଅଧିକ ରହିଥାଏ। ତେଣୁ ଖରାଦିନେ କିପରି ଛୁଆଁଙ୍କ ଯତ୍ନ ନେବେ ଜାଣିବା..**



ଆମ ରାଜ୍ୟରେ ବ୍ରଏଲର କୁକୁଡ଼ା ଅଧିକ ଲୋକଙ୍କ ପସନ୍ଦ। ଏଥିପାଇଁ ବଜାର ଚାହିଦା ମଧ୍ୟ ରହିଛି। ଖରାଦିନେ ଛୁଆଁଙ୍କୁ ଲୁ ଏବଂ ତାପମାତ୍ରାରୁ ସୁରକ୍ଷା ଦେବାକୁ ଛାଇ ଏବଂ ବାୟୁଚଳାଚଳ ସ୍ଥାନରେ ରଖନ୍ତୁ। ଦିନରେ ୪ରୁ ୫ଥର ଥଣ୍ଡା ପାଣି ପିଇବା ପାଇଁ ଦେବା ଜରୁରି। ପାଣିକୁ ବାରମ୍ବାର ବଦଳାଇବେ। ଛୁଆଁଙ୍କୁ ଶକ୍ତି ଯୋଗାଇବା ପାଇଁ ଗ୍ଲୁକୋଜ ପାଣି ଦିଆଯାଏ। ଛୁଆଁଙ୍କୁ ସକାଳ ଏବଂ ସନ୍ଧ୍ୟାରେ ଦାନା ଦେବା ଆବଶ୍ୟକ। କୁକୁଡ଼ାଘର ଉପରେ ଝୋଟ ଏବଂ ଅଖା ବିଛାଇ ହାଲୁକା ପାଣି ସିଞ୍ଚି ପାରିବେ। ପିଇବା ପାଣିରେ ଇଲେକ୍ଟ୍ରୋଲାଇଟ୍‌ସ, ଭିଟାମିନ୍ ସି ଏବଂ ପ୍ରୋବାୟୋଟିକ୍ସ ମିଶାଇ ଦେବା ଆବଶ୍ୟକ। ଏହାବାଦ୍ ଛୁଆଁଙ୍କୁ କୃମିନାଶକ ଓ ବସନ୍ତ ଟିକା ଦେବାର ବନ୍ଦୋବସ୍ତ କରନ୍ତୁ। ଖରାଦିନେ କୁକୁଡ଼ା ଘରେ ଆଦୌ ଲାଇଟ୍ ଜଳାନ୍ତୁନି। ଛୁଆଁଙ୍କୁ ପୋଷକତତ୍ତ୍ୱ ଯୁକ୍ତ ଖାଦ୍ୟ ଖାଇବାକୁ ଦିଅନ୍ତୁ।

## ଉନ୍ନତ ଟମାଟୋ କିସମ

ଆମ ରାଜ୍ୟର ଅଧିକାଂଶ ଚାଷୀ ଟମାଟୋ ଚାଷ କରି ସ୍ୱାବଲମ୍ବୀ ହୋଇଥାନ୍ତି। ବର୍ତ୍ତମାନ ଖରାଟିଆ ଟମାଟୋ ଚାଷ କାର୍ଯ୍ୟ ପାଇଁ ସମୟ ଅନୁକୂଳ। ଏହି ଚାଷରେ ଉନ୍ନତ କିସମ ଚୟନ ଗୁରୁତ୍ୱ ବହନ କରେ। ଉନ୍ନତ କିସମ ମଧ୍ୟରେ ଅଭିନବ, ଟିଓ-୧୦୫୭, ଏନ୍‌ଏସ୍-୫୦୧, ଆୟୁଷ୍ମାନ, ଟିଓ-୬୨୪୨, ଅଂଶଳ କିସମ ବେଶ୍ ଲାଭକରୀ। ଏହା ୬୦ରୁ ୬୫ ଦିନରେ ଅମଳ ହୁଏ। ୧୦ ଗ୍ରାମ୍ ବିହନକୁ ୫୫୦ ଟଙ୍କା। ସେହିପରି ସଙ୍କର କିସମ ସାହୋ, ସକ୍ଷମ, ଅଭିଳାଷ, ୟୁଏସ୍-୪୪୦, ଶ୍ରେଷ୍ଠ, ସିକନ୍ଦର, ଏନ୍‌ଏସ୍-୫୮୫, ହିମସିଖର, ହେମସୋନା, ରୁବି ରେଡର ୧୦ ଗ୍ରାମ୍‌କୁ ୮୦୦ରୁ ୯୦୦ ଟଙ୍କା ହୋଇଥାଏ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଫସଲରେ ରୋଗ ଓ ପୋକର ଉପସ୍ଥିତିକୁ ନିୟମିତ ଯାଞ୍ଚ କରନ୍ତୁ।
- ବର୍ଷା ଛାଡ଼ିଯିବା ପରେ ମାଟିର ଆର୍ଦ୍ରତାକୁ ବିନିଯୋଗ କରି ଖରାଟିଆ କାକୁଡ଼ି ଓ କଖାରୁ ଜାତୀୟ ପନିପରିବା ବୁଣାବୁଣି ଆରମ୍ଭ କରନ୍ତୁ।
- ବର୍ଷା ପରେ ବାଇଗଣ ଫସଲରେ ଝାଉଁଳା ଓ ମୂଳସଢ଼ା ଦେଖାଦେଲେ ଶୁଖିଲା ପାଗ ଦେଖି ପ୍ରତି ଲିଟର ପାଣିରେ ୨ ଗ୍ରାମ ପ୍ଲାଣ୍ଟୋମାଇସିନ୍ ସହିତ ୧ ମିଲି ଟେବୁକୋନାଜୋଲ ମିଶାଇ ଗଛ ମୂଳ ଏବଂ ମାଟିକୁ ଭଲ ଭାବରେ ଭିଜାନ୍ତୁ।
- ତରଭୁଜ ଫସଲରେ ପତ୍ରଉକୁଣି ପୋକର ପରିଚାଳନା ପାଇଁ ଏକର ପ୍ରତି ୮ଟି ନୀଳ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ। ଶୁଖିଲା ପାଗ ଦେଖି ଏକର ପ୍ରତି ୪୦ ଗ୍ରାମ ଥିଆମିଥୋକ୍ସାମ କିମ୍ବା ୩୦୦ ମିଲି ଲାମ୍ବଡ଼ା ସାଇହାଲୋଥ୍ରିନ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଆମ୍ବ ବଗିଚାରେ ଫଳ ଝଡ଼ିବାକୁ ନିୟନ୍ତ୍ରଣ କରିବା ପାଇଁ ଶୁଖିଲା ପାଗ ଦେଖି ୨ ମିଲି ପ୍ଲାନୋଫିକ୍ସ ୨୦ ପିପିଏମ୍‌କୁ ୪.୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ପିମ୍ପିଜାତୀୟ ବା କବକ ଜନିତ ରୋଗର ନିୟନ୍ତ୍ରଣ ପାଇଁ ୫ ମିଲିଗ୍ରାମ କାରାଥେନକୁ ୧୦ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।

# ଆଇପିଏଲ୍-୧୯ : ନଜରରେ ନୂଆ ଖେଳାଳି

ନୂଆଦିଲ୍ଲୀ,୨୩।୩(ଏଜେନ୍ସି)

ଆଇପିଏଲ୍‌କୁ କୁହାଯାଏ ପ୍ରତିଭାବାନ ଖେଳାଳିଙ୍କ ସୁଯୋଗ କେନ୍ଦ୍ର। ଏଠାରେ ପ୍ରତିବର୍ଷ କିଛି ନ କିଛି ନୂଆ ଖେଳାଳି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାରେ ସମର୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ କେତେକ ତାରକାରେ ପରିଣତ ହୋଇଛନ୍ତି ତ ଆଉ କେତେକ ଟୁର୍ଣ୍ଣାମେଣ୍ଟର ଉଚ୍ଚସ୍ତରର ଖେଳ ଓ ଖ୍ୟାତିର ଉପଯୁକ୍ତ ମୁକାବିଲା କରି ନ ପାରି ଫ୍ଲପ୍ ହୋଇଯାଇଛନ୍ତି। ଏଥର ମଧ୍ୟ କିଛି ନୂଆ ଖେଳାଳି ସେମାନଙ୍କ ପ୍ରତିଭା ପ୍ରଦର୍ଶନ ଅପେକ୍ଷାରେ ରହିଛନ୍ତି। ଏଭଳି କିଛି ଖେଳାଳିଙ୍କ ସମ୍ପର୍କରେ ନିମ୍ନରେ ପ୍ରଦତ୍ତ କରାଗଲା।



### ଆକ୍ବିବ୍ ନବି-ଦିଲ୍ଲୀ କ୍ୟାପିଟାଲ୍ସ

ଜମ୍ମୁ-କଶ୍ମୀରର ଏହି ୨୯ ବର୍ଷୀୟ ଫାଷ୍ଟ ବୋଲର ଘରୋଇ କ୍ରିକେଟରେ ସର୍ବାଧିକ ୱିକେଟ ଅକ୍ତିଆର କରିଛନ୍ତି। ଉଭୟ ପଟୁ ସୁଇଂ କରିବାରେ ଦକ୍ଷତା ରଖିଥିବା ଏହି ଫାଷ୍ଟ ବୋଲରଙ୍କୁ ଭାରତର ପରବର୍ତ୍ତୀ ଟେଷ୍ଟ ଖେଳାଳି ଭାବେ ବିବେଚନା କରାଯାଉଛି। କିନ୍ତୁ ସୟଦ ମୁସ୍ତାକ ଅଲି ଟ୍ରଫିରେ ତାଙ୍କ ପ୍ରଦର୍ଶନ ଯୋଗୁଁ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସାମିଲ କରିଛି। ତାଙ୍କ ଯୋଗୁଁ ଜମ୍ମୁ-କଶ୍ମୀର ଏଥର ରଣଜୀ ଟ୍ରଫିରେ ଟାଇଟଲ୍ ବିଜୟୀ ହୋଇଛି ।



### ମଙ୍ଗେଶ ଯାଦବ-ଆର୍‌ସିବି

ଆଇପିଏଲ୍‌ରେ ପ୍ରତିଭା ଯୋଗାଇବାରେ ମଧ୍ୟପ୍ରଦେଶ ସବୁଠୁ ଆଗରେ। ଏଥରର ପାଳି ପଡ଼ିଛି ବାମହାତୀ ପେସ୍ ବୋଲର ମଙ୍ଗେଶ ଯାଦବଙ୍କର। ଯଶ ଦୟାଲଙ୍କ ସ୍ଥାନରେ ଆର୍‌ସିବି ତାଙ୍କୁ ଦଳରେ ନେଇଛି। ଘଣ୍ଟାପ୍ରତି ନିୟମିତ ଭାବେ ୧୪୦ କିଲୋମିଟରରୁ ଅଧିକ ବେଗରେ ବଲ ପକାଇ ସେ ନଜରକୁ ଆସିଥିଲେ। ଏହି ୨୩ ବର୍ଷୀୟ ଫାଷ୍ଟ ବୋଲର ଏମ୍‌ପି ଟି-୨୦ ଲିଗ୍‌ରେ ଇମର୍ଜିଂ ପ୍ଲେୟର ପୁରସ୍କାର ପାଇଥିଲେ। ଏମ୍‌ପି ସିନିୟର ଟିମ୍ ଲାଗି ଏମ୍‌ପି ଟି-୨୦ ଲିଗ୍‌ରେ ଖେଳିଥିବା ମଙ୍ଗେଶ ଏଥର ଚୂଡାନ୍ତ ଏକାଦଶରେ ଖେଳିବା ଏକପ୍ରକାର ନିଶ୍ଚିତ।



### ପ୍ରଶାନ୍ତ ବୀର-ସିଏସ୍‌କେ

ବଡ଼ ବଡ଼ ଛକା ମାରିବାର ଦକ୍ଷତା ଲାଗି ସାଙ୍ଗ ମହଲରେ 'ମିଲର' ଭାବେ ପରିଚିତ ଉତ୍ତରପ୍ରଦେଶର ପ୍ରଶାନ୍ତ ବୀରଙ୍କୁ ସିଏସ୍‌କେ ୧୪.୨ କୋଟି ଟଙ୍କାରେ ଦଳରେ ସାମିଲ କରିଛି। ଜଣେ ବିଗ୍ ହିଟର ସାଙ୍ଗକୁ ବାମହାତୀ ସ୍ପିନର ଭାବେ ରବୀନ୍ଦ୍ର ଜାଡେଜାଙ୍କ ସ୍ଥାନ ପୂରଣ କରିବାକୁ ସିଏସ୍‌କେ ତାଙ୍କୁ ଦଳରେ ନେଇଛି। ୨୦ ବର୍ଷୀୟ ପ୍ରଶାନ୍ତଙ୍କ ମତରେ ଜାଡେଜାଙ୍କ ସ୍ଥାନ ପୂରଣ କରିବା କଷ୍ଟକର। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟରେ ମୁଁ ମୋ ନିଜ ଖେଳ ଉପରେ ଭରସା ରଖିଛି।



### ଅଶୋକ ଶର୍ମା-ଗୁଜରାଟ ଟାଇଟନ୍ସ

ଘଣ୍ଟାପ୍ରତି ନିୟମିତ ଭାବେ ୧୫୦ କିଲୋମିଟରରୁ ଅଧିକ ଗତିରେ ବଲ ପକାଇ ରାଜସ୍ଥାନର ଏହି ଫାଷ୍ଟ ବୋଲର ଚହଳ ପକାଇଛନ୍ତି। ମୟଙ୍କ ଯାଦବଙ୍କ ପରେ ସେ ଦେଶର ଦ୍ରୁତତମ ବୋଲର ହେବାକୁ ଯାଉଛନ୍ତି। ୨୩ ବର୍ଷୀୟ ଏହି ଡାହାଣହାତୀ ଫାଷ୍ଟ ବୋଲର ସୟଦ ମୁସ୍ତାକ ଅଲି ଟି-୨୦ରେ ସର୍ବାଧିକ ୨୨ଟି ୱିକେଟ ନେଇ ନଜରକୁ ଆସିବା ପରେ ଗୁଜରାଟ ତାଙ୍କୁ ଦଳରେ ସାମିଲ କରିଛି।



### ଶିବାଙ୍ଗ କୁମାର-ସନ୍‌ରାଇଜର୍ସ

ଜଣେ ବାମହାତୀ ସ୍ପିନର ଓ ଭଲ ବ୍ୟାଟିଂ କରିପାରୁଥିବା ଏମ୍‌ପିର ଏହି ଅଲରାଉଣ୍ଡର ଏଥର ଆଇପିଏଲ୍‌ରେ ତାଙ୍କ ଯାଦୁକରୀ ବୋଲିଂ ପ୍ରଦର୍ଶନ କରିବେ। ସୟଦ ମୁସ୍ତାକ ଅଲିରେ ଜଣେ ହାର୍ଡ ହିଟର ଓ ବିଜୟ ହଜାରେ ଟ୍ରଫିରେ ଜଣେ ପ୍ରଭାବଶାଳୀ ବୋଲର ଭାବେ ପ୍ରତିଷ୍ଠା ଲାଭ କରିଛନ୍ତି। ସନ୍‌ରାଇଜର୍ସ ହାଇଦରାବାଦ୍ ତାଙ୍କୁ ଭଲ କାମରେ ଲଗାଇବ ବୋଲି ଆଶା କରାଯାଉଛି।



### କାର୍ତ୍ତିକ ଶର୍ମା-ସିଏସ୍‌କେ

ଜଣେ ଆକ୍ରମଣାତ୍ମକ ବ୍ୟାଟର ଭାବେ ରାଜସ୍ଥାନର ୧୯ ବର୍ଷୀୟ ୱିକେଟରକ୍ଷକ ବ୍ୟାଟର ଘରୋଇ କ୍ରିକେଟରେ ବେଶ ସଫଳ ହୋଇଛନ୍ତି। ଚେନ୍ନଇର ହାଇ ପରଫର୍ମାନ୍ସ ଏକାଡେମୀରେ ସେ କମାଲ ପ୍ରଦର୍ଶନ କରିଛନ୍ତି। ସୟଦ ମୁସ୍ତାକ ଅଲି ଟି-୨୦ରେ ସେ ୮୩ଟି ବଲ୍ ଖେଳିବାର ସୁଯୋଗ ପାଇଥିଲାବେଳେ ୧୧ଟି ଛକା ସହ ଦେଶର ପ୍ରତିଷ୍ଠିତ ସ୍ପିନରଙ୍କ ବଲ୍‌କୁ ପଡ଼ିଆ ବାହାରକୁ ପଠାଇ ପ୍ରଚଣ୍ଡ ପ୍ରତିଭା ପ୍ରଦର୍ଶନ କରିଛନ୍ତି।



### ମୁକୁଲ ଚୌଧୁରୀ-ଏଲଏସ୍‌ଜି

ରାଜସ୍ଥାନର ଏହି ବ୍ୟାଟରଙ୍କ ନିକଟରେ ପ୍ରଚଣ୍ଡ ପ୍ରତିଭା ରହିଛି ବୋଲି ଅଧିନାୟକ ଋଷଭ ପନ୍ତଙ୍କୁ କହିଛନ୍ତି ଏଲ୍‌ଏସ୍‌ଜି କୋଚ୍ ଜଷ୍ଟିନ୍ ଲାଙ୍ଗର। ୨୩ ବର୍ଷରୁ କମ୍ ବୟସ ବିଭାଗ ଟୁର୍ଣ୍ଣାମେଣ୍ଟରେ ସେ ୧୦୨.୮୩ ହାରରେ ୬୧୭ ରନ୍ କରି ନଜରକୁ ଆସିଥିଲେ। ଏପରିକି ସିନିୟର ଦଳରେ ମଧ୍ୟ ୱିକେଟରକ୍ଷକ କାର୍ତ୍ତିକ ଶର୍ମାଙ୍କ ସ୍ଥାନ ପୂରଣ କରିଥିଲେ। ତାଙ୍କ ଛକା ମାରିବା ଶୈଳୀ ବେଶ ରୋମାଞ୍ଚକର ବୋଲି କୁହାଯାଉଛି। ଚଳିତ ସଂସ୍କରଣରେ ଦ୍ରୁତତମ ବ୍ୟାଟର୍ ଭାବେ ରେକର୍ଡ କରିବେ ବୋଲି ଆଶା ରହିଛି ।

### ଆଲେନ୍, ଓଏନ, ଘଜନଫର

ବିଦେଶୀ ଖେଳାଳିଙ୍କ ମଧ୍ୟରେ କେକେଆର୍‌ର ବିସ୍ଫୋରକ ବ୍ୟାଟର ଫିନ୍ ଆଲେନ୍ (ନ୍ୟୁଜିଲାଣ୍ଡ) ଚଳିତ ଟି-୨୦ ବିଶ୍ୱକପ୍‌ରେ ଇଡେନ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ୩୩ ବଲ୍‌ରୁ ଶତକ ହାସଲ କରି ଭାରତରେ ଚମକ ଦେଖାଇନ୍ତି। ଏଥର ତାଙ୍କ ବ୍ୟାଟିଂ ଉପରେ ନଜର ରହିବ। ପଞ୍ଜାବ କିଙ୍ଗସରୁ ଖେଳୁଥିବା ଅଷ୍ଟ୍ରେଲୀୟ ଅଲରାଉଣ୍ଡର ଏଥର କମାଲ କରିବେ ବୋଲି ଆଶା ରହିଛି। ମିଷ୍ଟ୍ରି ସ୍ପିନର ଆଫଗାନିସ୍ତାନର ଅଲି ଘଜନଫରଙ୍କୁ ମୁମ୍ବଇ ଇଣ୍ଡିଆନ୍ସ ୨୦୨୬ରେ ବିସ୍ମୟ ଖେଳାଳିଭାବେ ଚମକିତ କରିବେ ବୋଲି ଆଶା କରାଯାଉଛି।

## ■ ମିଆମି ଓପନ୍‌ରେ ବିପର୍ଯ୍ୟୟ

# ଆଲ୍‌କାରାଜଙ୍କୁ ହରାଇଲେ ସେବାଷ୍ଟିଆନ୍



ଫ୍ଲୋରିଡା, ୨୩।୩ (ଏଜେନ୍ସି): ମିଆମି ଓପନ୍‌ର ୪୧ତମ ସଂସ୍କରଣରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ସୋମବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚରେ ବିଶ୍ୱର ଏକ ନମ୍ବର ଖେଳାଳି ଆଲ୍‌କାରାଜଙ୍କୁ ୩ୟ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହେବାକୁପଡ଼ିଛି। ବିଶ୍ୱ ମାନ୍ୟତାର ୩୬ତମ ସ୍ଥାନରେ ରହିଥିବା ଘରୋଇ ଆମେରିକାର ସେବାଷ୍ଟିଆନ କୋର୍ଡା ୬-୩, ୫-୭, ୬-୪ ସେଟରେ ଆଲ୍‌କାରାଜଙ୍କୁ ମାତ୍ ଦେଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଗତବର୍ଷ ଏଠାରେ ଆଲ୍‌କାରାଜ ଦ୍ୱିତୀୟ ରାଉଣ୍ଡରେ ବିଶ୍ୱ ମାନ୍ୟତାର ୫୫ତମ ସ୍ଥାନରେ ରହିଥିବା ବେଲ୍‌ଜିୟମର ଡେଭିଡ୍ ଗଫିନଙ୍କ ନିକଟରୁ ମଧ୍ୟ ହାରିଯାଇଥିଲେ। ଫଳରେ କ୍ରମାଗତ ଦୁଇଟି ସଂସ୍କରଣରେ ଆଲ୍‌କାରାଜଙ୍କୁ ଏଠାରେ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁପଡ଼ିଛି। ଚଳିତ ବର୍ଷ ପ୍ରାରମ୍ଭରେ ଆଲ୍‌କାରାଜ ତାଙ୍କର ୭ମ ଗ୍ରାଣ୍ଡସ୍ଲାମ ଟ୍ରଫି ଅଷ୍ଟ୍ରେଲିଆନ୍ ଓପନ୍‌ରେ ଜିତି ଅଭିଯାନ ଆରମ୍ଭ କରିଥିଲେ। କିନ୍ତୁ ଏହାପରେ ଇଣ୍ଡିଆନ୍ ୱେଲ୍ସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ଡାନିଲ ମେଡଭେଡେଭଙ୍କ ନିକଟରୁ ହାରିଯାଇଥିଲେ।

# କିଟ୍ ଓ ରାଉରକେଲାରେ ଆଇପିଏଲ୍ ଫ୍ୟାନ ପାର୍କ

ଭୁବନେଶ୍ୱର, ୨୩।୩ (ସମିସ): ଚଳିତ ମାସ ୨୮ ତାରିଖରୁ ଆଇପିଏଲ୍‌ର ୧୯ତମ ସଂସ୍କରଣ ଆରମ୍ଭ ହେବ। ବିସିସିଆଇ ପକ୍ଷରୁ ନିକଟରେ ପ୍ରଥମ ପର୍ଯ୍ୟାୟରେ ଖେଳାଯିବାକୁ ଥିବା ୨୦ଟି ମ୍ୟାଚର ଖେଳସୂଚୀ ଜାରି କରାଯାଇଛି। ପ୍ରଥମ ପର୍ଯ୍ୟାୟ ଲାଗି ଦେଶର ୧୧ଟି ରାଜ୍ୟର ୧୫ଟି ସହରରେ ଆଇପିଏଲ୍ ଫ୍ୟାନ ପାର୍କ ଆୟୋଜିତ କରାଯିବ। ଯେଉଁଠାରେ କ୍ରିକେଟ୍‌ପ୍ରେମୀ ବିନା ଟିକଟରେ ଷ୍ଟାଡିୟମରେ ମ୍ୟାଚ୍ ଦେଖିବା ଭଳି ଅନୁଭବ କରିବେ। ଏଥିରେ ଫୁଡ୍‌ପାର୍କ, ପିଲାଙ୍କ ଖେଳ ଜୋନ୍, ସଙ୍ଗୀତ କାର୍ଯ୍ୟକ୍ରମ ସାମିଲ ରହିବ। ଆଇପିଏଲ୍ ଫ୍ୟାନ ପାର୍କ ଆୟୋଜିତ ହେବାକୁ ଥିବା ୧୫ ସହର ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲା ସହର ରହିଛି। ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ପରିସରରେ ଏପ୍ରିଲ ୪ ଓ ୫ ତାରିଖରେ ଫ୍ୟାନ ପାର୍କ ଅନୁଷ୍ଠିତ ହେବ। ସେହିଭଳି ରାଉରକେଲାର ସେକ୍ଟର-୧୭ ଗ୍ରାଉଣ୍ଡରେ ଏପ୍ରିଲ ୧୧ ଓ ୧୨ ତାରିଖରେ ଫ୍ୟାନ ପାର୍କର ମଜା ଦର୍ଶକ ଉଠାଇବେ।

# ବିଦେଶୀ ଖେଳାଳି ପିଏସ୍‌ଏଲ୍‌ରୁ ଓହରିଯିବାକୁ ଧମକ

କରାଚି, ୨୩।୩ (ଏଜେନ୍ସି): ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍‌ରୁ ସମସ୍ତ ବିଦେଶୀ ଖେଳାଳିଙ୍କୁ ତୁରନ୍ତ ଓହରିଯିବାକୁ ଚେତାବନୀ ଦେଇଛି ପାକିସ୍ତାନର ଏକ ସଶସ୍ତ୍ର ଗୋଷ୍ଠୀ ତେହରିକ-ଏ-ତାଲିବାନ୍ ପାକିସ୍ତାନ (ଟିଟିପି)। ଏହା ହେଉଛି ଜମାତ-ଉଲ୍-ଆହରର ଏକ ଗୋଷ୍ଠୀ। ପାକିସ୍ତାନରେ ଅସ୍ଥିର ନିରାପତ୍ତା ପରିସ୍ଥିତି ରହିଛି ବୋଲି କହିବା ସହ ପାକିସ୍ତାନ ଶାନ୍ତିପୂର୍ଣ୍ଣ କ୍ରୀଡ଼ା କାର୍ଯ୍ୟକଳାପ ପାଇଁ ଅନୁପଯୁକ୍ତ ବୋଲି ଟିଟିପି କହିଛି। ପାକିସ୍ତାନର ଏକ ସଶସ୍ତ୍ର ବିରୋଧୀ ଗୋଷ୍ଠୀର ସିଧାସଳଖ ଚେତାବନୀ ପରେ ପାକିସ୍ତାନ ସୁପର ଲିଗ୍‌ର ୧୧ଶ ସଂସ୍କରଣର ଆୟୋଜନ ନେଇ ଆଶଙ୍କା ଦେଖାଦେଇଛି। ସଶସ୍ତ୍ର ଗୋଷ୍ଠୀର ଏପରି ଚେତାବନୀ ପରେ ଆୟୋଜକ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଚିନ୍ତାରେ ପଡ଼ିଯାଇଛି ଏବଂ ଏହାକୁ ନେଇ ଜରୁରୀ ବୈଠକ ଡକାଯାଇଛି। ମାର୍ଚ୍ଚ ୨୬ରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଭିନ୍ନ ଭିନ୍ନ କାରଣରୁ ୬ଟି ଭେନ୍ୟୁ ପରିବର୍ତ୍ତେ ବିନା ଦର୍ଶକରେ ୨ଟି ଷ୍ଟାଡିୟମରେ ଖେଳାଯିବାକୁ ସ୍ଥିର ହେବା ପରେ ଏହି ଧମକକୁ ନେଇ ବିଦେଶୀ ଖେଳାଳି ଚିନ୍ତାରେ ପଡ଼ିଛନ୍ତି। ଖାଇବର ପଖତୁନ୍‌ଖ୍ୱା ଓ ବେଲୁଚିସ୍ତାନ ଭଳି ଅଞ୍ଚଳର ଅଧିବାସୀ ଯେଉଁ ଯନ୍ତ୍ରଣା ଭୋଗୁଛନ୍ତି; ତା'କୁ ଉପେକ୍ଷା କରି ପିଏସ୍‌ଏଲ୍ ପରି ବ୍ୟୟବହୁଳ ଟି୨୦ ଲିଗ୍ ଆୟୋଜନ କରିବା ସେମାନଙ୍କ ପାଇଁ ଏକ ନିଷ୍ଠୁର ଉପହାସ। ପିସିବି ଏକ ଜାତୀୟ ସଂଗଠନ ଭାବେ ନିଜକୁ ଦର୍ଶାଉଛି। ହେଲେ ଦେଶର ଅଧିକାଂଶ ଅଞ୍ଚଳରେ ରକ୍ତପାତ ଚାଲିଛି। ଏପରି ସ୍ଥିତିରେ ପିଏସ୍‌ଏଲ୍ ଆୟୋଜନ କରି ପିସିବି ଉତ୍ସବମୁଖର ହେବା ପାକିସ୍ତାନର ବ୍ୟବସ୍ଥା ଦ୍ୱାରା ଅତ୍ୟାଚାର ସହୁଥିବା ଲୋକଙ୍କ କ୍ଷତରେ ଲୁଣ ବୋଳିବା ସହ ସମାନ। ବିଦେଶୀ ଖେଳାଳିଙ୍କୁ ସିଧାସଳଖ ମନସୁର କହିଛନ୍ତି, ଆମେ ପିଏସ୍‌ଏଲ୍‌ର ସମସ୍ତ ଖେଳାଳି; ବିଶେଷକରି ବିଦେଶୀ ଖେଳାଳିଙ୍କୁ ଏକ ସ୍ପଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେବାକୁ ଚାହୁଁଛୁ। ବର୍ତ୍ତମାନ ପାକିସ୍ତାନର ଆଭ୍ୟନ୍ତରୀଣ ସୁରକ୍ଷା ଓ ରାଜନୈତିକ ଦୃଶ୍ୟପଟ ଅସ୍ଥିର ଓ ଅନିଶ୍ଚିତ। ଦେଶର ବେଶ୍ କିଛି ଅଞ୍ଚଳରେ ସାମରିକ ଅଭିଯାନ ଓ ନାଗରିକଙ୍କ ନିରାପତ୍ତା ନିଶ୍ଚିତ ନୁହେଁ; ସେହି ଦେଶରେ ବିଦେଶୀ ଖେଳାଳିଙ୍କ ନିରାପତ୍ତାର ଗ୍ୟାରେଣ୍ଟି ଦେଇ ହେବନାହିଁ। ଏପରି ସ୍ଥିତିକୁ ଦେଖି ଆମେ ଦୃଢ଼ଭାବେ ବିଦେଶୀ ଖେଳାଳିଙ୍କୁ ଅପିଲ କରୁଛୁ ଯେ ବ୍ୟକ୍ତିଗତ ନିରାପତ୍ତାକୁ ପ୍ରାଥମିକତା ଦେଇ ତୁରନ୍ତ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଆନ୍ତୁ।

# ପୂର୍ବତନ କ୍ରୀଡ଼ାବିତ୍ ଏଏନ୍ ମିତ୍ରଙ୍କ ପରଲୋକ



ଭୁବନେଶ୍ୱର,୨୩।୩(ସମିସ): ଓଡ଼ିଶାର ପୂର୍ବତନ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶାସକ ଓ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ଅରବିନ୍ଦନାଥ ମିତ୍ରଙ୍କ ହୃଦ୍‌ଘାତରେ ରବିବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୭ବର୍ଷ ହୋଇଥିଲା। ରବିବାର ରାତି ୭ଟା୩୦ରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ଚିକିତ୍ସା ଲାଗି ମେଡିକାଲ ନିଆଯାଇଥିଲା। ସେଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଫୁଟବଲ ଓ ଆଥଲେଟିକ୍ସରେ ସେ ଅନେକଥର ରାଜ୍ୟଦଳକୁ ପ୍ରତିନିଧିତ୍ୱ କରିଥିଲେ। ଖୋର୍ଦ୍ଧାର ମୂଳକ ବାସିନ୍ଦା ଶ୍ରୀ ମିତ୍ର ଜଣେ ପୁଲିସ୍ ଅଧିକାରୀ ଭାବେ ପୁଲିସ୍ ଟ୍ରାଫିକ୍ ଟ୍ରେନିଂ କଲେଜ୍‌ରୁ ଅବସର ନେଇଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗରେ ଡେପୁଟି ଡାଇରେକ୍ଟର, ପିଏନ୍ କଲେଜ୍‌ର ସଭାପତି ଥିଲେ। ତାଙ୍କ ତତ୍ତ୍ୱାବଧାନରେ ଅନେକ ଖେଳାଳି ପୁଲିସ୍ ବିଭାଗରେ ଚାକିରି ପାଇଥିଲେ। ତାଙ୍କ ମୃତ୍ୟୁରେ ଉଭୟ ପୁଲିସ୍ ଓ କ୍ରୀଡା ଜଗତରେ ଶୋକର ଛାୟା ଖେଳିଯାଇଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ବିଧାୟକ ତଥା ସାନଭାଇ ଜିତୁ ମିଶ୍ର, ସମବାୟବିତ୍ ବିମଳଚନ୍ଦ୍ର ଷଡଙ୍ଗୀ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଶାହିବଜାଦ୍, ଅରୁନ୍ଧତୀ ଫେବୃଆରୀର ଶ୍ରେଷ୍ଠ କ୍ରିକେଟର୍

ଦୁବାଇ, ୨୩।୩ (ଏଜେନ୍ସି): ପାକିସ୍ତାନ ବ୍ୟାଟର୍ ଶାହିବଜାଦ ଫରହାନ ଫେବୃଆରୀ ମାସ ଲାଗି ଆଇସିସିର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ପୁରସ୍କାର ଟ୍ରଫି ଜିତିଛନ୍ତି। ଗତ ଦେଢ଼ବର୍ଷ ମଧ୍ୟରେ ହାରିସ ରୌଫଙ୍କ ପରେ ପ୍ରଥମ ପାକିସ୍ତାନ କ୍ରିକେଟର୍ ଭାବେ ଶାହିବଜାଦ ଏହି ସମ୍ମାନଜନକ ପୁରସ୍କାର ବିଜୟୀ ହୋଇଛନ୍ତି। ଗତ ଆଇସିସି ଟି-୨୦ ବିଶ୍ୱକପରେ ଶାହିବଜାଦ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ବିଶ୍ୱକପ୍‌ରେ ସେ ଟପ୍ ସ୍କୋରର ରହିଥିଲେ। ପାକିସ୍ତାନ ସେମିଫାଇନାଲକୁ ପ୍ରବେଶ କରି ପାରି ନ ଥିଲେ ମଧ୍ୟ ଶାହିବଜାଦ ବିଶ୍ୱକପରେ ୭ ମ୍ୟାଚର ୬ ଇନିଂସରୁ ୩୮୩ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ଗ୍ରୁପ୍ ପର୍ଯ୍ୟାୟରେ ନାମିବ୍ୟା ବିପକ୍ଷରେ ୧୦୦ ରନର ଏକ ଅପରାଜିତ ଶତକୀୟ ପାଳି ସାମିଲ ରହିଛି। ଅପରପକ୍ଷରେ ଭାରତର ଦ୍ରୁତ ବୋଲର ଅରୁନ୍ଧତୀ ରେଡ୍ଡୀ ଫେବୃଆରୀ ମାସ ଲାଗି ଆଇସିସିର ଶ୍ରେଷ୍ଠ ମହିଳା କ୍ରିକେଟର୍ ପୁରସ୍କାର ବିଜୟୀ ହୋଇଛନ୍ତି। ଅଷ୍ଟ୍ରେଲିଆ ମହିଳା ଦଳ ବିପକ୍ଷରେ ସ୍ମରଣୀୟ ଟି-୨୦ ସିରିଜ ବିଜୟରେ ଅରୁନ୍ଧତୀ ଦମ୍‌ଦାର ପ୍ରଦର୍ଶନ କରି ୩ଟି ମ୍ୟାଚରୁ ୮ଟି ୱିକେଟ୍ ନେଇଥିଲେ।

# ଷ୍ଟାର୍କଙ୍କୁ ଏନ୍‌ଓସି ଦେଉନାହିଁ କ୍ରିକେଟ୍ ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି): ଆସନ୍ତା ୨୮ରୁ ଆଇପିଏଲ୍‌ର ୧୯ତମ ସଂସ୍କରଣ ଆରମ୍ଭ ହେଉଛି। ହେଲେ ଦିଲ୍ଲୀ କ୍ୟାପିଟାଲ୍‌ସର ପ୍ରମୁଖ ଫାଷ୍ଟବୋଲର ମିଚେଲ ଷ୍ଟାର୍କ ଅଦ୍ୟାବଧି ଭାରତରେ ପହଞ୍ଚି ନାହାନ୍ତି। ଫଳରେ ୩୬ ବର୍ଷ ବୟସ୍କ ଏହି ବାମହାତି ଫାଷ୍ଟବୋଲର ଆଇପିଏଲ୍‌ର ପ୍ରଥମ କିଛି ମ୍ୟାଚ୍ ଖେଳିପାରିବେ ନାହିଁ। ସୋମବାର ଦିଲ୍ଲୀ କ୍ୟାପିଟାଲ୍‌ସର ମୁଖ୍ୟ ପ୍ରଶିକ୍ଷକ ହେମାଙ୍ଗ ବଦାନି କହିଛନ୍ତି, ଯେତେ ଶୀଘ୍ର କ୍ରିକେଟ୍ ଅଷ୍ଟ୍ରେଲିଆ ମିଚେଲ ଷ୍ଟାର୍କଙ୍କୁ ଅନାପତ୍ତି ପତ୍ର ବା ଏନ୍‌ଓସି ଦେବ; ସେତେ ଶୀଘ୍ର ଏହି ଫାଷ୍ଟବୋଲର ଭାରତ ଆସି ଆମ ଦଳରେ ଯୋଗଦେବେ। ଯେପର୍ଯ୍ୟନ୍ତ କ୍ରିକେଟ୍ ଅଷ୍ଟ୍ରେଲିଆ ଲିଖିତ ଭାବେ ନ ଦେବ ଯେ ଷ୍ଟାର୍କ ମ୍ୟାଚ୍ ଖେଳିବା ପାଇଁ ଫ୍ରାଞ୍ଚାଇଜି କିଛି କରିପାରିବ ନାହିଁ। ଦଳର ଅନ୍ୟ ଦୁଇ ଫାଷ୍ଟବୋଲର ପ୍ୟାଟ୍ କମିନ୍‌ସ ଓ ଜୋସ୍ ହାଜେଲ୍‌ଉଡ୍ ଆହତ ହେବା ପରେ କ୍ରିକେଟ୍ ଅଷ୍ଟ୍ରେଲିଆ ଅଧିକ ସତର୍କ ହୋଇପଡ଼ିଛି। ଉପରୋକ୍ତ ଦୁଇ ପେସ୍ ବୋଲର ଆହତ ଥିବାରୁ ଟ୍ୱେଣ୍ଟି୨୦ ବିଶ୍ୱକପ୍ ଖେଳି ପାରିନଥିଲେ। ଫଳରେ ଅଷ୍ଟ୍ରେଲିଆ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇ ପାରିନଥିଲା। ତେଣୁ ମିଚେଲ ଷ୍ଟାର୍କଙ୍କ କାର୍ଯ୍ୟଭାର ଉପରେ କ୍ରିକେଟ୍ ଅଷ୍ଟ୍ରେଲିଆ ତୀକ୍ଷ୍ଣ ନଜର ରଖିଛି। ପ୍ୟାଟ୍ କମିନ୍‌ସ (ସନ୍‌ରାଇଜର୍ସ ହାଇଦରାବାଦ) ଓ ଜୋସ୍ ହାଜେଲ୍‌ଉଡ୍ (ଚେନ୍ନଇ ସୁପର କିଙ୍ଗ୍‌ସ) ମଧ୍ୟ ଆଇପିଏଲ୍ ଆରମ୍ଭରୁ ଖେଳିବେ ନାହିଁ।

# ହକି ଇଣ୍ଡିଆ ପୁରସ୍କାର ଦୌଡ଼ରେ ଓଡ଼ିଶାରୁ ୪

ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି): ବର୍ଷ ୨୦୨୫ ଲାଗି ହକି ଇଣ୍ଡିଆ ପକ୍ଷରୁ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯିବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ସଂକ୍ଷିପ୍ତ ତାଲିକା ଜାରି କରାଯାଇଛି। ଆଠଟି ବର୍ଗରେ ମୋଟ୍ ୩୨ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୪ଜଣ ହକି ତାରକା ପୁରସ୍କାର ଦୌଡ଼ରେ ରହିଛନ୍ତି। ଶ୍ରେଷ୍ଠ ଡିଫେଣ୍ଡର ତଥା ପ୍ରଗତ ସିଂହ ପୁରସ୍କାରର ସଂକ୍ଷିପ୍ତ ତାଲିକାରେ ଓଡ଼ିଶାର ଅମିତ୍ ରୋହିଦାସଙ୍କ ସମେତ ସଞ୍ଜୟ, ଜୁଗରାଜ ସିଂହ ଓ ଜାତୀୟ ଦଳର ଅଧିନାୟକ ହରମନପ୍ରୀତ୍ ସିଂହ ରହିଛନ୍ତି। ସେହିଭଳି ଶ୍ରେଷ୍ଠ ଫରୱାର୍ଡ ତଥା ଧନରାଜ ପିଲ୍ଲେ ଟ୍ରଫି ଦୌଡ଼ରେ ଓଡ଼ିଶାର ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ଏହି ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ସୁଖଜିତ୍ ସିଂହ, ଅଭିଷେକ, ନବନୀତ କୌର ରହିଛନ୍ତି। ଶ୍ରେଷ୍ଠ ଉଦୀୟମାନ ମହିଳା ଖେଳାଳି (୨୧ ବର୍ଷରୁ କମ୍) ମନୋନୀତ ସଂକ୍ଷିପ୍ତ ତାଲିକାରେ ଓଡ଼ିଶାର ସୁନେଲିତା ଟପ୍ପୋଙ୍କ ସମେତ ୩ଜଣ ସ୍ଥାନ ପାଇଛନ୍ତି। ସେହିଭଳି ପୁରୁଷ ବର୍ଗରେ ଅନମୋଲ୍ ଏକ୍କା, ମନମିତ୍ ସିଂହ, ଅର୍ଶଦୀପ୍ ସିଂହ ଓ ପ୍ରିନ୍ସଦୀପ୍ ସିଂହ ରହିଛନ୍ତି। ଅପରପକ୍ଷରେ କ୍ରିଷନ ବାହାଦୂର ପାଠକ, ସୂରଜ କେରକେଟା, ବିଚ୍ଛୁଦେବୀ ଖାରିବାମ ଓ ପ୍ରିନ୍ସଦୀପ ଶ୍ରେଷ୍ଠ ଗୋଲ୍‌କିପର (ବଲ୍‌ଜିତ୍ ସିଂହ ପୁରସ୍କାର) ତାଲିକାରେ ରହିଛନ୍ତି। ଆସନ୍ତା ଶୁକ୍ରବାର ହକି ଇଣ୍ଡିଆ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରତିବର୍ଗର ବିଜୟୀ ଖେଳାଳିଙ୍କୁ ପୁରସ୍କୃତ କରାଯିବ।

# ପଦ୍ମିନୀଙ୍କୁ ଜାତୀୟ ମହିଳା ଟିମ୍ ଚେସ୍ ଟାଇଟଲ



ଭୁବନେଶ୍ୱର,୨୩।୩(ସମିସ): ଓଡ଼ିଶାର ଚେସ୍ ତାରକା ପଦ୍ମିନୀ ରାଉତ ୨୩ତମ ଜାତୀୟ ମହିଳା ଟିମ୍ ଚେସ ଟାଇଟଲ ବିଜୟୀ ହୋଇଛନ୍ତି। ରାୟପୁରରେ ଗତକାଲି ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଥିଲା। ଏଥିରେ ପେଟ୍ରୋଲିୟମ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ପିଏସ୍‌ପିବି) ଚାମ୍ପିଅନ, ଏୟାରପୋର୍ଟ ଅଥରିଟି ରନର୍ସଅପ୍ ଓ ପଶ୍ଚିମବଙ୍ଗ ତୃତୀୟ ସ୍ଥାନ ଅଧିକାର କରିଥିଲା। ପୁରୁଷ ଅନ୍ତର୍ଜାତୀୟ ମାଷ୍ଟର ତଥା ମହିଳା ଗ୍ରାଣ୍ଡମାଷ୍ଟର ପଦ୍ମିନୀଙ୍କ ସହ ମହିଳା ଗ୍ରାଣ୍ଡମାଷ୍ଟର ମେରୀ ଆନ୍ନ ଗୋମ୍ସ, ନିଶା ମୋହୋତା, ଆର୍ଶିଆ ଦାସ, ପ୍ରିଶିତା ଗୁପ୍ତା ପିଏସ୍‌ପିବିକୁ ପ୍ରତିନିଧିତ୍ୱ କରିଥିଲେ। ପଦ୍ମିନୀଙ୍କ ଉଜ୍ଜ୍ୱଳ କ୍ୟାରିୟରରେ ଏହା ଆଉ ଏକ ସଫଳତାର ଅଧ୍ୟାୟ ଯୋଡିହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସେ ୬ ରାଉଣ୍ଡ ମୁକାବିଲାରେ ୪.୫ ପଏଣ୍ଟ ପାଇଥିଲେ। ଏହା ମଧ୍ୟରୁ ୪ଟି ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସାମିଲ ରହିଛି।

# ଆଜିଠୁ କଳିଙ୍ଗରେ ଭାରତର ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ସ

ଭୁବନେଶ୍ୱର, ୨୩।୩ (ସମିସ)



ଭାରତର ସର୍ବପ୍ରଥମ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ମଙ୍ଗଳବାରଠାରୁ ଭୁବନେଶ୍ୱରର ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଯାଉଛି। କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଦକ୍ଷିଣ ଏସିଆ ମହାଦେଶର ଏକମାତ୍ର ଇନଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଏହି ଦୁଇଦିନିଆ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ମେଗା ଇଭେଣ୍ଟ ୨୦୨୮ ବିଶ୍ୱ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଆୟୋଜନର ପ୍ରସ୍ତୁତି ଦିଗରେ କଳିଙ୍ଗ ପାଦେ ଅଗ୍ରସର ହେବ। କାହିଁକି ନା ଆଉ ଦୁଇବର୍ଷ ପରେ (୨୦୨୮ ମାର୍ଚ୍ଚ ୩ରୁ ୫ ତାରିଖ) ବିଶ୍ୱ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ଅଧିକାର ମଧ୍ୟ କଳିଙ୍ଗ ଷ୍ଟାଡିୟମକୁ ମିଳିଛି। ଯାହାକି ଦେଶରେ ପ୍ରଥମଥର ଲାଗି ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ହେବ। ଦେଶରେ ଇନଡୋର ଆଥଲେଟିକ୍ସର ଷ୍ଟାଡିୟମ ଉପଲବ୍ଧ ନ ଥିବାରୁ ଭାରତୀୟ ଆଥ୍‌ଲେଟ୍‌ମାନେ ବିଦେଶରେ ଆୟୋଜିତ ଇନଡୋର ଦୌଡ଼କୁଦ ପ୍ରତିଯୋଗିତାରେ ଭାଗନେଇଥାନ୍ତି। ତେଣୁ ଭାରତୀୟ ଆଥଲେଟ୍‌ମାନଙ୍କୁ ପ୍ରଥମଥର ଲାଗି ଘରୋଇ ମାଟିରେ ଇନଡୋର ଦୌଡ଼କୁଦ ପ୍ରତିଯୋଗିତାର ସୁଯୋଗ ମିଳିଛି। ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ଦେଶର ପାଖାପାଖି ୩୦୦ ଆଥ୍‌ଲେଟ୍ ମୋଟ୍ ୧୧ଟି ଇଭେଣ୍ଟରେ ଭାଗନେବେ। ଉତ୍ତର ପ୍ରଦେଶରୁ ସର୍ବାଧିକ ୩୦ଜଣ କ୍ରୀଡ଼ାବିତ୍‌ଙ୍କୁ ଏଥିରେ ଦେଖିବାକୁ ମିଳିବ। ଫିଲ୍ଡ ଇଭେଣ୍ଟରେ ହାଇଜମ୍ପ, ଲଙ୍ଗଜମ୍ପ, ପୋଲ୍‌ଭଲ୍ଟ, ଟ୍ରିପଲ ଜମ୍ପ, ସଟ୍‌ପୁଟ୍ ରହିଛି। ସେହିଭଳି ରେସ୍ ଇଭେଣ୍ଟରେ ୬୦ ମିଟର, ୬୦ ମିଟର ହର୍ଡଲ୍ସ, ୪୦୦ ମିଟର, ୮୦୦ ମିଟର, ୧୫୦୦ ମିଟର ଓ ୩ ହଜାର ମିଟର ସାମିଲ ରହିଛି। ତେବେ ଜାଭେଲିନ ଥ୍ରୋ ଏଥିରେ ସାମିଲ ନ ଥିବାରୁ ଦୁଇଥରର ଅଲିମ୍ପିକ ପଦକ ବିଜେତା ତାରକା ଆଥ୍‌ଲେଟ୍ ନୀରଜ ଚୋପ୍ରାଙ୍କୁ ଏଥିରେ ଦେଖିବାକୁ ମିଳିବନି। ସେହିଭଳି ୩୦୦୦ ମିଟର ବାଧାଦୌଡ଼ ଇଭେଣ୍ଟ ମଧ୍ୟ ଇନଡୋର ପ୍ରତିଯୋଗିତାରେ ନ ଥିବାରୁ ଅବିନାଶ ସାବଲେଙ୍କୁ ମଧ୍ୟ ଦର୍ଶକ ଦେଖିବାକୁ ବଞ୍ଚିତ ହେବେ। ଓଡ଼ିଶାର ତାରକା ଧାବକ ଅନିମେଶ କୁଜୁରଙ୍କ ଝଲକ କିନ୍ତୁ ଏଠାରେ ଦେଖିବାକୁ ମିଳିବ। ସେ ତାଙ୍କର ପାରମ୍ପରିକ ୧୦୦ ଓ ୨୦୦ ମିଟର ରେସ୍ ବଦଳରେ ୬୦ ମିଟର ସ୍ପ୍ରିଣ୍ଟରେ ଭାଗନେବେ।

ପ୍ରକାଶଯୋଗ୍ୟ, ଗତ ସରକାରରେ ଦୂରଦୃଷ୍ଟି ସମ୍ପନ୍ନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଦକ୍ଷିଣ ଏସିଆର ପ୍ରଥମ ଇନଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମରେ କଳିଙ୍ଗ ଷ୍ଟାଡିୟମରେ ନିର୍ମିତ ହୋଇଥିଲା। ଏଥିରେ ୨୦୦ ମିଟରର ସିନ୍ଥେଟିକ ଟ୍ରାକ୍ ରହିଛି। ଏଠାରେ ୧୭୦୦ ଦର୍ଶକ ବସି ଖେଳ ଉପଭୋଗ କରିପାରିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS